


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 326 | ଭାଗ ୩୨ | ସଂଖ୍ୟା ୩୨୬ | Bhubaneswar | Wednesday 19 February 2025 | Page 8 Rs. 4.00 | ● ଭୁବନେଶ୍ୱର ବୁଧବାର ୧୯ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ୨୦୨୭ ସୁଦ୍ଧା ସବୁ ଘରକୁ ପାଣି

## ଫୋକସରେ ବିଶୁଦ୍ଧ ଓ ସୁରକ୍ଷିତ ପାନୀୟ ଜଳ ଯୋଗାଣ




### ଜଳବାୟୁ ପରିବର୍ତ୍ତନ ଯୋଗୁଁ ପ୍ରଭାବିତ ହେଉଛି ଓଡ଼ିଶା

ନୂଆଦିଲ୍ଲୀ,୧୮।୨(ସଂଚାର ବ୍ୟୁରୋ): ରାଜ୍ୟର ସବୁ ଗ୍ରାମୀଣ ଘରକୁ ୨୦୨୭ ସୁଦ୍ଧା ପିଇବା ପାଣି ଯୋଗାଇଦିଆଯିବ। କେବଳ ପାଣି ଯୋଗାଇଦେଲେ ହେବନି, ପ୍ରତି ଘରକୁ ଯାଉଥିବା ପାଣି ବିଶୁଦ୍ଧ ଓ ନିରାପଦ ହୋଇଥିବା ଆବଶ୍ୟକ। ଏହାକୁ ସୁନିଶ୍ଚିତ କରିବାକୁ ରାଜ୍ୟ ସରକାର ସବୁ ସମ୍ଭବ ପଦକ୍ଷେପ ଗ୍ରହଣ କରୁଛନ୍ତି। ଉଦୟପୁରଠାରେ ଆୟୋଜିତ ଜଳମନ୍ତ୍ରୀ ସମ୍ମିଳନୀରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜଳ ଜୀବନ ମିଶନରେ ପ୍ରତି ଘରକୁ ପାଣି ଯୋଗାଇଦେବାକୁ ରାଜ୍ୟ ସରକାରଙ୍କ ପ୍ରାଥମିକତା। ୨୦୧୯ରେ ରାଜ୍ୟର ମାତ୍ର ୩.୫ ପ୍ରତିଶତ ଗ୍ରାମୀଣ ପରିବାରକୁ ପାଇପ ଯୋଗେ ପିଇବା ପାଣି ମିଳୁଥିଲା। ଏବେ ୭୬.୪ ପ୍ରତିଶତ ପରିବାରକୁ ମିଳୁଛି ବିଶୁଦ୍ଧ ପାନୀୟ ଜଳ। ମାର୍ଚ୍ଚ ୨୦୨୭ ସୁଦ୍ଧା ଶତ ପ୍ରତିଶତ ଗ୍ରାମୀଣ ପରିବାରକୁ ପାଇପ ଯୋଗେ ବିଶୁଦ୍ଧ ପାଣି ଯୋଗାଇଦେବାକୁ ସୁନିଶ୍ଚିତ କରିବେ ସରକାର। ବିଶୁଦ୍ଧ ପାଣି ଯୋଗାଇଦେବାକୁ ରାଜ୍ୟରେ ଏବେ ୭୭ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଟେଷ୍ଟିଂ ଲାବ୍ରାଟୋରୀ ରହିଛି। ୯୪ ହଜାରରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠିକୁ ପାଣିର ମାନ ପରୀକ୍ଷା ପାଇଁ ତାଲିମ ଦିଆଯାଇଛି। ଏଥିସହିତ ପାଣି ପଞ୍ଚାୟତ ଓ ବୃହତ ଉଠା ➪ପୃଷ୍ଠା-୬

### କିଟ୍ କଳା କୋଠରିର ଖଳନାୟକଙ୍କ କେଳେଙ୍କାରୀ

# ଅଚ୍ୟୁତ ଏବେ ବିଚ୍ୟୁତ



- ପ୍ରତିଷ୍ଠାତାଙ୍କ ଇଙ୍ଗିତରେ ହୋଇଛି ଆକ୍ରମଣ
- କାର୍ଯ୍ୟାନୁଷ୍ଠାନ ଭୟରେ କ୍ଷମାପ୍ରାର୍ଥନା ନାଟକ
- ଆଇଆରଓ ମୁଖ୍ୟ ବିକ୍ରମାଦିତ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ?

ଭୁବନେଶ୍ୱର,୧୮।୨(ସଂଚାର ବ୍ୟୁରୋ): କିଟ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା ପରବର୍ତ୍ତୀ ହିଂସା ଘଟଣାରେ ଖୋଦ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରଚ୍ଛନ୍ନ ହାତ ରହିଛି। ତାଙ୍କରି ନିର୍ଦ୍ଦେଶରେ ହିଁ ହୋଇଥିଲା ଛାତ୍ରଛାତ୍ରୀଙ୍କ ଉପରେ ଆକ୍ରମଣ। ଛାତ୍ରଛାତ୍ରୀଙ୍କ ଉପରେ ଆକ୍ରମଣ ପୂର୍ବର ଏକ ଭିଡିଓ ଓ ହଷ୍ଟେଲରୁ ବାହାରିବା ପରେ ଜଣେ ଛାତ୍ର ନିଜ ପରିବାର ସହ ହୋଇଥିବା କଥାବାର୍ତ୍ତାର ଅଡିଓରୁ ଏହା ସ୍ପଷ୍ଟ ପ୍ରମାଣିତ ହେଉଛି। ଅଚ୍ୟୁତଙ୍କ ପାଇଁ ରାଜ୍ୟ ଓ ଦେଶ ଅପମାନିତ ହେବା ସହ ଅପବାଦ ବି ମୁଣ୍ଡାଉଛି। ଯେଉଁଥିପାଇଁ ଆଜି ସରକାର ଓ ପୁଲିସ କାର୍ଯ୍ୟାନୁଷ୍ଠାନ ବି ତ୍ୱରିତ ହୋଇଛି। ତଦନ୍ତ ପାଇଁ ତିନିଜଣିଆ କମିଟି ଗଠନ କରିଛନ୍ତି ସରକାର। ବୋଧହୁଏ ➪ପୃଷ୍ଠା-୬

### ଗିରଫର କେଇଘଣ୍ଟାରେ ଜାମିନ



କିଟ୍‌ରେ ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣାରେ ସାରା ରାଜ୍ୟ ଉଠୁଛି ପଡୁଛି। ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଛି। ଏହି ଘଟଣାରେ ଗିରଫ କରାଯାଇଥିବା ୫ ଜଣ ଦୋଷୀଙ୍କୁ ଜାମିନ ମିଳିଛି। ମୃତ୍ୟୁ ଘଟଣାରେ ୫ ଗିରଫଙ୍କୁ ଜାମିନ ମିଳିଛି। ୩ ନିର୍ଦ୍ଦେଶକଙ୍କ ସମେତ ୨ ସୁରକ୍ଷାକର୍ମୀଙ୍କୁ ଜାମିନ ମିଳିଛି। ଗିରଫ ହୋଇଥିବା ନିର୍ଦ୍ଦେଶକ ଶିବାନନ୍ଦ ମିଶ୍ର, ପ୍ରତାପ ଚମ୍ପତି, ସୁଧୀର ରଥ, ସୁରକ୍ଷାକର୍ମୀ ରମାକାନ୍ତ ନାୟକ, ଯୋଗେନ୍ଦ୍ର ବେହେରାଙ୍କୁ ଜାମିନ ଦିଆଯାଇଛି। ଜଣେ ଜାମିନଦାର ଓ ୨୦ ହଜାର ଟଙ୍କା ବେଲବଣ୍ଡରେ ଭୁବନେଶ୍ୱର ଜେଏମଏଫସି-୨ ଜାମିନ୍ ଦେଇଛନ୍ତି।



### ବିଧାନସଭାରେ ଗିରଫ ଦାବି

ଭୁବନେଶ୍ୱର,୧୮।୨(ସଂଚାର ବ୍ୟୁରୋ): ଛାତ୍ରୀ ଆତ୍ମହତ୍ୟା ଘଟଣାରେ କିଟ୍ ଅଶାନ୍ତ ଥିବା ବେଳେ ଆଜି ବିଧାନସଭାରେ ଉଠିଛି ଏହି ପ୍ରସଙ୍ଗ। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଏହି ଘଟଣାର ନ୍ୟାୟିକ ତଦନ୍ତ ଦାବି କରିଥିବା ବେଳେ ବିଜେପି ବିଧାୟକ ବାବୁ ସିଂହ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଗିରଫ କରାଯାଉ ବୋଲି କହିଛନ୍ତି। ➪ପୃଷ୍ଠା-୬

### ନେପାଳରେ ଆନ୍ଦୋଳନ, ସଂସଦରେ ଉଠିଲା ସ୍ୱର

କାଠମାଣ୍ଡୁ: କିଟ୍‌ରେ ଜନୈକା ଯୁକ୍ତ ତିନି ଛାତ୍ରୀ ଆତ୍ମହତ୍ୟା କରିଥିବା ବେଳେ ଏହି ଘଟଣା ନେଇ ଦେଶ ସାରା ହଇଚଇ ସୃଷ୍ଟି ହୋଇଛି। ଏପରିକି କିଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ ସୁଦୂର ନେପାଳରେ ସ୍ଲୋଗାନ୍ ଦିଆଯାଇଛି। ବିଭିନ୍ନ ଗୋଷ୍ଠୀ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଏପରିକି ନେପାଳ ସଂସଦରେ ଏହି ପ୍ରସଙ୍ଗ ଉପସ୍ଥାପିତ ହେବା ସହ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଛାତ୍ରଛାତ୍ରୀମାନେ ରାସ୍ତାକୁ ଓହ୍ଲାଇ ବିଭିନ୍ନ ପ୍ଲାକାର୍ଡ ଧରି ନାରା ଦେଇଛନ୍ତି। ତଦନ୍ତରେ ସ୍ୱଚ୍ଛତା ରଖାଯିବା ସହ ବିଦେଶୀ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରକ୍ଷା ସକାଶେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଠୋସ୍ ପଦକ୍ଷେପ ପାଇଁ ସେମାନେ ଦାବି କରିଛନ୍ତି। ଆଗାମୀ ଦିନରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ, ସେ ଦିଗରେ ପଦକ୍ଷେପ ନେବା ସହ ପୀଡ଼ିତା ଛାତ୍ରୀଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଦାବି ➪ପୃଷ୍ଠା-୬

### ଆରମ୍ଭ ହେବ ୧୦୯

ଭୁବନେଶ୍ୱର,୧୮।୨ (ସଂଚାର ବ୍ୟୁରୋ): ଏବେ ୧୦୮ରେ ଫୋନ୍ କଲେ ଲୋକଙ୍କ ପାଖରେ ପହଞ୍ଚିଯାଉଥିଲା ଆମ୍ବୁଲାନ୍ସ। ୨୦ରୁ ୩୦ ମିନିଟ ଭିତରେ ଆମ୍ବୁଲାନ୍ସ ପହଞ୍ଚିବା ସହ ଆହତ ଓ ରୋଗୀଙ୍କୁ ତୁରନ୍ତ ହସ୍ପିଟାଲରେ ପହଞ୍ଚୁଛି। ଠିକ୍ ସେହିପରି ରାଜ୍ୟରେ ୧୦୯ ସେବା ଆରମ୍ଭ ହେବ। ଯଦି କୌଣସି ବ୍ୟକ୍ତିଙ୍କର ହସ୍ପିଟାଲରେ

- ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଘୋଷଣା
- ଆମ୍ବୁଲାନ୍ସରେ ଘରେ/ଶ୍ମଶାନରେ ପହଞ୍ଚାଯିବ ମୃତଦେହ
- ଦେବାକୁ ପଡ଼ିବନି କୌଣସି ଦେୟ

ମୃତ୍ୟୁ ହୁଏ, ତେବେ ତାଙ୍କୁ ହସ୍ପିଟାଲରୁ ଘରକୁ କିମ୍ବା ଶ୍ମଶାନକୁ ନେବା ସକାଶେ ଏହି ସେବାର ଉପଯୋଗ କରାଯାଇପାରିବ। ଏହା ସମ୍ପୂର୍ଣ୍ଣ ଭାବେ ଦେୟମୁକ୍ତ ରହିବ। ଫୋନ୍ କରିବାର ୨୦ରୁ ୩୦ ମିନିଟ ମଧ୍ୟରେ ଏହି ସେବା ଉପଲବ୍ଧ ହେବ। ପ୍ରଥମ ପର୍ଯ୍ୟାୟରେ ଏହା ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ମେଡିକାଲ କଲେଜରେ ଆରମ୍ଭ ହେବ ବୋଲି ଆଜି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ଏନେଇ ଗତକାଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ଉପସ୍ଥାପନ କରିଥିବା ପୂର୍ଣ୍ଣାଙ୍ଗ ବଜେଟ୍‌ରେ ସ୍ୱତନ୍ତ୍ର ଅର୍ଥ ବରାଦ ହୋଇଛି। ଏହାଦ୍ୱାରା ସରକାରୀ ହସ୍ପିଟାଲରେ ମୃତ୍ୟୁ ପରେ ଶବ ନେବା ଦିଗରେ ସାଧାରଣ ଲୋକେ ଭୋଗୁଥିବା ସମସ୍ୟାର ସମାଧାନ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି।

## ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ରେଡ୍



### ସୋସିଆଲ୍ ମିଡିଆରେ ବୁଲୁଛି ଇସ୍ତଫାପତ୍ର

ଭୁବନେଶ୍ୱର,୧୮।୨(ସଂଚାର ବ୍ୟୁରୋ): ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଛି। ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀ ଲିଙ୍କ୍‌କୁ ନେଇ ଶ୍ରୀ ସେଠୀଙ୍କ ସ୍ଥାନୀୟ ଫରେଷ୍ଟ ପାର୍କସ୍ଥିତ ସରକାରୀ ବାସଭବନରେ ଏହି ଚଢ଼ାଉ କରିଛି। ଆଜି ସକାଳୁ ସିବିଆଇର ଏକ ୮ଜଣିଆ ଟିମ୍ ଉକ୍ତ ବାସଭବନରେ ପହଞ୍ଚି ପାଖାପାଖି ୧୫ ଘଣ୍ଟା ଖୋଳତାଡ଼ କରିଛି। ପୂର୍ବରୁ ଏହି ମାମଲାରେ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀର ପୂର୍ବାଞ୍ଚଳ ମୁଖ୍ୟ ଚଞ୍ଚଲ୍ ମୁଖାର୍ଜୀ, ସୁପର କ୍ଲାସ କଣ୍ଟ୍ରାକ୍ଟର ଦେବଦତ୍ତ ମହାପାତ୍ରଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି ସିବିଆଇ। ଅବଶ୍ୟ ପରବର୍ତ୍ତୀ ସମୟରେ ଏହି ଅଭିଯୁକ୍ତମାନେ ଜାମିନରେ ମୁକୁଳିଛନ୍ତି। ସୂଚନାନୁସାରେ, ଗତବର୍ଷ ଡିସେମ୍ବର ୭ ତାରିଖ ରାତିରେ ହୋଟେଲ ମେ' ଫେୟାର ସାମ୍ନାରୁ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଲିମିଟେଡ ନିର୍ଦ୍ଦେଶକ ଶ୍ରୀ ମୁଖାର୍ଜୀ ଜଣେ ଠିକାଦାରଙ୍କଠୁ ଲାଞ୍ଚ ନେବା ସମୟରେ ତାଙ୍କୁ ସିବିଆଇ ଅଧିକାରୀମାନେ ମାଡ଼ି ➪ପୃଷ୍ଠା-୬

## ଗଣେଶ୍ୱରଙ୍କ ଖେଳ ଏବେ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ କାଳ





- ପରୀକ୍ଷା ସମୟରେ ଫୁଟବଲ ଖେଳ କରିବାକୁ ବିଧାୟକଙ୍କ ଜିଦ୍
- ବିଜେପି ନେତାଙ୍କ ସହାୟତାରେ କରିବେ ଖେଳ

କେନ୍ଦ୍ରାପଡ଼ା,୧୮।୨(ସଂଚାର ବ୍ୟୁରୋ): ମାଟ୍ରିକ ପରୀକ୍ଷା ସମୟରେ ସ୍କୁଲ ପଡ଼ିଆରେ ଖେଳ ହୋଇପାରିବ ନାହିଁ ବୋଲି ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ନିର୍ଦ୍ଦେଶନାମା ଜାରି କରିବାର ୨୪ ଘଣ୍ଟା ନ ପୂରୁଣୁ ବିଧାୟକ ଗଣେଶ୍ୱର ବେହେରା ଖେଳ ସପକ୍ଷରେ ବାହାରିଛନ୍ତି। କେତେକ ବିଜେପି ନେତାଙ୍କ ସହାୟତାରେ ପରୀକ୍ଷା ସମୟରେ ଖେଳ କରିବାକୁ ଗଣେଶ୍ୱରଙ୍କ ଜିଦ୍ ଏବେ ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ କାଳ ହେଲାଣି । ଜିଲ୍ଲାରେ ଏହି ଖେଳ ରାଜନୀତି ବିଜେଡିକୁ ବୁଡାଇବାକୁ ଯାଉଥିବାବେଳେ ଗଣେଶ୍ୱରଙ୍କ ପଛରେ କେଉଁ ବିଜେପି ନେତାଙ୍କ ସମର୍ଥନ ରହିଛି, ତା'ର ଖୋଳତାଡ଼ ଆରମ୍ଭ ହୋଇଛି ।

ପ୍ରଥମେ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳିବାକୁ ପ୍ରୟାସ କରୁଥିଲା ବିଜେଡ଼ି। ମ୍ୟାଟ୍ରିକ ପିଲାଙ୍କ ପରୀକ୍ଷା ଦିନ ଧାର୍ଯ୍ୟ ହୋଇସାରିଥିବା ବେଳେ ବିଜେଡିର ନେତା ଓ ତାଙ୍କ କର୍ମୀ ଏହାକୁ ଗୁରୁତ୍ୱ ନଦେଇ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଫୁଟବଲ ଖେଳ ଆୟୋଜନ ପାଇଁ ପୂରା ପ୍ରସ୍ତୁତି ଆରମ୍ଭ କରିଥିଲେ, ଯାହାକୁ ବୁଦ୍ଧିଜୀବୀ ନାପସନ୍ଦ କରୁଥିଲେ। କିନ୍ତୁ ଏହି ଘଟଣାକୁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଗୁରୁତର ସହକାରେ ଗ୍ରହଣ କରିବା ସହ ଆସନ୍ତା ମାଟ୍ରିକ ପରୀକ୍ଷା ଦୃଷ୍ଟିରୁ ଜିଲ୍ଲାର କୌଣସି ବିଦ୍ୟାଳୟର ଶ୍ରେଣୀଗୃହ, ବିଦ୍ୟାଳୟ ପରିସର କିମ୍ବା ଖେଳପଡ଼ିଆକୁ କେହି କ୍ରୀଡ଼ା ବା କୌଣସି ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ବ୍ୟବହାର କରିପାରିବେନି ବୋଲି ଜିଲ୍ଲାପାଳ ଏକ ନିର୍ଦ୍ଦେଶନାମା ଜାରି କଲେ। ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଚଳିତ ଫେବୃୟାରୀ ମାସ ୧୮ତାରିଖରୁ ଆସନ୍ତା ମାର୍ଚ୍ଚ ମାସ ୨୭ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟର ମାଟ୍ରିକ ଓ ଅନ୍ୟାନ୍ୟ ପରୀକ୍ଷା ହେଉଥିବାରୁ ଉକ୍ତ ସମୟ ମଧ୍ୟରେ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟର ଶ୍ରେଣୀଗୃହ, ପରିସର ଓ ଖେଳପଡ଼ିଆକୁ କ୍ରୀଡ଼ା କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ କେହି ବ୍ୟବହାର କରିପାରିବେ ନାହିଁ। ଯଦି କେହି ବ୍ୟବହାର କରନ୍ତି, ତା'ହେଲେ ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲ୍ଲାପାଳଙ୍କ ଏପରି ନିର୍ଦ୍ଦେଶକୁ ଜିଲ୍ଲାବାସୀ ସ୍ୱାଗତ କରୁଥିବାବେଳେ ବିଧାୟକ କିନ୍ତୁ ➪ପୃଷ୍ଠା-୬

## ବିଜେଡି ଉପରେ ଭରସା କରିପାରୁନି କଂଗ୍ରେସ

- ବିଧାନସଭାରେ ବିରୋଧୀଙ୍କ ଫାଟ
- ଦୁଇ ଦଳ ମୁହଁ ଦୁଇ ଦିଗକୁ

ଭୁବନେଶ୍ୱର,୧୮।୨(ସଂଚାର ବ୍ୟୁରୋ): ବିଧାନସଭା ଭିତରେ ବିଜେଡି ଉପରେ ଭରସା କରିପାରୁନି କଂଗ୍ରେସ। ଯେଉଁ ପ୍ରସଙ୍ଗ ନେଇ ବିଜେଡି ଗୃହ ମଧ୍ୟରେ ହଟ୍ଟଗୋଳ କରୁଛି, ସେଥିରେ କଂଗ୍ରେସ ସଦସ୍ୟମାନେ ଉଁ କି ଚୁଁ କହୁନାହାନ୍ତି। କଂଗ୍ରେସ ନିଜ ଏଜେଣ୍ଡା ନେଇ ମଇଦାନକୁ ଆସୁଛି। ବଜେଟ୍ ଅଧିବେଶନରେ ବିରୋଧୀଙ୍କ ଭିତରେ ଏଭଳି ଫାଟ ଜଳଜଳ ହୋଇ ଦିଶୁଛି। ଅଧିବେଶନ ଆରମ୍ଭରୁ ଦୁଇ ଦଳ ଗୃହ ମଧ୍ୟଭାଗକୁ ଆସିଥିଲେ ବି ପ୍ରସଙ୍ଗ ଥିଲା ଅଲଗା। ବିଜେଡି ଚାଷୀ ପ୍ରସଙ୍ଗରେ ଆସିଥିବା ବେଳେ କଂଗ୍ରେସ ଆଇନଶୃଙ୍ଖଳା ପ୍ରସଙ୍ଗରେ ଆସିଥିଲା। ଦୁଇ ଦଳ ଭିନ୍ନ ଭିନ୍ନ ସ୍ଲୋଗାନ ଦେଇଥିଲେ। ତେବେ ଚାଷୀ ପ୍ରସଙ୍ଗରେ ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2025

Empowering students for a brighter future

LAW PROGRAMMES OFFERED
- BA LLB (H) - Integrated Law
- BBA LLB (H) - Integrated Law
- LLB (H) - 3 Years Law
- LLM

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 09th Best in Law Category
- 14th Best in University Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


## ଖୋସାମତିଆଙ୍କ ଆଖଡ଼ାଶାଳ ଦୂରଦର୍ଶନ କେନ୍ଦ୍ର

- ଅଣଓଡ଼ିଆଙ୍କୁ ଭୁଆଁ ବୁଲାଉଛନ୍ତି ଓଡ଼ିଆ
- କେନ୍ଦ୍ରକୁ ବିପଦ ଗାଦିମଡ଼ା ବାବୁ




ଭୁବନେଶ୍ୱର,୧୮।୨(ସଂଚାର ବ୍ୟୁରୋ): ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ଏବେ କିଛି ଖୋସାମତିଆଙ୍କ ଆଖଡ଼ାଶାଳ ପାଲଟିଛି। ନିୟମିତ ଭାବେ କିଛି ଲୋକଙ୍କ ମୁହଁ ଦେଖିବା ପରେ ଦୂରଦର୍ଶନ କେନ୍ଦ୍ରକୁ ନେଇ ଏଭଳି ଆଲୋଚନା ଆରମ୍ଭ ହୋଇଛି। ଯିଏ ଏଠାରେ ଖୋସାମତ କରିପାରିଲା ସିଏ ମୁହଁ ଦେଖାଇବାର ସୁଯୋଗ ପାଉଥିବା କୁହାଯାଉଛି।

ଏକଦା ନିଜର କାର୍ଯ୍ୟକ୍ରମ ଓ ଖବର ପ୍ରସାରଣ ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ବେଶ ସୁନାମ ଅର୍ଜନ କରି ପୁରସ୍କୃତ ହୋଇଥିବା ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ଆଉ ପୂର୍ବ ଚମକ ନାହିଁ। ମନୋରଞ୍ଜଧର୍ମୀ କାର୍ଯ୍ୟକ୍ରମ ହେଉ କିମ୍ବା ଖବର ପ୍ରସାରଣ, ଲୋକେ ଏହାକୁ ଦେଖିବାକୁ ଆଉ ପୂର୍ବଭଳି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହାର କାରଣ ହେଉଛି ଅଧିକାଂଶ ସମୟରେ ପୁରୁଣା କାର୍ଯ୍ୟକ୍ରମର ବାରମ୍ବାର ପ୍ରସାରଣ ଓ କିଛି ଲୋକ ବାରମ୍ବାର ଏଠାରେ ମୁହଁ ଦେଖାଇବା। ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରରେ ଏବେ କାର୍ଯ୍ୟକ୍ରମ ପ୍ରସ୍ତୁତିଠାରୁ ଖବର ପ୍ରସାରଣ ପର୍ଯ୍ୟନ୍ତ ଅଧିକାଂଶର ମୁଖିଆ ହେଉଛନ୍ତି ଅଣଓଡ଼ିଆ। ଓଡ଼ିଆ ଓ ଓଡ଼ିଶା ସହିତ ସେମାନଙ୍କର ସେମିତି କିଛି ନେଣଦେଣ ନାହିଁ। ତେଣୁ ଏଠାରେ ଗାଦିମଡ଼ା କିଛି ଓଡ଼ିଆ ଅଧିକାରୀ ଓ କର୍ମଚାରୀ ଏହାର ଭରପୂର ଫାଇଦା ଉଠାଉଛନ୍ତି। ଯିଏ ସେମାନଙ୍କୁ ଖୋସମତ କରୁଛି, ସେମାନଙ୍କୁ ମୁହଁ ଦେଖାଇବାର ସୁଯୋଗ ମିଳୁଛି। କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ଏଠାରେ ବର୍ଷ ବର୍ଷ ଧରି ବିଭିନ୍ନ କାର୍ଯ୍ୟକ୍ରମରେ ଦେଖା ଦେଉଛନ୍ତି। ସେମାନେ ପ୍ରାୟତଃ ସବୁ ବିଷୟରେ ବିଶେଷଜ୍ଞ ବୋଲି ଦର୍ଶକମାନେ ପରିହାସ ଛଳରେ କହୁଛନ୍ତି।

ଦୂରଦର୍ଶନର ସମାଚାର ବିଭାଗର ମାନ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଏହି ବିଭାଗର ଖବର ପ୍ରସାରଣଠାରୁ ଆରମ୍ଭକରି ବିଧାନସଭା ସମୀକ୍ଷା, ପରିକ୍ରମା ➪ପୃଷ୍ଠା-୬

## ରାଜନଗର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଜମି ବିକୁଛନ୍ତି ନକଲି ମାଲିକ

ରାଜନଗର,୧୮।୨ (ସଂଚାର ବ୍ୟୁରୋ): ରାଜନଗର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଜମି ବିକୁଛନ୍ତି ନକଲି ଜମି ମାଲିକ। ଜମି ଜଣକ ନାମରେ ଥିବା ବେଳେ ନକଲି ଆଧାର କାର୍ଡ ପ୍ରସ୍ତୁତ କରି ଜମି ବିକ୍ରି କରାଯାଉଛି। ଏହି ଘଟଣାରେ ତହସିଲଦାର ତଥା ସବରେଜିଷ୍ଟ୍ରାର ଅଜୟ କୁମାର ମହାନ୍ତି ରାଜନଗର ଥାନାରେ ଏତଲା ଦେଇଛନ୍ତି। ସୂଚନା ମୁତବକ ରାଜକନିକା ଥାନା ଅନ୍ତର୍ଗତ ଗଂଜା ଗ୍ରାମର ବୈକୁଣ୍ଠ ନାଥ ପରିଡାଙ୍କ ପୁତ୍ର ବିଶ୍ୱରଞ୍ଜନ ପରିଡ଼ାଙ୍କର ରାଜନଗର ତହସିଲର ସାରାଜେନ୍ଦ୍ରପୁର ମୌଜାରେ ଖାତା ନମ୍ବର ୧୩୬/୨୪୫, ପ୍ଲଟ ନମ୍ବର ୧୯୧/୫୪୯ ରେ ଗୋଟିଏ ଏକର ଚାଷ ଜମି ରହିଛି। ତାଙ୍କର ଓ ତାଙ୍କ ପରିବାର ଲୋକଙ୍କ ଅଜାଣତରେ ୧୪ ତାରିଖ ଦିନ ଏହି ଜମି ବିକ୍ରି କରିବା ପାଇଁ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା କୃଷ୍ଣନଗର ଗ୍ରାମର ଅର୍ଜୁନ ଦାସଙ୍କ ପୁଅ ବିକ୍ରମ ଦାସ ଓରଫ ବାଲା ରାଜନଗରରେ ପହଞ୍ଚି ଦଲିଲ ଲେଖାଇ ସାରିଥିଲା। ଜମି ଥିବା ସାରାଜେନ୍ଦ୍ରପୁର ଗାଁର ବିଷ୍ଣୁପଦ ସେଠୀ ଜମି କିଣିବା ପାଇଁ ଦଲିଲ ଲେଖା ହୋଇଥିଲା। ପକୃତ ଜମି ମାଲିକ ବିଶ୍ୱ ରଞ୍ଜନଙ୍କ ଗାଁର ସାଧୁମଣି ସାହୁ ଏହି ଦଲିଲରେ ସାକ୍ଷୀ ଭାବେ ଦସ୍ତକତ କରିଥିଲେ। ଭେଣ୍ଡର ହେମନ୍ତ କୁମାର ସାହୁ ଦଲିଲ ଲେଖାଇ ସାରିବା ପରେ କବଲା କରିବାକୁ ଉପନିବନ୍ଧକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଉପନିବନ୍ଧକ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ପ୍ରଶାନ୍ତ ମହାକୁଡ ଦଲିଲ ଦେଖିବା ପରେ ଆଧାର କାର୍ଡ ଦେଖି ବିକ୍ରେତାଙ୍କୁ ବୟସ ପଚାରିଥିଲେ। ନକଲି ବିକ୍ରେତା ବୟସ ଭୁଲ କହିଥିଲେ।ଏହା ପରେ ଖୋଳତାଡ କରିବାରୁ ନକଲି କବଲା ହେଉଥିବା ଜଣାପଡ଼ିଥିଲା। ପ୍ରଥମେ କ୍ରେତା, ବିକ୍ରେତା, ସାକ୍ଷୀ ଓ ଦଲିଲ ଲେଖିଥିବା ଭେଣ୍ଡରଙ୍କୁ ଉପନିବନ୍ଧକ କାର୍ଯ୍ୟାଳୟର କର୍ମଚାରୀ ମାନେ ଅଟକାଇଥିଲେ, ପରେ ପୋଲିସରେ ଜିମ ନଦେଇ ନକଲି ଜମି ବିକ୍ରେତାଙ୍କୁ ଛାଡି ଦେଇଥିଲେ। କଥା ବ୍ୟାପିଯିବା ପରେ ୧୫ ତାରିଖ ଦିନ ପକୃତ ଜମି ମାଲିକ ଗଞ୍ଜା ଗାଁର ବିଶ୍ୱ ରଞ୍ଜନ ପରିଡା ରାଜନଗର ସବରେଜିଷ୍ଟ୍ରରଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇଥିଲେ। ଏହା ପରେ ତହସିଲଦାର ତଥା ସବରେଜିଷ୍ଟ୍ରର ଅଜୟ କୁମାର ମହାନ୍ତି ରାଜନଗର ଥାନାରେ ନକଲି ଜମି ବିକ୍ରେତା, କ୍ରେତା, ସାକ୍ଷୀ ଓ ଦଲିଲ ଲେଖିଥିବା ଭେଣ୍ଡରଙ୍କ ନାଁରେ ଲିଖିତ ଭାବେ ଜଣାଇଛନ୍ତି।

### ବଳଦେବଜୀଉ ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟ

## ଆଇନ ମନ୍ତ୍ରୀଙ୍କ ସହିତ ଉଚ୍ଚ ସ୍ତରୀୟ ବୈଠକ



କେନ୍ଦ୍ରାପଡ଼ା,୧୮।୨ (ସଂଚାର ବ୍ୟୁରୋ): କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ଓ ଚର୍ତୁପାଶ୍ୱର୍ର ଉନ୍ନତି କରଣ ଓ ଭିତ୍ତିଭୂମିର ବିକାଶ ପାଇଁ ମହାକାଳପଡା ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକଙ୍କ ପ୍ରଚେଷ୍ଟାରେ ଲୋକସେବା ଭବନରେ ମାନ୍ୟବର ମନ୍ତ୍ରୀ ପୃଥିରାଜ ହରିଚନ୍ଦନଙ୍କ ସହିତ ଜିଲ୍ଲାର ପ୍ରଶାସନିକ ଅଧିକାରୀ ଓ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଲୋକସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଇନ ବିଭାଗର ଅତିରିକ୍ତ ଶାସନ ସଚିବ ବିଭୁ ପ୍ରସାଦ ପଣ୍ଡା, ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ, ଉପ ଜିଲ୍ଲପାଳ ଅରୁଣ କୁମାର ନାୟକ, ଦେବୋତର କମିଶନର ଲଲାଟେନ୍ଦୁ ଜେନା, ଡ୍ରେନେଜ୍ ଡିଭିଜନ ର ଅଧିକ୍ଷଣ ଯନ୍ତ୍ରୀ ଇଂ ସିଦ୍ଧାର୍ଥ ଶେଖର ଓ ବିଭାଗୀୟ ଯନ୍ତ୍ରୀ ମାନେ ଉପସ୍ଥିତ ରହି ଉନ୍ନତି କରଣ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାରୁ ପ୍ରତିଦିନ ହଜାର ହଜାର ଭକ୍ତ ଆସୁଥିବାରୁ ଭକ୍ତମାନେ କିପରି ଶ୍ରୀଜୀଉଙ୍କ ଦର୍ଶନ ସୁରୁଖୁରୁରେ କରିବେ, ପୁରୁଣା ଚନ୍ଦନ ପୋଖରୀର ଉନ୍ନତି କରଣ, ମନ୍ଦିର ବେଢାର ଉନ୍ନତି କରଣ, ମନ୍ଦିର ସ୍ଥଳକୁ ଗମନା ଗମନର ସୁବ୍ୟବସ୍ଥା, ରୋଷ ଗୃହର ଉନ୍ନତି କରଣ, ଶୃଙ୍ଖଳିତ ପାର୍କିଙ୍ଗ ବ୍ୟବସ୍ଥା, ଜବର ଦଖଲରେ ଥିବା ଠାକୁରଙ୍କ ଜମିକୁ ପୁନରୁଦ୍ଧାର ପ୍ରଭୃତି ପ୍ରତ୍ୟକ ଦିଗ ଉପରେ ଆଲୋଚନା କରାଯାଇଥିଲା। ମନ୍ଦିର ସମେତ ମନ୍ଦିର ପାରିପାର୍ଶ୍ୱିକ ଅବସ୍ଥାରେ କିପରି ଉନ୍ନତି କରଣ ହେବ ସେଥିନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇ ତୁରନ୍ତ ଉନ୍ନତି କରଣ କରିବାପାଇଁ ସରକାର ଚେଷ୍ଟା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ଯାହାକି ଜିଲ୍ଲାବାସୀଙ୍କ ମନରେ ଖୁସିର ଲହରି ଖେଳିଯାଇଛି ।

## ସବୁ ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲାପାଳଙ୍କ ବୈଠକ



କେନ୍ଦ୍ରାପଡ଼ା,୧୮।୨ (ସଂଚାର ବ୍ୟୁରୋ): ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଏକ ବୈଠକ ଜିଲ୍ଲପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ସମେତ ସମସ୍ତ ବିଡିଓ, ସମସ୍ତ ତହସିଲଦାର, ପୂର୍ତ୍ତ ବିଭାଗ ଯନ୍ତ୍ରୀ, ଗ୍ରାମ ଉନ୍ନୟନ ବିଭାଗ ଯନ୍ତ୍ରୀ ଓ ଜଳ ଯୋଗାଣ ପରିମଳ ବିଭାଗ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ଖରାଦିନ ଆସୁଥିବାରୁ ପାନୀୟ ଜଳ ଯୋଗାଣ, ଅଚଳ ନଳକୂପ ମରାମତି, ଜଳ ସଙ୍କଟ ଥିବା ଅଂଚଳରେ ଜନ ସାଧାରଣଙ୍କ ପାଇଁ ଟ୍ୟାଙ୍କରରେ ପାନୀୟ ଜଳ ଯୋଗାଣ ଆଦି ବିଷୟରେ ଆଲୋଚନା ହୋଇଥିଲା । ଏହା ସହ ରାସ୍ତାଘାଟ ମରାମତି ଓ ଆର୍ଥିକ ବର୍ଷ ଶେଷ ପୂର୍ବରୁ ଆରମ୍ଭ ହୋଇଥିବା କାର୍ଯ୍ୟକୁ ତୁରନ୍ତ ସାରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା । ସେହିଭଳି ବିଭିନ୍ନ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନ ପ୍ରକ୍ରିୟାକୁ ତ୍ୱରାନିତ କରିବା ଓ ବିଭିନ୍ନ ଭତା ସମ୍ବନ୍ଧୀୟ ଆବେଦନ ପତ୍ର ଗୁଡିକୁ ଯାଂଚ କରି ଚୂଡାନ୍ତ ତାଲିକା ପ୍ରକାଶ କରିବା, କଚାଘର ସର୍ଭେ କାର୍ଯ୍ୟକୁ ତ୍ୱରାନିତ କରିବା, ତହସିଲରେ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟକୁ ତ୍ୱରାନିତ କରିବା ସହ ବକେୟା ଜମିଜମା ମାମଲା ଗୁଡିକୁ ଫଏସଲା କରି ରାଜସ୍ୱ ଆଦାୟ ଲକ୍ଷ୍ୟକୁ ପୁରଣ କରିବା, ଭିନ୍ନକ୍ଷମ ମାନଙ୍କ ଭତା ପ୍ରଦାନ, ଟ୍ରାଇ ସାଇକେଲ ପ୍ରଦାନ ଆଦି କାର୍ଯ୍ୟ ସହିତ ବିଭିନ୍ନ ବିଭାଗରେ ପଡି ରହିଥିବା ପୁରୁଣା ମାମଲା ଗୁଡିକୁ ଫଏସଲା କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ମନମାନୀ କରୁଛି ଠିକା ସଂସ୍ଥା ଓ କମ୍ପାନୀ

- ଦୋକାନ ଉଚ୍ଛେଦ କରୁଛି ଏନଏଚଏଆଇ
- ଉଚ୍ଛେଦ ଉଠା ଦୋକାନୀଙ୍କୁ ୫୦,୦୦୦ ଓ ବିକଳ୍ପ ସ୍ଥାନ ଦିଅ: ପ୍ରତାପ ମହାନ୍ତି
- କେମିତି ଚଳିବ ପରିବାର, ଚିନ୍ତାରେ ଦୋକାନୀ



କେନ୍ଦ୍ରାପଡ଼ା,୧୮।୨ (ସଂଚାର ବ୍ୟୁରୋ): ଚଣ୍ଡିଖୋଲ ଠାରୁ ପାରାଦ୍ୱୀପ ପ୍ରାୟ ୭୭ କି.ମି ଜାତୀୟ ରାଜପଥ- ୫୩(କ)ର ଉଭୟ ପାର୍ଶ୍ୱରେ ରାସ୍ତା ସମ୍ପ୍ରସାରଣ ହେଉଛି। ଆଉ ଏହି ରାସ୍ତା ସମ୍ପ୍ରସାରଣରେ ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଗରିବ ଶ୍ରେଣୀର ଦୋକାନୀମାନେ ବର୍ଷ ବର୍ଷ ଧରି ଦୋକାନ କରି ନିଜର ଜୀବନ ଜୀବିକା ପ୍ରତିପୋଷଣ କରୁଥିବା ବେଳେ ସେମାନଙ୍କୁ ବେଦଖଲ କରି ସେମାନଙ୍କ ଦୋକାନ ଭାଙ୍ଗି ଦିଆଯାଉଛି। ଜାତୀୟ ରାଜପଥ ଜମିରେ ସେମାନେ ଦୋକାନ କରିଥିବାରୁ ଏହି ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଏଥିରେ ପ୍ରାୟ ଦୁଇ ହଜାର ଦୋକାନ ଭଙ୍ଗା ସରିଛି। ଯାହାଦ୍ୱାରା ସେମାନଙ୍କ ଜୀବିକା ଉପରେ ବଡ଼ ଧରଣର ପ୍ରଭାବ ପଡିଛି। ଦୋକାନ ଉଚ୍ଛେଦ ପରେ ସେମାନେ ଏବେ ଚିନ୍ତାରେ ଅଛନ୍ତି। ଯାହାକୁ ନେଇ ସ୍ୱର ଉଠାଇଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ସୂଚନା ଅଧିକାର ଅଭିଯାନର ଆବାହକ ପ୍ରତାପ ମହାନ୍ତି। ଯେଉଁମାନଙ୍କୁ ଉଚ୍ଛେଦ କରାଯାଉଛି ତାଙ୍କୁ ତୁରନ୍ତ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବା ସହିତ ବିକଳ୍ପ ସ୍ଥାନ ଚିହ୍ନଟ କରି ବ୍ୟବସାୟ ପାଇଁ ଦେବାକୁ ପ୍ରତାପ ଦାବି କରିଛନ୍ତି।

ଜିଲ୍ଲପାଳମାନଙ୍କ ନିଯୁକ୍ତି କଣ ପାଇଁ ? କାହିଁକି ସେମାନଙ୍କୁ ମୋଟା ଦରମା ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆ ଯାଉଛି ଜନ ସାଧାରଣଙ୍କ ଟଙ୍କାରେ ? ସେମାନେ ଜନସାଧାରଣଙ୍କ ସେବା କରୁଛନ୍ତି ନା କମ୍ପାନୀମାନଙ୍କର ସେବା କରୁଛନ୍ତି ବୋଲି ପ୍ରତାପ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଏହି ଉଚ୍ଛେଦ କାର୍ଯ୍ୟକ୍ରମ ପ୍ରାୟ ଦୁଇ ବର୍ଷ ହେଲା ଚାଲିଛି କିନ୍ତୁ କାହାରିକୁ ଟଙ୍କାଟିଏ କ୍ଷତିପୂରଣ ଏପର୍ଯ୍ୟନ୍ତ ମିଳିଲା ନାହିଁ। ଯାହା ଅତ୍ୟନ୍ତ ଦୁଃଖର ବିଷୟ।

ଉଚ୍ଛେଦ କରିବା ପୂର୍ବରୁ ନିୟମ ପାଳନ କରିବା ବାଧ୍ୟତାମୂଳକ ଆଉ ଏ ସବୁ କାର୍ଯ୍ୟ ସ୍ଥାନୀୟ ପ୍ରଶାସନ ଦ୍ୱାରା ହେବ ବୋଲି ମାନ୍ୟବର ସୁପ୍ରିମ କୋର୍ଟଙ୍କ ରାୟରେ ଉଲ୍ଲେଖ ଅଛି। ମାନ୍ୟବର ସୁପ୍ରିମ କୋର୍ଟଙ୍କ ରାୟକୁ ପାଳନ କରି ଅତି କମରେ ସେମାନଙ୍କୁ ୫୦ ହଜାର ଲେଖାଏଁ କ୍ଷତି ପୂରଣ ଦେବା ସହ ତୁରନ୍ତ ସେମାନଙ୍କ ଥଇଥାନ ପାଇଁ ସ୍ଥାନୀୟ ଜିଲ୍ଲା ପ୍ରଶାସନ ସେମାନଙ୍କୁ ବିକଳ୍ପ ସ୍ଥାନ ପ୍ରଦାନ କରନ୍ତୁ ନଚେତ ଆଗକୁ ଏ ଘଟଣା ଉପରେ ଜୋରଦାର ଲଢେଇ ଆରମ୍ଭ ହେବ ବୋଲି ପ୍ରତାପ ସ୍ପଷ୍ଟ କରିଛନ୍ତି।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅଗ୍ନି ବିପନ୍ନ ପରିବାରକୁ ସହାୟତା

ରାଜନଗର,୧୮।୨ (ସଂଚାର ବ୍ୟୁରୋ): ରାଜନଗର ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡ଼ିଶା ସାଇନ୍ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଅଗ୍ନି ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ରାଜନଗର ବ୍ଲକ ମହୁଲିଆ ଗ୍ରାମର ବ୍ରଜବନ୍ଧୁ ପାତ୍ରଙ୍କ ଦୁଇ ବଖରା ଚାଳଘର ଗତ ଶନିବାର ସନ୍ଧ୍ୟା ସମୟରେ ନିଆଁ ଲାଗି ଭସ୍ମୀଭୂତ ହୋଇଯାଇଥିଲା। ନିଆଁର ତାପମାତ୍ରା ଏତେ ମାତ୍ରାରେ ଥିଲା ଯେ ଘରୁ କୌଣସି ଜିନିଷ ବାହାର କରିବା ସମ୍ଭବ ନଥିଲା। ଅଭାବ ଅନଟନ ଭିତରେ ସଂସାର ଚଳେଇବା ବ୍ରଜବନ୍ଧୁ ଉପରେ ଏବେ ଭୋଟ ଉପରେ ନଳିତାବିଡା ଭଳି। ଏଇ ଦୁଃଖଦ ଖବର ପାଇବା ପରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ ଅଗ୍ନି ବିପନ୍ନ ପରିବାର ନିକଟରେ ପହଂଚି ସମବେଦନା ଜଣାଇବା ସହ ପାଞ୍ଚ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।




## ଗହୀରମଥାରେ ୨ଶହ ଅଲିଭରିଡଲେଙ୍କ ଅଣ୍ଡାଦାନ

ରାଜନଗର,୧୮।୨ (ସଂଚାର ବ୍ୟୁରୋ): ଅଲିଭରିଡଲେ କଇଁଛଙ୍କ ଏକ୍ଟୁଡିଶାଳ ରୂପେ ପରିଚିତ ଗହୀରମଥାରେ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପକ୍ରିୟା ଆରମ୍ଭ ହୋଇଛି। ଗହୀରମଥାର ନାସୀ-୨, ପେଣ୍ଠ, ଯଉଡିଆ, ହବାଲିଖଟିରେ ଆଦି ସ୍ଥାନରେ ଅଲିଭରିଡଲେ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇଛନ୍ତି। ଆଜି ସୁଦ୍ଧା ୨୦୦ ରୁ ଅଧିକ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡା ଦେଇ ସାରିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଣ୍ଡା ଗୁଡିକୁ ସଂଗ୍ରହ କରାଯାଇ ବନବିଭାଗ ପକ୍ଷରୁ କରାଯାଇଥିବା ହାଚେରିରେ ରଖାଯାଇଛି। ଯେଉଁ ଆକୃତିର ଗାତ ଖୋଳି ଏବଂ ଯେତିକି ଗଭୀର ଗାତ ଖୋଳି କଇଁଛ ଅଣ୍ଡା ଦେଇଛି, ସମାନ ଆକୃତି ଓ ସମାନ ଗଭୀରର ଗାତ ଖୋଳି ଅସ୍ଥାୟୀ ହାଚେରିରେ ଅଣ୍ଡାଗୁଡିକୁ ରଖାଯାଇ ବାଲି ଘୋଡାଇ ଦିଆଯାଇଛି। ମା କଇଁଛ ଯେପରି ଭାବେ ଗାତ ଖୋଳି ଅଣ୍ଡା ଦେଇଥିଲା ଓ ଗାତକୁ ବାଲି ଘୋଡାଇଥିଲା, ଠିକ୍ ସେହିପରି ଭାବେ ବନବିଭାଗର କର୍ମଚାରୀମାନେ ଅସ୍ଥାୟୀ ହାଚେରିରେ ଅଣ୍ଡାଗୁଡିକୁ ଗାତ ଖୋଳି ରଖିଛନ୍ତି। ଫେବୃୟାରୀ ୧୭ ତାରିଖ ହୋଇଥିଲେ ମଧ୍ୟ ଏଯାଏଁ ଅଲିଭରିଡଲେ କଇଁଛ ଗଣ ଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇନାହାଁନ୍ତି। ସମୁଦ୍ର କୂଳଠୁଁ ଦେଢ କିଲୋମିଟର ମଧ୍ୟରେ ସାତସଭାୟା ରୁ ନାସୀ-୨ ଯାଏଁ ଲକ୍ଷାଧିକ କଇଁଛ ଭିଡ ଜମାଇବା ସହ ପାଣି ଉପରକୁ ମୁଣ୍ଡ ଟେକିବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ପାଗ ଅନୁକୂଳ ସହିତ କୂଳକୁ ଅଲିଭରିଡଲେ କଇଁଛ ଆସୁଥିବାରୁ ଗଣ ଅଣ୍ଡାଦାନ ପକ୍ରିୟା ଯେକୌଣସି ମୁହୁର୍ତ୍ତ ରେ ହୋଇପାରେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଉଛି। ଚଳିତ ବର୍ଷ ଋଷିକୂଲ୍ୟା ମୁହାଁଣରେ ଏହି ବିରଳ କଇଁଛ ଗଣ ଅଣ୍ଡାଦାନ ପକ୍ରିୟା ଦୁଇ ଦିନ ହେଲା ଆରମ୍ଭ ହୋଇ ସାରିଛି।

## ୨୦ରୁ ମହୁଲିଆ ଠାରେ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତମିଳନ ଉତ୍ସବ

ରାଜନଗର,୧୮।୨ (ସଂଚାର ବ୍ୟୁରୋ): ଜଗଦ୍‌ଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତମିଳନ ଉତ୍ସବ ଚଳିତମାସ ୨୦ ତାରିଖ ଠାରୁ ୨୩ ତାରିଖ ଯାଏଁ ରାଜନଗର ବ୍ଲକର ମହୁଲିଆ ଠାରେ ଅନୁଷ୍ଠିତ ହେବ। ଶାନ୍ତି ଆନନ୍ଦାଶ୍ରମ, କରମଳାର ଭଗବଦ ଗୋଷ୍ଠୀ ଓ ମହୁଲିଆ ପଂଚାୟତବାସୀଙ୍କ ମିଳିତ ଆନୁକୂଲ୍ୟରେ ଏହି ସନାତନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହେଉଛି।

ଏହି ସନାତନ ଧର୍ମ ସମ୍ମିଳନୀ ପାଇଁ ୨୦ ତାରିଖ ଦିନ ପ୍ରାତଃ ୮ ଘଟିକାରେ ରାଜନଗର ତହସିଲ କଲୋନୀସ୍ଥିତ ଆଶ୍ରମ ଠାରୁ ଶ୍ରୀ ଶ୍ରୀ ଠାକୁର ଅଭିରାମ ପରମହଂସ ଦେବଙ୍କୁ ଭବ୍ୟ ଓ ଦିବ୍ୟ ସଂକୀର୍ତ୍ତନ ଶୋଭାଯାତ୍ରାରେ ସମ୍ମିଳନୀ ମଣ୍ଡପ ଯାଏଁ ପାଛୋଟି ନିଆଯିବ। ବାବାଜୀ ଭୀମସେନ ଦାସ ମହାରାଜ, ବାବାଜୀ ଅଦ୍ୱୈତ୍ୟ ଦାସ, ବାବାଜୀ ରାଧାରମଣ ଦାସ, ବାବାଜୀ ଜନ୍ମେଜୟ ଦାସଙ୍କ ତତ୍ତ୍ୱାବଧାନରେ ଏହି ଭବ୍ୟ ଓ ଦିବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଅପରାହ୍ନ ୪ ଟାରେ ଶ୍ରୀଶ୍ରୀଠାକୁରଙ୍କ ସମିଲନ୍ନୀ ମଣ୍ଡପ ବିଜେ ଓ ସନାତନ ଧର୍ମ ସଭାର ଉଦାଘାଟନ, ସନ୍ଧ୍ୟା ୬ ଟାରେ ସନ୍ଧ୍ୟା ଆରତୀ, ସନ୍ଧ୍ୟା ୭.୩୦ରେ ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହେବ। ବାବାଜୀ ସଦାନନ୍ଦ ଦାସ ମହାରାଜଙ୍କ ପୌରହିତ୍ୟରେ ଧର୍ମସଭା ଅନୁଷ୍ଠିତ ହେବ।

ଏହି ଧର୍ମ ସଭାରେ ଭଗବତ ଆଶ୍ରମ ପୁରୀର ଅଚ୍ୟୁତାନନ୍ଦ ଦାସ ମହାରାଜ, ବାବାଜୀ ତ୍ରିଲୋଚନ ଦାସ, ବାବାଜୀ ବନ ବିହାରୀ ଦାସ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୨୧ ଆୟୋଜିତ ଧର୍ମସଭାରେ ବାବାଜୀ ସଦାନନ୍ଦ ଦାସ, ସତ୍ୟ ଚୈତନ୍ୟ ବ୍ରହ୍ମଚାରୀ ୨୨ ତାରିଖରେ ଧର୍ମ ସଭାରେ ନିଗମ ଆଶ୍ରମ ଭୁବନେଶ୍ୱରର ବ୍ରହ୍ମାନନ୍ଦ ସରସ୍ୱତୀ, ସତ୍ୟ ପ୍ରଜ୍ଞାନନ୍ଦ ଦାସ ମହାରାଜ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।୨୩ ତାରିଖ ଧର୍ମସଭା ରେ ବାବାଜୀ ଅନ୍ତର୍ଯ୍ୟାମି ଦାସ ମହାରାଜ, ବାବାଜୀ ହରି ଶଙ୍କର ଦାସ, ବାବାଜୀ ବନ ବିହାରୀ ଦାସ ଙ୍କ ସହିତ ଶାନ୍ତି ଆନନ୍ଦାଶ୍ରମ କରମଳାର ସାଧୁସନ୍ଥମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମହୁଲିଆ ଗ୍ରାମ ପଞ୍ଚାୟତ ଭକ୍ତ ସମିତିର ସଭାପତି ବିଶ୍ୱନାଥ ରାଉତ, ସମ୍ପାଦକ ବୈକୁଣ୍ଠ ନାଥ ଦାସ, ସରପଞ୍ଚ ମଞ୍ଜୁଳା ଦାସ, ସମିତି ସଭ୍ୟ ସଞ୍ଜୟ କୁମାର ସ୍ୱାଇଁ, ଗଙ୍ଗାଧର ଦାସ ପ୍ରମୁଖ ଜଣାଇଛନ୍ତି। ଏଥିସହ ପ୍ରତ୍ୟେକ ଦିନ ଠାକୁରଙ୍କ ଭଜନ କାର୍ଯ୍ୟକ୍ରମ ପାଲା ଓ ସାଙ୍ଗୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ଭଡ଼ାରେ ଲାଗିଛି ମିଶନଶକ୍ତି ଗୃହ !

- ସକାଳୁ ନେଇ ସନ୍ଧ୍ୟାରେ ଫେରାଉଛନ୍ତି ଚାବି
- ଲେବରଙ୍କୁ ଚାବି ଦେବାକୁ ଅନୁମତି ଦେଲା କିଏ ?
- ଏମବିକେଙ୍କ ପ୍ରତିକ୍ରିୟା ବଢାଇଲା ସନ୍ଦେହ



ମହାକାଳପଡ଼ା,୧୮।୨ (ସଂଚାର ବ୍ୟୁରୋ): ଭଡ଼ାରେ ଲାଗିଛି ମିଶନ ଶକ୍ତି ଗୃହ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟଙ୍କ ବଦଳରେ ଶ୍ରମିକମାନଙ୍କ ପାଇଁ ସମର୍ପି ଦେଇଛନ୍ତି ଏମବିକେ ଦିଦି। ନିଜ ବାପା ଅଜା ସମ୍ପତ୍ତି ଭାବି ମନଇଛା କେନ୍ଦ୍ରକୁ ବ୍ୟବହାର କରୁଛନ୍ତି ଦିଦି ମହାଶୟା। ଏଭଳି ଏକ ଅଦ୍ଭୁତ ଓ ବିଚିତ୍ର ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକରେ।

ଅମେଇପାଳ ପଞ୍ଚାୟତ ଅଧିନସ୍ଥ ଅମେଇପାଳ ମିଶନ ଶକ୍ତି କାର୍ଯ୍ୟାଳୟ ଗୃହ ଏବେ ଭଡ଼ାରେ ଲାଗୁଛି। ଏକଥା ଆମେ କହୁନୁ ବରଂ ଏମବିକେ ଦିଦିଙ୍କ ପ୍ରତିକ୍ରିୟା ହିଁ ସନ୍ଦେହ ବଢ଼ାଇଛି। ଭଡା ହେଉ ଅବା ବ୍ୟବହାର କାମ କୌଣସି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା କରୁ ନାହାଁନ୍ତି ବରଂ ଶ୍ରମିକମାନେ ବ୍ୟବହାର କରୁଛନ୍ତି। ଏ ଘଟଣାକୁ ନେଇ ଏମବିକେ ମ୍ୟାଡାମଙ୍କ ସହ ଆମେ ଯୋଗାଯୋଗ କରିବାରୁ ସେ କହିଛନ୍ତି ଘରଟି ଫାଙ୍କା ଥିଲା ତେଣୁ ସେମାନେ ସକାଳୁ ଚାବି ନେଉଛନ୍ତି ଓ ସଂଧ୍ୟାରେ ଫେରାଉଛନ୍ତି। ଦିଦିଙ୍କ ପାଖରୁ ଏମିତି ଉତ୍ତର ସବୁ ସନ୍ଦେହକୁ ଏକ ପ୍ରକାର ପୂର୍ଣ୍ଣଚ୍ଛେଦ ପକାଉଛି। ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

ମିଶନଶକ୍ତି ମାଧ୍ୟମରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବାର ଲକ୍ଷ୍ୟ ରଖିଥିଲେ ସେତେବେଳେର ତତ୍କାଳୀନ ସରକାର । ସେଥିପାଇଁ ମାଆ ମାନଙ୍କ ପାଇଁ ମିଶନ ଶକ୍ତି ଗୃହର ନିର୍ମାଣ କରିଥିଲେ । ଯେଉଁଠି ମହିଳାମାନେ ବସି ଆଲୋଚନା କରିବା ସହ ନୂଆ ଉପାୟ ଆପଣାଇ ନିଜେ ଦୁଇ ପଇସା ରୋଜଗାର କରି ସ୍ୱାବଲମ୍ବୀ ହୋଇପାରିବେ। ହେଲେ ଏ ଘଟଣା ସାମ୍ନାକୁ ଆସିବା ପରେ ଏମବିକେ ଦିଦିଙ୍କ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନ ଉଠୁଛି ? କାହା ଛତ୍ରଛାୟାରେ ରହି ଦିଦି ମହିଳା ସଦସ୍ୟା ମାନଙ୍କ ପାଇଁ ପ୍ରଯୁଜ୍ୟ ଘରକୁ ଶ୍ରମିକ ମାନଙ୍କୁ ଦେଉଛନ୍ତି ? ଏଥିପାଇଁ ଦିଦି ଭଡ଼ା ବାବଦରେ ଅର୍ଥ ସଂଗ୍ରହ କରୁ ନାହାଁନ୍ତି ତ ? ଯାହାକୁ ନେଇ ସନ୍ଦେହ ବଢ଼ିଛି। ତୁରନ୍ତ ପ୍ରଶାସନ ଏ ଘଟଣାରେ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## କାମ ସମ୍ପୂର୍ଣ୍ଣ ନକରି ବିଲ ଉଠାଇ ନେଇଥିବା ଅଭିଯୋଗ

ରାଜନଗର,୧୮।୨ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ସାନବଡ ଗୋପାଳପୁର ପଞ୍ଚାୟତ ଭାଟପଡା ଗାଁରେ ଆମ ଓଡିଶା ନବୀନ ଓଡିଶା କାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଭାଟପଡା ଗାଁର ବସନ୍ତ କୁମାର ଶେଠୀ ରାଜନଗର ଥାନାରେ କରିଥିବା ଅଭିଯୋଗ ମୁତାବକ ଆମ ଓଡିଶା ନବୀନ ଓଡିଶା ଯୋଜନାରେ ଭାଟପଡା ଗାଁରେ ଏକ ବିଲଡିଙ୍ଗ ନିର୍ମାଣ ପାଇଁ ତିନି ଲକ୍ଷ ଟଙ୍କା ଆସିଥିଲା। ବ୍ଲକ ର କନିଷ୍ଠ ଯନ୍ତ୍ରୀଙ୍କ ନାଁରେ ଏହି କାମ ରହିଥିଲା। ବିଲଡିଙ୍ଗ କାମ ସଂପୂର୍ଣ୍ଣ ହୋଇନଥିବା ବେଳେ ବିଲଡିଙ୍ଗ ରଙ୍ଗ ହୋଇନଥିବା ବେଳେ ସମସ୍ତ ଟଙ୍କା ଉଠାଇ ନିଆଯାଇଛି। ଏ ନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅଭଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ପଚାରିବାରୁ ଧଳା ରଙ୍ଗ ହୋଇଥିଲା, ଆଉଥରେ ରଙ୍ଗ କରିଦେବୁ ବୋଲି କହିଛନ୍ତି।

## ଆଞ୍ଚଳିକ ସାଧନ କେନ୍ଦ୍ରରେ ନିପୁଣ ଓଡ଼ିଶା ମେଳା



ରାଜନଗର,୧୮।୨ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ନାଉକୋଣା ନିଗମ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ନିପୁଣ ଓଡ଼ିଶା ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି ଓ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଚନ୍ଦ୍ର କାନ୍ତ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଓ ନାଉକୋଣା ନିଗମ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ନାୟକ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବରେ ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ସମ୍ମାନୀତ ଅତିଥି ଭାବରେ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ପରିଡା, ପରେଶ କୁମାର ସାହୁ ପ୍ରମୁଖ ଯୋଗ ଦେଇ ନିପୁଣ ଓଡ଼ିଶା ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ଓ ଏହି ମେଳାରେ କ୍ଲଷ୍ଟର ମୋଟ ୯ଟି ବିଦ୍ୟାଳୟରୁ ୧୪୦ ଜଣ ଛାତ୍ରଛାତ୍ରୀ ଓ ସେମାନଙ୍କର ଅଭିଭାବକ ମାନେ ଯୋଗଦେଇ ସେମାନଙ୍କର ମତାମତ ପ୍ରଦାନ କରିଥିଲେ ଓ ଶିକ୍ଷକ ଅଞ୍ଜନ କୁମାର ପଢୀହାରୀ ଧନ୍ୟବାଦ ପ୍ରଦାନ କରିଥିଲେ।

### ୧୯୯୫ ବ୍ୟାଚର ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁପୂଜନ

# ମଣିଷର ବ୍ୟବହାର ହିଁ ବ୍ୟକ୍ତିତ୍ୱର ବାସ୍ତବ ମାପକାଠି

ଗରଦପୁର,୧୮।୨ (ସଂଚାର ବ୍ୟୁରୋ): ୧୯୯୫ ମସିହା ବ୍ୟାଚର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସରକାରୀ ଉଚ୍ଚ ବିଦ୍ୟାଳୟ ପାଖଡଠାରେ ଗୁରୁପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ଅନୁଷ୍ଠାନର ପ୍ରାକ୍ତନ ପ୍ରଧାନଶିକ୍ଷକ ଦ୍ୱାରିକାନାଥ ସେନାପତି ସଭାପତିତ୍ୱ କରି କହିଲେ ମଣିଷର ବ୍ୟବହାର ହିଁ ବ୍ୟକ୍ତିତ୍ୱର ବାସ୍ତବ ମାପକାଠି। ଦିବଂଗତ ଶିକ୍ଷକ, କର୍ମଚାରୀମାନଙ୍କ ଉଦ୍ଦେଶ୍ୟରେ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହାଛଡ଼ା ଅନୁଷ୍ଠାନରେ କାର୍ଯ୍ୟ କରିଥିବା ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ମଧ୍ୟରୁ ସୁଦର୍ଶନ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶାରଦା କୁମାର ପାଣି, ଶିକ୍ଷକ ମନୋରଞ୍ଜନ ପଣ୍ଡା, ଭ୍ରମର ବର ମହାନ୍ତି, ବିଶ୍ୱନାଥ ସାହୁ, ପଣ୍ଡିତ କେଶୱାନନ୍ଦ ଆଚାର୍ଯ୍ୟ, ସଂଜୟ କୁମାର ପାଣି, କ୍ଷୀରୋଦ କୁମାର ସାହୁ, ଦିବାକର ରଣା, ପଣ୍ଡିତ ଲୋକନାଥ ଶତପଥି, ଗୋଲକ ଜେନା ଯୋଗଦାନ କରିଥିଲେ। ଏହାଛଡ଼ା ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ବର୍ଗଙ୍କୁ ଆଶ୍ରିବାଦ କରିବା ସହିତ ଆଗାମୀ ଭବିଷ୍ୟତ ପାଇଁ ଶୁଭକାମନା କରିଥିଲେ । କାର୍ଯ୍ୟରତ ପ୍ରଧାନଶିକ୍ଷକ ସଂଗ୍ରାମୀ କେଶରୀ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ମଞ୍ଚାସିନ ଅତିଥିମାନଙ୍କୁ ଛାତ୍ରଛାତ୍ରୀମାନେ ପୁଷ୍ପଗୁଚ୍ଛ ଓ ଉପଢୋକନ ପ୍ରଦାନ କରାଯାଇଥିଲା । ଅରବିନ୍ଦ ସ୍ୱାଇଁ, ପ୍ରଭାତ କୁମାର ସେଠୀ, ପ୍ରଦୀପ୍ତ କୁମାର ସେଠୀ, ପ୍ରବୀଣ କୁମାର ସ୍ୱାଇଁ, ଚିତ୍ତରଞ୍ଜନ ପାଣି, ବିଜୟ କୁମାର କର, ଲିଲିରାଣି ପଣ୍ଡା, ଜ୍ୟୋସ୍ନାମୟୀ ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ତ୍ରିଲୋଚନ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।



# ଯନ୍ତ୍ରୀ ଓ ଠିକାଦାରଙ୍କ ଅନୁପସ୍ଥିତିରେ ଚାଲିଛି ପିଚୁ କାର୍ଯ୍ୟ

**କେବେ ସରିବ ? ନିମ୍ନମାନର କାମ ଅଭିଯୋଗ**



ରାଜନଗର,୧୮।୨ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ପୂର୍ତ୍ତ ବିଭାଗରେ ଘଟୁଥିବା ଦୁର୍ନୀତି ଓ ଅନୀୟମିତ କାର୍ଯ୍ୟ ବିଭାଗର ପିଛାଛାଡୁ ନାହିଁ। ଏଠାରେ ଏକକ ଚକ୍ରବର୍ତ୍ତୀ ପାଲଟି ରାଜନଗର ପୂର୍ତ୍ତ ବିଭାଗର ସବୁ ସେକ୍ସନର ଦାୟିତ୍ୱ ତୁଲାଇ ବିଜେଡି ସରକାର ସମୟରୁ କୋଟିପତି ହେବାର ସକ୍ଷମ ହୋଇଥିବା ଯନ୍ତ୍ରୀ ଏବଂ ୧୫ ବର୍ଷ ରହିଥିବା ସ୍ଥାନୀୟ କିରାଣୀଙ୍କ ଆୟବହିର୍ଭୁତ ସମ୍ପତିର ଚର୍ଚ୍ଚା ଚାଲୁଛି। ଏହା ସତ୍ତ୍ୱେ ରାଜନଗର ଠାରୁ ଗୁପ୍ତି ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଠିକାଦାର ଓ ଯନ୍ତ୍ରୀଙ୍କ ବିନା ଅନୁପସ୍ଥିତିରେ ବହୁବାର ପିଚୁ ପଡିଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ଯୋଗୁ ତାହା ପୁନରମୂଷିକ ଭାବରେ ପରିଣତ ହୋଇଯାଉଛି।

ଆଜକୁ ପ୍ରାୟ ଦୀର୍ଘ ଦିନ ହେବ ଏହି ରାସ୍ତାରେ ପୂର୍ତ୍ତ ବିଭାଗର ତତ୍ତ୍ୱାବଧାନରେ ରାସ୍ତାକୁ ନବିକରଣ କରିବାକୁ ପୁରୁଣା ପିଚୁ ତାଡ଼ି ନୂତନ ପିଚୁ ପଡୁଛି। ନିମ୍ନମାନର ପିଚୁ ସାଙ୍ଗକୁ ନିମ୍ନମାନର ଅଠାରେ କାର୍ଯ୍ୟ ହେଉଛି। ରାସ୍ତାରୁ ପିଚୁ ଖୋଲା ହୋଇଥିବାରୁ ରାସ୍ତାର ଡଷ୍ଟ ଗୁଣ୍ଡ ଉଡି ପଥଚାରୀଙ୍କ ଆଖି ନାକ ଆଦିରେ ଗୁଣ୍ଡ ପଶି ରୋଗାଗ୍ରସ୍ତ କରୁଥିବା ଅଭିଯୋଗ ହେଉଛି। ରାସ୍ତାରେ ପାଣି ଛିଞ୍ଚି ଡଷ୍ଟ ଗୁଣ୍ଡ ଉଡିବାକୁ ବନ୍ଦ କରାଯାଉ ନାହିଁ। ସର୍ବସାଧାରଣଙ୍କ ଜାଣିବା ପାଇଁ କେଉଁଠି ଫଳକ ନାହିଁ। କେତେଦୂରତାର କାର୍ଯ୍ୟ, ଠିକାଦାର ଓ ଯନ୍ତ୍ରୀ କିଏ, କେତେ ଟଙ୍କାର କାମ, କେବେ ଆରମ୍ଭ ଓ ଶେଷ ଏସବୁର କିଛି ଲିଖିତ ଫଳକ ନାହିଁ। ସେଥିପାଇଁ ଜନସାଧାରଣଙ୍କୁ ଅନ୍ଧାରରେ ରଖୁଛି ରାଜନଗର ପୂର୍ତ୍ତ ବିଭାଗ। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ କ୍ୱାଲିଟ କଣ୍ଟ୍ରୋଲ ବିଭାଗ ପକ୍ଷରୁ ତଦନ୍ତ କରାନଗଲେ ରାସ୍ତାର ସ୍ଥାୟିତ୍ୱ ନେଇ ସନ୍ଦେହରେ ଜନସାଧାରଣ।

# ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପୁନର୍ଗଠିତ

- ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀ, ଉପଖଣ୍ଡ ଓ ରାଜନଗର ଏନଏସି ପାଇଁ ଲଢେଇ କ୍ଷେତ୍ର ପ୍ରସ୍ତୁତ

ପଟ୍ଟାମୁଣ୍ଡାଇ,୧୮।୨ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଓ ରାଜନଗରବାସୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସମର୍ପିତ ଗଣ ସଂଗଠନ ପଟ୍ଟାମୁଣ୍ଡାଇ -ରାଜନଗର ବିକାଶ ପରିଷଦର ପୁନର୍ଗଠନ କରାଯାଇ ପଟ୍ଟାମୁଣ୍ଡାଇ ବିଧାନସଭା ନିର୍ବାଚନମଣ୍ଡଳୀ ପୁନଃ ସ୍ଥାପନ, ପଟ୍ଟାମୁଣ୍ଡାଇ ସବଡ଼ିଭିଜନ ଓ ରାଜନଗର ଏନ ଏ ସି ଘୋଷଣା କରିବା ଦାବୀ ହାସଲ ପାଇଁ ବ୍ୟାପକ ଗଣଆନ୍ଦୋଳନ କ୍ଷେତ୍ର ପ୍ରସ୍ତୁତ କରାଯାଇଛି। ବିଭିନ୍ନବର୍ଗର ପ୍ରତିଷ୍ଠିତ ଲୋକମାନଙ୍କୁ ନେଇ ଗଣ ପରିଷଦ ପୁନର୍ଗଠନ କରାଯାଇଛି।

ବରିଷ୍ଠ ରାଜନେତା ବିଜୟ କେତନ ସ୍ୱାଇଁ ମୁଖ୍ୟଉପଦେଷ୍ଟା,ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଦେବବ୍ରତ ପ୍ରଧାନ, ମଦନପୁର କଲେଜ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଉମେଶ ଚନ୍ଦ୍ର ପରିଡା ଓ ଡା ମନୋରଞ୍ଜନ ଦାଶଙ୍କୁ ଉପଦେଷ୍ଟାମଣ୍ଡଳୀ ସଦସ୍ୟ ଭାବେ ମନୋନୟନ କରାଯାଇଥିବା ବେଳେ ଆବାହକ ଆଡ଼ଭୋକେଟ ରାମକୃଷ୍ଣ ଦାଶ ସଂଯୋଜକ ଆଡ଼ଭୋକେଟ ଦେବବ୍ରତ ସ୍ୱାଇଁ,ରାଜନଗର ବ୍ଲକ ଉପଦେଷ୍ଟା ଡ଼ ଧରଣୀଧର ରାଉତ, ଶିକ୍ଷାବିତ ସୀତାକାନ୍ତ ରାଉଳ ଓ ବ୍ରହ୍ମାନନ୍ଦ ରାଉତ,ଆଇନ ପରାମର୍ଶଦାତା ଆଡ଼ଭୋକେଟ ରମଣୀ ରଞ୍ଜନ ସାମଲ, ପଟ୍ଟାମୁଣ୍ଡାଇ ବ୍ଲକ ସଭାପତି ଆଡ଼ଭୋକେଟ ଧୀରେନ୍ଦ୍ର ନାଥ ସାହୁ କାର୍ଯ୍ୟକାରୀ ସଭାପତି ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ ଓ ସମିତି ସଭ୍ୟ ଅଭୟ ସ୍ୱାଇଁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ସଭାପତି ଆଡ଼ଭୋକେଟ ପ୍ରକାଶ ପାତ୍ର ଓ କାର୍ଯ୍ୟକାରୀ ସଭାପତି ଆଡ଼ଭୋକେଟ ମନୋଜ ନାୟକ, ରାଜନଗର ବ୍ଲକ ସଭାପତି ଆଡ଼ଭୋକେଟ ସୁଶାନ୍ତ କୁମାର ଜେନା କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ବାରିକ ଓ ସାଧାରଣ ସମ୍ପାଦକ ଭାବେ ସୁଶୀଲ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇ ପଟ୍ଟାମୁଣ୍ଡାଇ ଓ ରାଜନଗରବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନର ସୁରକ୍ଷା ପାଇଁ ବ୍ୟାପକ କ୍ଷେତ୍ର ପ୍ରସ୍ତୁତ ନିମନ୍ତେ ପଦକ୍ଷେପ ନିଆଯାଇଛି ।

# ସପ୍ତମ ଦିନରେ ମିଶନ ଶକ୍ତି ଇସିଙ୍କ ଧାରଣା

● ଲୋୟର୍ ପିଏମ୍‌ଜିରେ ପହଞ୍ଚିଲେ ୬ ବିଜେଡି ବିଧାୟକ



ଭୁବନେଶ୍ୱର,୧୮।୨(ସଂଚାର ବ୍ୟୁରୋ): ଲୋୟର୍ ପିଏମ୍‌ଜିରେ ମିଶନ୍ ଶକ୍ତି ଇସିମାନେ ଦିବାରାତ୍ର ଧାରଣାରେ ବସିଥିବା ବେଳେ ଅଦ୍ୟାବଧି ଏଥିପ୍ରତି ରାଜ୍ୟ ସରକାର କର୍ଣ୍ଣପାତ କରିନାହାନ୍ତି। ଆଜି ଏହି ଗଣଧାରଣା ସପ୍ତମ ଦିନରେ ପହଞ୍ଚିଥିବା ବେଳେ ଏଆଇଟିୟୁସି ନେତା କମଳେଶ ଦାସ ଯୋଗଦେଇ ମିଶନ ଶକ୍ତି ବିରୋଧରେ ଦୁର୍ନୀତି ଅଭିଯୋଗ ନାହିଁ ଓ ତାହା ହିଁ ମିଶନ ଶକ୍ତିର ସଫଳତା ବୋଲି କହିଛନ୍ତି। ରାଜ୍ୟରେ ଉପମୁଖ୍ୟମନ୍ତ୍ରୀ ତଥା ମିଶନ୍ ଶକ୍ତି ଦାୟିତ୍ୱରେ ଥିବା ମନ୍ତ୍ରୀ ବିଭିନ୍ନ ସମୟରେ ବିଭିନ୍ନ ମନ୍ତବ୍ୟ ଦେଉଥିଲେ ହେଁ ମିଶନ୍ ଶକ୍ତିର ସଫଳତା ସଦସ୍ୟାମାନଙ୍କ କଠୋର ଅଧ୍ୟବସାୟର ପରିଣତି ବୋଲି କେହି ବି ଭୁଲିବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ସେହିପରି ମିଶନ୍ ଶକ୍ତି ପୁନର୍ଗଠନ ନାମରେ ସଦସ୍ୟାମାନଙ୍କୁ ବାହାର କରାଯିବା ଏକ ଭୁଲ୍ ନିଷ୍ପତ୍ତି ବୋଲି ଶ୍ରୀ ଦାସ କହିବା ସହ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସଂଘ ସଭାପତି ଜୟନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନୟାଗଡ଼ ବିଧାୟକ ଡଃ ଅରୁଣ ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ବୋଲଗଡ଼ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ଯାଜପୁର ବିଧାୟିକା ସୁଜାତା ସାହୁ ପ୍ରମୁଖ ଲୋୟର ପିଏମଜିରେ ପହଞ୍ଚି ଗଣଧାରଣାରେ ବସିଥିବା ଇସିମାନଙ୍କ ୪ ଦଫା ଦାବିକୁ ସମର୍ଥନ କରିଛନ୍ତି। ଏଥିସହ ସେମାନଙ୍କୁ ପ୍ରତି ସ୍ତରରେ ସହଯୋଗ କରିବେ ବୋଲି ବିଜେଡି ବିଧାୟକମାନେ ପ୍ରତିଶ୍ରୁତି ଦେଇଛନ୍ତି। ସିପିଆଇ ଜନସେବା ଦଳର ସଦସ୍ୟ ଭୁବନ ଚନ୍ଦ୍ର ହାତୀ, ଚଣ୍ଡାଳ ପ୍ରଧାନ ଆନ୍ଦୋଳନକୁ ସମର୍ଥନ ଜଣାଇଥିବା ବେଳେ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ଧନୀ ବିଶୋୟୀ, ସରିତା ଦାସ, ମମତାରାଣୀ ଦାସ, ପୁଷ୍ପାଞ୍ଜଳି ଜେନା, ଶୈଳବାଳା ରଥ, ବିଷ୍ଣୁପ୍ରିୟା ଦାସ, ଜୟନ୍ତୀ ବିହାରୀ, ଅଞ୍ଜଳୀ ଭିତିରିଆ, ସୁରତୀ ଘଣା, ପ୍ରତିଭା ସାହୁ, କାମିନୀ ନାୟକ, ମୀରା ମହାନ୍ତି, ମମତା ବଡ଼ଜେନା ପ୍ରମୁଖ ଉଦବୋଧନ ଦେଇ ଦାବି ପୂରଣ ପର୍ଯ୍ୟନ୍ତ ଏହି ଗଣଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।

## ମହିଳା ଯାତ୍ରୀଙ୍କ ସମ୍ମାନ ସୁନିଶ୍ଚିତ ପାଇଁ ପଦକ୍ଷେପ

# ଅସମ୍ମାନ କ୍ଷେତ୍ରରେ କଡ଼ା କାର୍ଯ୍ୟାନୁଷ୍ଠାନ

● ନେତାଜୀ ବସ୍ ଟର୍ମିନାଲରେ ମାରାଥନ୍ ଯାଞ୍ଚ

● ପ୍ରଥମ ଯାତ୍ରୀ ଭାବେ ମହିଳାଙ୍କୁ ବାରଣ କରାଯାଇପାରିବନି

● ସବୁ ବସଷ୍ଟାଣ୍ଡରେ ହେବ ଯାଞ୍ଚ

କଟକ,୧୮।୨(ସଂଚାର ବ୍ୟୁରୋ): କୌଣସି ଯାତ୍ରୀଙ୍କ ମଧ୍ୟରେ ବସ୍ କର୍ମଚାରୀମାନେ ପାତରଅନ୍ତର କରିପାରିବେନାହିଁ। ମହିଳାଙ୍କ ପ୍ରତି ଅସମ୍ମାନକୁ ଆଦୌ ବରଦାସ୍ତ କରାଯିବନାହିଁ। ପ୍ରଥମ ଯାତ୍ରୀ ଭାବେ ମହିଳାଙ୍କୁ ବାରଣ କରିବା ଭଳି କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ ଦୃଢ଼ ପଦକ୍ଷେପ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)କୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଧାରରେ ଆଜି ସ୍ଥାନୀୟ ନେତାଜୀ ବସ୍ ଟର୍ମିନାଲରେ ମାରାଥନ୍ ଯାଞ୍ଚ କରାଯାଇଛି। ଆଗାମୀ ଦିନରେ ରାଜ୍ୟର ସମସ୍ତ ବସଷ୍ଟାଣ୍ଡରେ ଏହି ଯାଞ୍ଚ କରାଯିବା ସହ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କୁହାଯାଇଛି। ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆଜି ସକାଳୁ ଏସଟିଏ ସଚିବ ଚିନ୍ମୟୀ ବିଶ୍ୱାଳ, ଉପପରିବହନ ଆୟୁକ୍ତ ବିରଞ୍ଚି ନାରାୟଣ ଅଧିକାରୀ ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ୍ ସହ କଟକ ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ଯାତ୍ରୀଙ୍କୁ ନେବାକୁ ପ୍ରସ୍ତୁତ ହେଉଥିବା ବିଭିନ୍ନ ରୁଟର ୨୦ରୁ ଉର୍ଦ୍ଧ୍ୱ ବସ୍ ଉପରେ ଟିମ୍‌ର ସଦସ୍ୟମାନେ ନଜର ରଖିଥିଲେ। ପ୍ରଥମେ ଆସୁଥିବା ମହିଳା ଯାତ୍ରୀଙ୍କ ପ୍ରତି ବସ୍ କର୍ମଚାରୀ କିଭଳି ବ୍ୟବହାର କରୁଛନ୍ତି, ତା'ର ତଦାରଖ କରିଥିଲେ। ଏଥିସହ ଟର୍ମିନାଲରେ ଥିବା ଅନେକ ମହିଳା ଯାତ୍ରୀଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ଏ ସଂକ୍ରାନ୍ତରେ ଏସଟିଏ ସଚିବ କହିଛନ୍ତି ଯେ ମୋଟର ଯାନ ଆଇନ ଅନୁଯାୟୀ ଯାତ୍ରୀଙ୍କ ମଧ୍ୟରେ ପାତରଅନ୍ତର କରାଯିବା ଦଣ୍ଡନୀୟ ଅପରାଧ। ଏଥିପାଇଁ ନିୟମାବଳୀରେ ଜରିମାନା, ପରମିଟ ରଦ୍ଦ ଭଳି ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ତେବେ ଆଜିର ଯାଞ୍ଚ୍ ସମୟରେ ସବୁକିଛି ଠିକ୍‌ଠାକ୍ ଚାଲିଥିବା ସ୍ପଷ୍ଟ ହୋଇଛି ବୋଲି ସଚିବ କହିଛନ୍ତି। ସେହିପରି ପରିବହନ ଆୟୁକ୍ତ ଅମିତାଭ ଠାକୁର କହିଛନ୍ତି ଯେ ମହିଳାଙ୍କ ସମ୍ମାନକୁ ସୁନିଶ୍ଚିତ କରିବା କେବଳ ଏସଟିଏ ନୁହେଁ, ସମାଜର ପ୍ରତିଟି ବର୍ଗର ସାମାଜିକ ଦାୟିତ୍ୱ। ଯାତ୍ରୀ ପରିବହନରେ କୌଣସି ଅନ୍ଧବିଶ୍ୱାସ



କିମ୍ବା କୁସଂସ୍କାରର ବଶବର୍ତ୍ତୀ ହୋଇ କେହି ବି ମହିଳାଙ୍କୁ ଅସମ୍ମାନିତ କରିପାରିବେ ନାହିଁ। ଯଦି ଏଭଳି କୌଣସି ବେଆଇନ ଘଟଣା ଏସଟିଏ ନଜରକୁ ଆସେ, ତା'ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେବଳ ଯାଞ୍ଚ ନୁହେଁ, ଏ କ୍ଷେତ୍ରରେ ସଚେତନତା ସୃଷ୍ଟି ଦିଗରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏ ଦିଗରେ ସାମାଜିକ ସଂଗଠନ, ବସ୍ ମାଲିକ ସଂଘ ସହଯୋଗ କରିବାକୁ ଶ୍ରୀ ଠାକୁର ନିବେଦନ କରିଛନ୍ତି। ଏହାଛଡ଼ା ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି ଯେ ଜନସାଧାରଣଙ୍କ ସୁରକ୍ଷା ଓ ସମ୍ମାନକୁ ପ୍ରାଥମିକତା ଦିଆଯିବା ଉଚିତ। ଆଗକୁ ପରିବହନ ସେବା କ୍ଷେତ୍ରରେ ଏଭଳି ଅଚାନକ ଚେକିଂ ଜାରି ରହିବ। ରାଜ୍ୟର ପ୍ରତିଟି ବସଷ୍ଟାଣ୍ଡରେ ଏଭଳି ଯାଞ୍ଚ ପାଇଁ ଆରଟିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀମତୀ ପାଢ଼ୀ କହିଛନ୍ତି। ସେହିପରି ବିଭାଗୀୟ ମନ୍ତ୍ରୀ ଏଭଳି ଯାଞ୍ଚ୍ ପ୍ରକ୍ରିୟାରେ ସନ୍ତୋଷ ପ୍ରକାଶ କରିବା ସହ ଆଗକୁ ଏହାକୁ ବ୍ୟାପକ କରିବା ସକାଶେ ଏସ୍‌ଟିଏକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ଅନ୍ୟପକ୍ଷରେ ଯାଞ୍ଚ୍ ସମୟରେ ଉପସ୍ଥିତ ଥିବା ବସ୍ ମାଲିକ ଓ କର୍ମଚାରୀ ମଧ୍ୟ ଏହାକୁ ସ୍ୱାଗତ କରିଛନ୍ତି। ଅନେକ ବସ୍ କର୍ମଚାରୀ ସେମାନେ କଦାପି ଯାତ୍ରୀଙ୍କୁ ଅସମ୍ମାନ କରନ୍ତି ନାହିଁ। ପୁରୁଷ ହୁଅନ୍ତୁ କି ମହିଳା, ସମସ୍ତ ଯାତ୍ରୀ ସେମାନଙ୍କ ପାଇଁ ଭଗବାନ ସଦୃଶ ହୋଇଥିବାରୁ ସେମାନେ ସମସ୍ତଙ୍କୁ ସାଦରେ ସ୍ୱାଗତ କରୁଥିବା କହିଛନ୍ତି।

## ବିଧାନସଭା ଖବର

### ୮୩୦୦ ଗ୍ରାମକୁ ନାହିଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ସଂଯୋଗ

ଭୁବନେଶ୍ୱର,୧୮।୨ (ସଂଚାର ବ୍ୟୁରୋ): ରାଜ୍ୟର ୮୩୦୦ ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସଡକ ସଂଯୋଗ ହୋଇପାରିନାହିଁ । ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ଗ୍ରାମାଞ୍ଚଳରେ ସଡକ ସଂଯୋଗ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ଯେ ୨୦୧୧ ଜନଗଣନାକୁ ଭିତ୍ତିକୁ ୨୦୧୭-୧୮ ମସିହାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯେଜାନା ପାଇଁ ପ୍ରସ୍ତୁତ ହୋଇଥିବା ଜିଲ୍ଲା ଗ୍ରାମ ସଡକ ଯୋଜନା ଅନୁସାରେ ରାଜ୍ୟରେ ୫୯,୯୭୧ଟି ଗ୍ରାମ ରହିଥିଲା । ସେଥି ମଧ୍ୟରୁ ୫୧,୬୭୧ ଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଯୋଜନାରରେ ପର୍ଯ୍ୟାୟକ୍ରମେ ସଂଯୋଗୀକରଣ କରାଯାଇଥିଲା। ତେବେ ଏହି ଯୋଜନାର ନିୟମ ଅନୁଯାୟୀ ଯୋଗ୍ୟ ବିବେଚିତ ହେଉନଥିବାରୁ ୮୩୦୦ଟି ଗ୍ରାମକୁ ସଂଯୋଗୀକରଣ କରାଯାଇନଥିଲା। ଏଥି ମଧ୍ୟରେ କୋରାପୁଟ ଜିଲ୍ଲାର ସର୍ବାଧିକ ୧୩୭୪ଟି ଗ୍ରାମ ଥିବାବେବେଳେ ରାୟଗଡାର ୧୦୯୯ଟି, ନବରଙ୍ଗପୁରର ୬୪୧ଟି, କଳାହାଣ୍ଡିର ୫୭୪ଟି ଗ୍ରାମ ରହିଛି। ତାଲିକାରେ ଝାରସୁଗୁଡା ଜିଲ୍ଲାର ୩୪ଟି ଗ୍ରାମ ରହିଥିବା ମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ଚତୁର୍ଥ ପର୍ଯ୍ୟାୟକୁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି। ଏଥିନିମନ୍ତେ ଅସଂଯୋଜିତ ଗ୍ରାମଗୁଡ଼ିକର ସର୍ଭେ କାମ ସମସ୍ତ ରାଜ୍ୟରେ ଚାଲୁ ରହିଛି। ସର୍ଭେ ପ୍ରକ୍ରିୟା ସମାପ୍ତ ହେବା ପରେ କେତେ ଗାଁ ଓ ପଡାଗାଁକୁ ଏଯାବତ୍ ସବୁଦିନିଆ ରାସ୍ତା ନାହିଁ, ସେନେଇ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ।

### କ୍ଷତିରେ ଚାଲିଛି ୩୨ରୁ ୫ ସରକାରୀ ଉଦ୍ୟୋଗ

ରାଜ୍ୟରେ କାର୍ଯ୍ୟକ୍ଷମ ଥିବା ୩୨ଟି ସରକାରୀ ଉଦ୍ୟୋଗ ମଧ୍ୟରୁ ୫ଟି କ୍ଷତିରେ ଚାଲିଛି । ଗୋଟିଏ ଉଦ୍ୟୋଗ ବିନା ଲାଭ ଓ ବିନା କ୍ଷତିରେ ଚାଲିଥିବାବେଳେ ଆଉ ଗୋଟିଏ ଉଦ୍ୟୋଗ ପାଇଁ ଲାଭ ଓ କ୍ଷତି ପ୍ରଯୁଜ୍ୟ ନୁହେଁ ବୋଲି ଦର୍ଶାଯାଇଛି।ସରକାରୀ ଉଦ୍ୟୋଗ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ବିଧାନସଭାରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ସରକାରୀ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଓଡିଶାରେ ବର୍ତ୍ତମାନ ୩୨ଟି ସଚଳ ସରକାରୀ ଉଦ୍ୟୋଗ ରହିଛି। ଗତ ୧୦ବର୍ଷ ମଧ୍ୟରେ ରାଜ୍ୟରେ ଥିବା କୌଣସି ସରକାରୀ ଉଦ୍ୟୋଗ ବନ୍ଦ ହେବାର ସୂଚନା ବିଭାଗର ହସ୍ତଗତ ହୋଇନାହିଁ । କାର୍ଯ୍ୟକ୍ଷମ ଥିବା ୩୨ଟି ସରକାରୀ ଉଦ୍ୟୋଗ ମଧ୍ୟରୁ ଗ୍ରିଡ୍‌କୋ, ଓଡିଶା ରାଜ୍ୟ ସଡକ ପରିବହନ ନିଗମ, ଓଡିଶା ରାଜ୍ୟ ଅର୍ଥ ନିଗମ, ଓଡିଶା ଗ୍ରାମ୍ୟ ଗୃହନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍ ଓ କଳିଙ୍ଗ ଷ୍ଟୁଡିଓ ଲିମିଟେଡ୍ କ୍ଷତିରେ ଚାଲୁଛି । ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ ବିନା ଲାଭ ବିନା କ୍ଷତିରେ ଚାଲୁଥିବାବେଳେ ଓରେଡା ପାଇଁ ଲାଭ କ୍ଷତି ପ୍ରଯୁଜ୍ୟ ନୁହେଁ ବୋଲି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ମନ୍ତ୍ରୀଙ୍କ ସୂଚନାନୁଯାୟୀ, ୨୦୨୩-୨୪ ବର୍ଷରେ ଓଡିଶା ଖଣି ନିଗମ ଲାଭାଂଶ ବାବଦରେ ସରକାରଙ୍କୁ ୨୭୨୩ କୋଟି ଟଙ୍କା ପ୍ରଦାନ କରିଥିବାବେଳେ ଓଡିଶା କୃଷି ଶିଳ୍ପ ନିଗମ ୫.୬୨ କୋଟି, କାଜୁ ନିଗମ ୪୬.୫୧ କୋଟି, ବିହନ ନିଗମ ୨୩.୨୦ କୋଟି, ସେତୁ ଓ ନିର୍ମାଣ ନିଗମ ୩୪.୨୯ କୋଟି, ଶକ୍ତି ଉତ୍ପାଦନ ନିଗମ ୧୧୧.୮୨ କୋଟି ଟଙ୍କା ପ୍ରଦାନ କରିଛି । ତେବେ ମତ୍ସ୍ୟ ଉନ୍ନୟନ ନିଗମ, ୱାଟକୋ, ଇଡ୍‌କୋ, ଔଷଧ ନିଗମ, ଜେଡକୋଲ ଏବଂ ଓଡିଶା କୋଇଲା ଶକ୍ତି ଲିମିଟେଡ ଗତ ୫ବର୍ଷ ମଧ୍ୟରେ ସରକାରଙ୍କୁ କୌଣସି ଲାଭାଂଶ ପ୍ରଦାନ କରିନାହାନ୍ତି ।

### ପଞ୍ଜିକୃତ ହୋଇଛନ୍ତି ୧.୬୪ ଲକ୍ଷ କୃଷି ଶ୍ରମିକ

ଚଳିତ ବର୍ଷ ଜାନୁଆରୀ ଶେଷ ସୁଦ୍ଧା ରାଜ୍ୟରେ ଓଡିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧିନରେ ୪୫.୪୫ ଲକ୍ଷ ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇଥିବାବେଳେ ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୩,୯୭,୨୬୨ ଜଣ ଅଣସଂଗଠିତ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି। ଏଥି ମଧ୍ୟରେ ୧,୬୪,୧୨୧ ଜଣ କୃଷି ଶ୍ରମିକ ରହିଛନ୍ତି। ଏନେଇ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଉପରୋକ୍ତ ସୂଚନା ଦେଇଛନ୍ତି ରାଜ୍ୟ ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଗତବର୍ଷ ଶେଷ ସୁଦ୍ଧା ରାଜ୍ୟରେ ୯,୮୨,୩୯୦ ସଂଖ୍ୟକ ବ୍ୟକ୍ତିଙ୍କୁ ଇଏସ୍‌ଆଇ ଅର୍ନ୍ତଭୁକ୍ତ କରାଯାଇଛି। ଏହାଛଡ଼ା ୨୦୨୪ ବର୍ଷରେ ଓଡ଼ିଶାରେ ଅନ୍ୟ ରାଜ୍ୟର ୩୯,୫୨୧ ଜଣ ଶ୍ରମିକ କାମ କରୁଛନ୍ତି। ଓଡ଼ିଶାରୁ ମୁଖ୍ୟତଃ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ ଓ ଗୁଜୁରାଟ ଆଦି ରାଜ୍ୟକୁ ଶ୍ରମିକ କାମ କରିବାକୁ ଯାଉଛନ୍ତି। ୨୦୨୪ ବର୍ଷରେ ୧୦୩୭ ଜଣ ଠିକାଦାରଙ୍କୁ ବାହାର ରାଜ୍ୟରେ ୭୦,୧୪୨ ଜଣ ପ୍ରବାସୀ ଶ୍ରମିକଙ୍କୁ ନିୟୋଜନ ନିମନ୍ତେ ଲାଇସେନ୍ସ ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ସୂଚନା ଦେଇଛନ୍ତି।


### ୫୨,୩୬୮ ୱାର୍ଡକୁ ଯୋଗାଯାଇଛି ପାନୀୟଜଳ

ରାଜ୍ୟରେ ଅଦ୍ୟାବଧି ୫୨,୩୬୮ଟି ୱାର୍ଡରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯାଇଛି। ଆଉ ୪୦,୧୯୩ ୱାର୍ଡକୁ ପାଇପ୍ ଯୋଗେ ବିଶୁଦ୍ଧ ଜଳ ଯୋଗାଇଦେବା ସକାଶେ ପ୍ରସ୍ତାବ ରହିଛି। ପାନୀୟଜଳ ଯୋଗାଣ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ। ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ଏବେ ୬୭୯୪ଟି ଗ୍ରାମପଞ୍ଚାୟତ ଓ ଜଳଜୀବନ ମିଶନ ପୋର୍ଟାଲରେ ଉଲ୍ଲେଖ ଥିବା ତଥ୍ୟ ଅନୁସାରେ ୪୬,୫୩୧ଟି ଗାଁ ରହିଛି। ଏହିସବୁ ପଞ୍ଚାୟତରେ ଥିବା ୱାର୍ଡଗୁଡିକ ମଧ୍ୟରୁ ୫୨,୬୩୮ଟି ୱାର୍ଡକୁ ଆଜି ପର୍ଯ୍ୟନ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇଛି। ୨୦୨୬ ଜୁନ୍ ସୁଦ୍ଧା ପର୍ଯ୍ୟାୟକ୍ରମେ ରାଜ୍ୟର ସମସ୍ତ ଗ୍ରାମକୁ ପାଇପ୍ ଯୋଗେ ବିଶୁଦ୍ଧ ଜଳ ଯୋଗାଣ ଲକ୍ଷ୍ୟ ରଖାଯାଇଛି।

## ବର୍ଷକୁ ମରୁଛନ୍ତି ୮୦ରୁ ଅଧିକ ହାତୀ

ଭୁବନେଶ୍ୱର,୧୮।୨(ସଂଚାର ବ୍ୟୁରୋ): ରାଜ୍ୟରେ ଚିନ୍ତା ବଢ଼ାଉଛି ହାତୀ ମୃତ୍ୟୁ ସଂଖ୍ୟା । ପ୍ରତିବର୍ଷ ପାଖାପାଖି ୮୧ ହାତୀଙ୍କର ମୃତ୍ୟୁ ହେଉଥିବା ନେଇ ସୂଚନା ଦେଇଛନ୍ତି ରାଜ୍ୟ ସରକାର । ବିଧାନସଭାରେ ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନରେ ଲିଖିତ ଉତ୍ତର ରଖିଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ୨୦୨୪ ନଭେମ୍ବର ସୁଦ୍ଧା ରାଜ୍ୟରେ ମୋଟ ୨ହଜାର ୧୦୩ଟି ହାତୀ ଥିବା ଗଣନା କରାଯାଇଛି। ସେଥିମଧ୍ୟରୁ ମୟୂରଭଞ୍ଜରେ ସର୍ବାଧିକ ୨୯୫ଟି ହାତୀ ଥିବା ବେଳେ ଢେଙ୍କାନାଳରେ ୨୯୧, ଅନୁଗୁଳରେ ୨୫୪, କେନ୍ଦୁଝରରେ ୧୯୫, ସୁନ୍ଦରଗଡ଼ରେ ୧୭୯ ଓ ସମ୍ବଲପୁରରେ ୧୪୦ ହାତୀ ଅଛନ୍ତି। ସେହିପରି ହାତୀ ମୃତ୍ୟୁର କାରଣ ମଧ୍ୟ ଗୃହରେ ଜଣାଇଛନ୍ତି ବିଭାଗୀୟ ମନ୍ତ୍ରୀ। ଶିକାର, ବିଦ୍ୟୁତ୍ ଆଘାତ, ରେଳ ଦୁର୍ଘଟଣା, ସଡକ ଦୁର୍ଘଟଣା, ବିଭିନ୍ନ ପ୍ରକାର ରୋଗ, ଲୋକ ମାନଙ୍କର ପ୍ରତିଶୋଧ ମନୋଭାବ କଳହ, ପାହାଡରୁ ପଡି, ଦଳିହୋଇ, ବୟସାଧିକ ଯୋଗୁଁ ହାତୀଙ୍କର ମୃତ୍ୟୁ ହେଉଥିବା କହିଛନ୍ତି ଗଣେଶ ରାମ ସିଂ ଖୁଣ୍ଟିଆ।

## ଖୁବଶିଘ୍ର ଲାଗୁ ହେବ ଶିଶୁ ବାଲ ବାଟିକା-୩



ଭୁବନେଶ୍ୱର,୧୮।୨(ସଂଚାର ବ୍ୟୁରୋ): ଆସନ୍ତା ଶିକ୍ଷାବର୍ଷରେ ୪୫ ହଜାର ପ୍ରାଥମିକ ବିଦ୍ୟାଳୟରେ ଖୋଲାଯିବ ଶିଶୁ ବାଲ ବାଟିକା ୩ । ସୋମବାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବଜେଟରେ ଏନେଇ ଘୋଷଣା କରିଥିବା ବେଳେ, ମଙ୍ଗଳବାର ଏନେଇ ପ୍ରତିକ୍ରିୟା ରଖିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମନ୍ତ୍ରୀ କହିଛନ୍ତି ଯେ, ଛୋଟ ପିଲାଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ପିଲାଟିଏ କିଭଳି ତାର ଗୁଣାତ୍ମକ ଶିକ୍ଷା ବୃଦ୍ଧି କରିବ ସେନେଇ ଯୋଜନା ଚାଲିଛି। ପ୍ରାୟ ୪୫ ହଜାର ପ୍ରାଥମିକ ବିଦ୍ୟାଳୟରେ ବାଲବାଟିକା ନିଆଯାଇଛି । ଏହା ଖୁବଶୀଘ୍ର ଲାଗୁ କରାଯିବ । ବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ସୁଦୃଢ଼ କରାଯିବା ନେଇ ମଧ୍ୟ ଗୁରୁତ୍ୱ ଦିଆଯାଇଛି ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବଜେଟ ଉପସ୍ଥାପନ କରିଛନ୍ତି । ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧ ହଜାର ୧୮୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ସେଥିମଧ୍ୟରୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ୨ ହଜାର ୯୬୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେହିପରି ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନା ଅଧୀନରେ ୧୯୩ କୋଟି ଟଙ୍କା, ପଞ୍ଚସଖା ଶିକ୍ଷା ସେତୁ ଅଧୀନରେ ୧୪୦ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ୧୩୯ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନା ପାଇଁ ୮୨ କୋଟି ଟଙ୍କା ପ୍ରଦାନ କରାଯାଇଛି । ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୯୯୭ କୋଟି ଟଙ୍କା ପ୍ରଦାନ କରାଯାଇଛି ।

## ଜଳିଗଲା ସ୍କୁଟର, ଅଳ୍ପକେ ବର୍ତ୍ତିଲେ ଚାଳକ



ଯାଜପୁର,୧୮।୨(ସଂଚାର ବ୍ୟୁରୋ): ଜଳିଗଲା ସ୍କୁଟର । ରାସ୍ତା ଉପରେ ହୁତୁ ହୁତୁ ହୋଇ ସ୍କୁଟରଟି ଜଳିଯାଇଛି। ଯାଜପୁର ଜିଲ୍ଲା ନୂଆଗଡ ଗୋଲେଇ ଛକ ନିକଟରେ ଗାଡିଟି ହଠାତ ଜଳିଗଲା। ଅଗ୍ନିଶମବାହିନୀ ପହଂଚି ନିଆଁକୁ ଆୟତ୍ତ କରିଥିଲେ। ଚାଦାନନ୍ଦ ମହାରଣା ସ୍କୁଟର ଚଲାଇ ଆସୁଥିଲେ । ହଠାତ ଗାଡିରେ ନିଆଁ ଲାଗିଯିବାରୁ ଗାଡି ଛାଡି ପଳାଇ ଆସିଥିଲେ । ପରେ ନିଆଁକୁ ଆୟତ୍ତ କରିଥିଲେ ଯାଜପୁର ରୋଡ ଅଗ୍ନିଶମବାହିନୀ। ଗାଡିଟି ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଚାଳକ ।


## ପରୀକ୍ଷା ପୂର୍ବଦିନ ମିଳିଲା ଛାତ୍ରଙ୍କ ମୃତଦେହ



ଭୁବନେଶ୍ୱର,୧୮।୨(ସଂଚାର ବ୍ୟୁରୋ): ବୁଧବାର ପରୀକ୍ଷା ଦେଇଥାନ୍ତେ । ମଙ୍ଗଳବାର ମିଳିଲା ଝୁଲନ୍ତା ମୃତଦେହ। ଏଭଳି ଘଟଣା ଘଟିଛି ରାଜଧାନୀ ଭୁବନେଶ୍ୱରରେ। ପରିତ୍ୟକ୍ତ ସି-ସୋର୍ କୋଠାରୁ ମିଳିଛି ଛାତ୍ରଙ୍କ ମୃତଦେହ। ମୃତ ଛାତ୍ର ହେଲେ ସୁମନ ବିଶ୍ୱାଳ । ଏକ ଘରୋଇ କଲେଜରେ ବିସିଏ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ ସୁମନ। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରି କେହି ଝୁଲାଇ ଦେଇଛି ତାହା ସ୍ପଷ୍ଟ ହୋଇନି । ତେବେ ତାଙ୍କ ପ୍ୟାକେଟ୍‌ରୁ ସୁଇସାଇଡ ନୋଟ ମିଳିଥିବାରୁ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଉକ୍ତ ଚିଠିରେ ବାପାଙ୍କ ଉଦ୍ଦେଶ୍ୟରେ କିଛି ଲେଖାଯାଇଥିଲା ବାପା, ଭଲ ପୁଅ ହୋଇ ପାରିଲନି ମୋତେ କ୍ଷମା କରିଦିଅ। ଖବର ପାଇ ଇନ୍‌ଫୋସିଟି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଛି । ଘଟଣାସ୍ଥଳରେ ପରିବାର ଲୋକ ପହଞ୍ଚିଛନ୍ତି । ମୃତଦେହ ପୋଷ୍ଟମର୍ଟମ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ । ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ ଚଳାଇଛି ।

## ଡାହାଣୀ ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା

ମୟୂରଭଞ୍ଜ,୧୮।୨(ସଂଚାର ବ୍ୟୁରୋ): ଅନ୍ଧ ବିଶ୍ୱାସ ନେଲା ୨ ଜୀବନ । ଡାହାଣୀ ସନ୍ଦେହରେ ସ୍ୱାମୀ ସ୍ତ୍ରୀଙ୍କୁ ହତ୍ୟା । ପଡ଼ୋଶୀ ହାତରେ ଗଲା ସ୍ୱାମୀ ସ୍ତ୍ରୀଙ୍କ ଜୀବନ । ତେବେ ଆଧୁନିକ ଯୁଗରେ ଲୋକେ କେତେ ଚାଲାକ୍ ହେଲେଣି। କିନ୍ତୁ ଏବେ ବି କିଛି ଲୋକଙ୍କ ମନରେ ଭରି ରହିଛି ଅନ୍ଧବିଶ୍ୱାସର ମାୟାଜାଲ । ଆଉ ଏହି ଅନ୍ଧବିଶ୍ୱାସର କୁପ୍ରଭାବରେ ହନ୍ତସନ୍ତ ହେଉଛନ୍ତି କିଛି ନୀରିହ ଜନ ସାଧାରଣ । ଲୋକମାନେ ଯେତେ ଆଧୁନିକତା ଦିଗକୁ ଗଲେ ମଧ୍ୟ କିଛି କିଛି ସ୍ଥାନରେ ଅନ୍ଧବିଶ୍ୱାସର ଚିହ୍ନ ସ୍ପଷ୍ଟ ବାରି ହୋଇପଡୁଛି । ତେବେ ଏହି ଅନ୍ଧବିଶ୍ୱାସର କୁ ପରିଣାମ ଗାଁ ମାନଙ୍କରେ ହିଁ ଦେଖିବାକୁ ମିଳୁଛି । ଏହି ଅନ୍ଧବିଶ୍ୱାସ ଯୋଗୁଁ ଆଜି ଗୋଟିଏ ସଂସାର ଉଜୁଡ଼ି ଯାଇଛି । ଅନାଥ ହୋଇଯାଇଛି ପୁଅ । ମୟୂରଭଞ୍ଜ ଜିଲ୍ଲାରେ ଦେଖିବାକୁ ମିଳିଛି ଏହି ଅଭାବନୀୟ ଘଟଣା। ଡାହାଣୀ ସନ୍ଦେହରେ ସ୍ୱାମୀ ଓ ସ୍ତ୍ରୀଙ୍କ ହତ୍ୟା କରାଯାଇଛି । ବିଶୋଇ ଥାନାର ଖଡମବେଡା ପଞ୍ଚାୟତର କିତାବେଡା ଗାଁରେ ଘଟିଯାଇଛି ଏହି ଘଟଣା। ସ୍ୱାମୀ ସ୍ତ୍ରୀଙ୍କୁ ମାରଣାସ୍ତ୍ରରେ ନୃଶଂସ ଭାବେ ହତ୍ୟା କରିଛି ପଡୋଶୀ । ଅଭିଯୁକ୍ତ ପଡୋଶୀ ଜଣକ ହେଲେ ଅଜୟ ନାଏକ। ହତ୍ୟାକାଣ୍ଡ କରି ଫେରାର ହୋଇ ଖସି ପଳାଉଥିବା ବେଳେ ବିଶୋଇ ପୋଲିସ ତାକୁ ଧରିବାରେ ସଫଳ ହୋଇଛି ।



## 'କେନ୍ଦ୍ର ଓ ରାଜ୍ୟ ବଜେଟ' ଅର୍ଥନୈତିକ ବିକାଶକୁ ଦୃଢ଼ୀଭୂତ କରିବ: କେନ୍ଦ୍ରମନ୍ତ୍ରୀ

● ସମାଜର ତଳ ପାହାଚରେ ଥିବା ବ୍ୟକ୍ତିର ବିକାଶ ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ: ସାମଲ

● ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିବ ରାଜ୍ୟ ବଜେଟ : ପୂଜାରୀ

ଭୁବନେଶ୍ୱର,୧୮।୨(ସଂଚାର ବ୍ୟୁରୋ): କେନ୍ଦ୍ରରେ ସରକାର ଆସିବା ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ୨୦୧୪ରେ ଭାରତର ବଜେଟ ୧୬ ଲକ୍ଷ କୋଟିରୁ ଆରମ୍ଭ ହୋଇଥିଲା।୨୦୨୫-୨୬ ବଜେଟ୍ ଏବେ ୫୧ ଲକ୍ଷ କୋଟିରେ ପହଞ୍ଚିଛି। କେନ୍ଦ୍ର ବଜେଟ୍‌ରେ ଚାକିରିଆ, ବ୍ୟବସାୟୀଙ୍କ ପାଇଁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ କରାଯାଇଛି। କୃଷକମାନଙ୍କ ପାଇଁ କିଶାନ କାର୍ଡର ସୀମା ୩ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ଓଡ଼ିଶା ସମେତ ପୂରା ଦେଶର ଚାଷୀକୁଳ ଲାଭବାନ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଗ୍ରାମାଂଚଳରେ ୨୯ ଲକ୍ଷ ଓ ୧୭୬ଟି ସହର ପାଇଁ ୩ ଲକ୍ଷ ଘର ତିଆରି କରାଯାଇଛି। ଏହା କେବଳ ୨୦୨୫-୨୬ର ବଜେଟ ନୁହେଁ ବରଂ ନରେନ୍ଦ୍ର ମୋଦିଙ୍କ ସରକାରଙ୍କ ସୁଶାସନର ଗତ ୧୦ ବର୍ଷର ରିପୋର୍ଟ କାର୍ଡ ବୋଲି କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ କହିଛନ୍ତି। ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସିଂହ କହିଛନ୍ତି ଯେ, ଭାଜପା ସରକାର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପ୍ରାୟ ୪୧ହଜାର କିଲୋମିଟରରୁ ଅଧିକ ସଡ଼କ ତିଆରି କରିଛନ୍ତି। ଜଳଜୀବନ ମିଶନରେ ୭୧ ପ୍ରତିଶତ ଘରକୁ ପିଇବା ପାଣି ଯୋଗାଣ କରାଯାଇଛି। ସୌଭାଗ୍ୟ ଯୋଜନାରେ ବିଦ୍ୟୁତ ଯୋଗାଣ ସହ ଓଡ଼ିଶାରେ ଜନଧନ ଯୋଜନାରେ ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବା ପହଞ୍ଚାଯାଇପାରିଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ସେବା ଯୋଜନାରେ ଲୋକଙ୍କୁ ୧୦ ଲକ୍ଷ ଓ ୫ ଲକ୍ଷର ସ୍ୱାସ୍ଥ୍ୟ ବୀମା ଦିଆଯାଇଛି। ଏହା ବିଶ୍ୱର ସବୁଠାରୁ ବଡ଼ ସାମାଜିକ ସୁରକ୍ଷା ବୀମା ଅଟେ। ଭିତିଭୂମିର ବିକାଶ ପାଇଁ ଆମେ ସର୍ବାଧିକ ଜୋର ଦେଇଛୁ। ପୂର୍ବରୁ କେବଳ ଓଡ଼ିଶାରେ ୩ଟି ମେଡିକାଲ କଲେଜ ଥିଲା। ନରେନ୍ଦ୍ରମୋଦିଙ୍କ ସରକାର ଆସିବା ପରେ ଗତ ୧୦ ବର୍ଷରେ ନୂଆ ୭ଟି ମେଡିକାଲ କଲେଜ ତିଆରି କରାଯାଇଛି। ଆଗାମୀ ୫ ବର୍ଷ ଭିତରେ ଓଡ଼ିଶାର ସବୁ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବାକୁ ଯୋଜନା କରାଯାଇଛି।




ବିହାର, ଓଡ଼ିଶା ଓ ପଶ୍ଚିମବଙ୍ଗରେ କ୍ୟାନସର ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ସବୁ ଜିଲ୍ଲାରେ ଗୋଟିଏ ଲେଖାଏଁ "ଡେ କେୟାର ସେଂଟର" କରିବାକୁ ଯୋଜନା କରାଯାଇଛି। ନରେନ୍ଦ୍ର ମୋଦିଙ୍କ ସରକାରରେ ଓଡ଼ିଶାରେ ରେଳର ଭିତିଭୂମିକୁ ସୁଦୃଢ଼ କରାଯାଇଛି। ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ରାଜ୍ୟରେ ରେଳପଥର ବିକାଶ ପାଇଁ ବାର୍ଷିକ ହାରାହାରି ମାତ୍ର ୮୩୮କୋଟି ଟଙ୍କାର ଅନୁଦାନ ମିଳୁଥିଲା। ବର୍ତମାନ ଏହା ବାର୍ଷିକ ହାରାହାରି ୧୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ମିଳୁଛି।

## ସହରାଞ୍ଚଳ ବର୍ଜ୍ୟରେ ପ୍ରଦୂଷିତ ହେଉଛି ନଦୀଜଳ

ଭୁବନେଶ୍ୱର,୧୮।୨: ନଦୀଜଳ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ସହରାଞ୍ଚଳର ବର୍ଜ୍ୟ। ଏଥିଯୋଗୁଁ ୧୧ଟି ପ୍ରମୁଖ ନଦୀର ଜଳ ଏବେ ସିଧାସଳଖ ପାନୀୟ ଜଳ ଯୋଗ୍ୟତା ହରାଇଛି। ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ। ନଦୀଜଳ ପ୍ରଦୂଷଣ ଉପରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ୧୧ଟି ନଦୀସମୂହ ଯଥା ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୂଲ୍ୟା, ନାଗାବଳୀ, ସୁବର୍ଣ୍ଣରେଖା, ବୁଢାବଳଙ୍ଗ, କୋଲାବ, ବଂଶଧାରା, ଇନ୍ଦ୍ରାବତୀ ଓ ବାହୁଡ଼ା ଆଦି ପ୍ରଭାବିତ ହେଉଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ୧୨୯ଟି ସ୍ଥାନରେ ପ୍ରତି ମାସରେ ଏହି ନଦୀର ଜଳକୁ ପରୀକ୍ଷା କରାଯାଇଆସିଛି। ଗତବର୍ଷ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ହୋଇଥିବା ପରୀକ୍ଷଣରୁ ଜଣାପଡ଼ିଛି ଯେ ମୋଟ୍ ୧୨୯ଟିରୁ ୧୧୩ଟି ସ୍ଥାନରେ ନଦୀଜଳ 'ଗ' ଶ୍ରେଣୀରେ ରହିଛି। ଅର୍ଥାତ୍ ଏହିସବୁ ସ୍ଥାନର ନଦୀଜଳକୁ ପାରମ୍ପରିକ ପଦ୍ଧତିରେ ବିଶୋଧନ କରି ପାନୀୟଜଳ ଭାବେ ବ୍ୟବହାର କରାଯାଇପାରିବ। କିନ୍ତୁ ଅବଶିଷ୍ଟ ୧୬ଟି ସ୍ଥାନରେୟ ନଦୀଜଳର ମାନ ଉଦ୍ଦିଷ୍ଟ ମାନ ମଧ୍ୟରେ ରହୁନାହିଁ। ଅର୍ଥାତ୍ ଏହିସବୁ ସ୍ଥାନରେ ନଦୀଜଳକୁ ପାରମ୍ପରିକ ଭାବେ ବିଶୋଧନ କରାଯିବା ପରେ ମଧ୍ୟ ବ୍ୟବହାର ଉପଯୋଗୀ ହୋଇପାରିବ ନାହିଁ। ପ୍ରଦୂଷିତ ସ୍ଥାନଗୁଡ଼ିକରେ ନଦୀ ଜଳ ପ୍ରଦୂଷଣ ମୁଖ୍ୟତଃ ସହରାଞ୍ଚଳ ବର୍ଜ୍ୟ ଜଳ ନିଷ୍କାସନ ତଥା ନଦୀ ଜଳର ଇନଷ୍ଟ୍ରିମ ବ୍ୟବହାର ଯୋଗୁଁ ଘଟୁଥିବା ଆକଳନ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ନଦୀ ଜଳର ପ୍ରଦୂଷଣ ସଂକ୍ରାନ୍ତରେ କ୍ରମାଗତ ଭାବେ ସମ୍ପୃକ୍ତ ପୌରାଞ୍ଚଳ ଅଧିକାରୀଙ୍କୁ ଅବଗତ କରାଇ ନଦୀଜଳର ପ୍ରଦୂଷଣ ନିରାକରଣ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ସମ୍ପୃକ୍ତ ଜିଲ୍ଲା ଅଧିକାରୀ, ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ, ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ, ରାଜ୍ୟ ଜଳ ଯୋଗାଣ ଓ ପରିମଳ ବୋର୍ଡକୁ ମଧ୍ୟ ପଦକ୍ଷେପ ନେବା ସକାଶେ କୁହାଯାଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି। ଦୟା ଓ ଗଙ୍ଗୁଆ ନଦୀଜଳ ପ୍ରଦୂଷଣ ସଂକ୍ରାନ୍ତରେ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଏହି ଦୁଇଟିର ପ୍ରଦୂଷଣ ସଂକ୍ରାନ୍ତରେ ସରକାର ଅବଗତ ଅଛନ୍ତି। ଦୟା ନଦୀ ଓ ଗଙ୍ଗୁଆ ନାଳ ଜଳର ପ୍ରଦୂଷଣ ପାଇଁ ମୁଖ୍ୟତଃ ଭୁବନେଶ୍ୱର ସହରାଞ୍ଚଳରୁ ନିର୍ଗତ ନର୍ଦ୍ଦମାଜଳ ଦାୟୀ। ରାଜ୍ୟର କେବଳ ୫ଟି ସହର ଭୁବନେଶ୍ୱର, ପୁରୀ, କଟକ, ସମ୍ବଲପୁର ଓ ରାଉରକେଲାରେ ଘରୋଇ ବର୍ଜ୍ୟଜଳ ପରିଚାଳନା ସ୍ୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ମାଧ୍ୟମରେ କରାଯାଉଛି। ନିର୍ଗତ ବର୍ଜ୍ୟବସ୍ତୁର ବିଶୁଦ୍ଧିକରଣ ଫିକଲ ସ୍ଲଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ମାଧ୍ୟମରେ ହେଉଛି। ଜଳ ବିଶୋଧନ ପାଇଁ ଜୀବାଣୁ ନାଶକ ପଦାର୍ଥ ଭାବରେ ପ୍ରତିଦିନ ଲିଟର ପ୍ରତି ୫ ମିଲିଗ୍ରାମ ଅନୁପାତରେ କ୍ଲୋରିନ୍ ଗ୍ୟାସର ବ୍ୟବହାର କରାଯାଉଛି। (ତଥ୍ୟ)

## ପିସିସି ସଭାପତିଙ୍କ ସଂକଳ୍ପ ପଦଯାତ୍ରା ଆରମ୍ଭ

● ଠେଲାପେଲାରେ ପଡ଼ିଗଲେ ଭକ୍ତ



ଭୁବନେଶ୍ୱର, ୧୮।୨(ସଂଚାର ବ୍ୟୁରୋ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ (ପିସିସି) ପକ୍ଷରୁ ନବନିଯୁକ୍ତ ପିସିସି ସଭାପତି ଭକ୍ତ ଚରଣ ଦାସ ଆଜି ଏଠାରୁ ସଂକଳ୍ପ ପଦଯାତ୍ରା ଆରମ୍ଭ କରିଛନ୍ତି। ଦିଲ୍ଲୀରୁ ଆସି ଭୁବନେଶ୍ବର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ପଦଯାତ୍ରା କମିଟି ଅଧ୍ୟକ୍ଷ ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବିଧାୟକ ସାଗର ଦାସ, ବିଧାୟକ ରମେଶ ଜେନା, ବରିଷ୍ଠ କଂଗ୍ରେସ ନେତା ମାନସ ଚୌଧୁରୀ ପ୍ରମୁଖ ସ୍ୱାଗତ କରିଛନ୍ତି। ବିମାନବନ୍ଦରରୁ ଏହି ପଦଯାତ୍ରା ଆରମ୍ଭ ହେବାକୁ ଥିଲେ ହେଁ ଠେଲାପେଲାରେ ଭକ୍ତ ତଳେ ପଡ଼ିଯାଇ ଆହତ ହୋଇଥିଲେ। ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲେ ହେଁ କିଛି ସମୟ ପରେ ସେ ପଦଯାତ୍ରାରେ ଯୋଗଦେଇଥିଲେ। ଶିଶୁ ଭବନ ଛକରେ ଓଡ଼ିଶା କଂଗ୍ରେସ ସେବା ଦଳର ଶହ ଶହ କର୍ମୀ ପଦଯାତ୍ରାରେ ସାମିଲ୍ ହୋଇଥିଲେ। ବିଜୁପଟ୍ଟନାୟକ ବିମାନ ବନ୍ଦରଠାରୁ ଶିଶୁ ଭବନ ଛକ ଦେଇ ରାଜମହଲ ଛକ, କଳ୍ପନା ଛକ, ବିଜେବି କଲେଜ ଛକ, ସାମନ୍ତାପୁର ଛକ, ଉତ୍ତରା ଛକ ଦେଇ ପଦଯାତ୍ରା ଯିବା ପରେ ଏହା ଲିଙ୍ଗିପୁର ଛକରେ ଅପରାହ୍ନ ୩ଟା ବେଳେ ପହଞ୍ଚିଥିଲା।

# ପାକିସ୍ତାନର ଆଶଙ୍କା ଅମୂଳକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ବେଳେ ଦୁଇ ଦେଶ ମଧ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ମହତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଫଳରେ ଭାରତକୁ ଆମେରିକା ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର ଏବଂ ଲଢ଼ୁଆ ବିମାନ ପ୍ରଦାନ କରିବ। ଚୀନର ମୁକାବିଲା ପାଇଁ ଆମେରିକା ଭାରତକୁ ଏହି ସହାୟତା ପ୍ରଦାନ କରୁଛି। ଏଥିରେ ଚୀନ ଅପେକ୍ଷା ପାକିସ୍ତାନ ଅଧିକ ବ୍ୟସ୍ତ ବିବ୍ରତ ହୋଇପଡ଼ୁଛି। ଭାରତକୁ ଆମେରିକାର ଏହି ସାମରିକ ସହାୟତା ଦକ୍ଷିଣ ଏସିଆରେ ଉତ୍ତେଜନା ଏବଂ ଅଶାନ୍ତି ସୃଷ୍ଟି କରିବ। ସମଗ୍ର ଅଞ୍ଚଳରେ ଏହା ଦ୍ୱାରା ଅସ୍ତ୍ର ପ୍ରତିଯୋଗିତା ସୃଷ୍ଟି ହେବ ବୋଲି ପାକିସ୍ତାନ କହିଛି। ଏହାର ଯଥାର୍ଥତା ନାହିଁ। ସାମରିକ ଦୃଷ୍ଟିରୁ ଭାରତ କେବଳ ଚୀନ ସହ ସମକକ୍ଷ ହେବାକୁ ଉଦ୍ୟମ କରୁଛି। ପାକିସ୍ତାନ ସହ ଭାରତର ମୁକାବିଲା ହେଉନି। ପାକିସ୍ତାନର ଆର୍‌ଥିକ ସ୍ଥିତି ଯାହା ସେଥିରେ ଏହା ଅସ୍ତ୍ରଶସ୍ତ୍ର କ୍ରୟ କରିବା ସମ୍ଭବ ନୁହେଁ। ଚୀନ ଏବଂ ଋଷିଆରୁ ଏହା ସାମରିକ ସହାୟତା ପାଉଛି। କିନ୍ତୁ ଏହା ଦ୍ୱାରା ପାକିସ୍ତାନ ଭାରତର ସମକକ୍ଷ ହୋଇପାରିବ ନାହିଁ। କାରଣ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଧିରେ ଧିରେ ଆତ୍ମନିର୍ଭରଶୀଳ ହେଉଛି। ଭାରତର ନିଜସ୍ୱ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ମଧ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। କେବଳ ଆମେରିକା ନୁହେଁ, ଫ୍ରାନ୍ସରୁ ମଧ ଭାରତ ଲଢ଼ୁଆ ବିମାନ ଖରିଦ କରୁଛି। ଭାରତ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ବାବଦରେ ବିପୁଳ ବୈଦେଶିକ ମୁଦ୍ରା ବ୍ୟୟ କରୁଛି। ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏଥିରୁ ନିସ୍ତାର ପାଇବାକୁ ଚିନ୍ତା କରୁଛନ୍ତି ଏବଂ ତଦନୁଯାୟୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ବହୁ ବର୍ଷ ତଳୁ ହେବାର ଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟ ଆଗକୁ ଭାରତୀୟ ଅର୍ଥନୀତିରେ ଗେମ ଚେଞ୍ଜର ହୋଇପାରେ। ଏହା ଉଭୟ ବୈଦେଶିକ ମୁଦ୍ରେ ଉପାର୍ଜନ ସହ ଭାରତର ପ୍ରତିରକ୍ଷା ସାମର୍ଥ୍ୟକୁ ବୃଦ୍ଧି କରିବ। ଇତିମଧ୍ୟରେ ଭାରତୀୟ ବାୟୁସେନା ଆଉ କିଛି ଲଢ଼ୁଆ ବିମାନ କିଣିବାକୁ ଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଏହାକୁ ଅନୁମୋଦନ କରିଛି। ଏଥିରେ କେବଳ ହାଲ ନୁହେଁ, ଅନେକ ଭାରତୀୟ ଶିଳ୍ପ ସଂସ୍ଥା ଉପକୃତ ହେବେ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କ୍ଷମତାକୁ ଆସିବା ପରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳି ହୋଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଆମେରିକା, ରୁଷ ଏବଂ ଫ୍ରାନ୍ସ ଭଳି ଦେଶରୁ ଭାରତ ବହୁ ଶକ୍ତିଶାଳି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି, ଆଉ କିଛି କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ବୈଦେଶିକ ନୀତି ଏବଂ କୂଟନୀତି ବଳରେ ଏହା ସମ୍ଭବ ହୋଇପାରିଛି। ଏବେ ଭାରତ ଆଉ ପାକିସ୍ତାନକୁ ନିଜର ପ୍ରତିଦ୍ୱନ୍ଦ୍ୱି ଭାବେ ବିଚାର କରୁନି। ଏବେ ଚୀନ ହେଉଛି ଭାରତର ଟାର୍ଗେଟ। ଭାରତ ତୁଳନାରେ ଚୀନ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗରେ। ତେଣୁ ଚୀନ ସହ ସମ୍ଭାବ୍ୟ ସାମରିକ ମୁକାବିଲାକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି। ଯାହା ୫୦ ବର୍ଷ ତଳୁ କରିବାର ଥିଲା ତାହା ଏବେ ହେଉଛି। ତେଣୁ ଚୀନ ସହ ସମକକ୍ଷ ହେବାକୁ ଭାରତକୁ ଆହୁରି ୫୦ ବର୍ଷ ଲାଗିଯିବ। ଯାହା ବି ହେଉ ଏବେ ଅନ୍ତତଃ ପକ୍ଷେ ଚୀନର ମୁକାବିଲା ନିମନ୍ତେ ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଛି। କେବଳ ଚୀନ ନୁହେଁ, ଭବିଷ୍ୟତରେ ଯଦି କେବେ ଚୀନ ଏବଂ ପାକିସ୍ତାନ ମିଳିତ ଭାବେ ଭାରତ ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି ତେବେ ଏହାର ମୁକାବିଲା ନିମନ୍ତେ ଭାରତୀୟ ସେନା ପ୍ରସ୍ତୁତ ବୋଲି ସେନା ମୁଖ୍ୟ କହିଛନ୍ତି। ମନମୋହନ ସିଂହଙ୍କ ଶାସନ କାଳରେ ଭାରତ ଫ୍ରାନ୍ସରୁ ରାଫେଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହା ଅଟକି ରହିଥିଲା। ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନଥିଲା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଏହାକୁ ତତ୍କାଳ କାର୍ଯ୍ୟକାରୀ କରାଗଲା। ଫ୍ରାନ୍ସରୁ ଭାରତ ୩୬ଟି ରାଫେଲ ବିମାନ କ୍ରୟ କରିଛି। ଏଲଏସିରେ ଏବେ ରାଫେଲ ମୁତୟନ ହୋଇଛି। ଏହା ସହିତ ଆମେରିକାରୁ ମଧ ଭାରତ ଶକ୍ତିଶାଳି ହେଲିକପ୍ଟର, ମିଶାଇଲ ସିଷ୍ଟମ, ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କ୍ରୟ କରିଛି। ଏବେ ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ହୋଇଛି। ଏହି ଚୁକ୍ତି ଅନୁଯାୟୀ ଭାରତ ଆମେରିକାରୁ ପ୍ରିଡେଟର ଡ୍ରୋନ କ୍ରୟ କରିବ। ସେହିପରି ଫ୍ରାନ୍ସ ସହ ମଧ ଭାରତ ସାମରିକ ଚୁକ୍ତି କରିଛି। ଏହି ଚୁକ୍ତି ଅନୁଯାୟୀ ଭାରତୀୟ ନୌଃସେନା ନିମନ୍ତେ ଫ୍ରାନ୍ସରୁ ଆଉ ୨୬ଟି ରାଫେଲ ଏବଂ ୩ଟି ସବମେରିନ କ୍ରୟ କରାଯିବ। ଏହା ଫଳରେ ଭାରତୀୟ ନୌଃସେନାର ଶକ୍ତି ବହୁଗୁଣ ବୃଦ୍ଧି ପାଇବ। ସାମରିକ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ନରେନ୍ଦ୍ର ମୋଦି ସଙ୍କଳ୍ପ ନେଇଛନ୍ତି। ତଦନୁଯାୟୀ ଭାରତରେ ଅନେକ ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଲଢ଼ୁଆ ବିମାନ, ସବମେରିନ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ନିର୍ମାଣ କରାଯାଉଛି। ଏହା ଦ୍ୱାରା କେବଳ ଭାରତୀୟ ସେନା ଶକ୍ତିଶାଳି ହେଉନି, ଏହାକୁ ଅନ୍ୟ ଦେଶକୁ ବିକ୍ରି କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ ସଂସ୍ଥା ଏହା ଦ୍ୱାରା ଆର୍‌ଥିକ ଦୃଷ୍ଟିରୁ ସମ୍ପନ୍ନ ହେଉଛି। କିଛି ମାସ ତଳେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଃଶଳରେ ନିର୍ମିତ ଆଇଏନଏସ ବିକ୍ରାନ୍ତ ଜଳାବତରଣ କରିଛି। ଫ୍ରାନ୍ସରୁ ଯେଉଁ ସବମେରିନ କ୍ରୟ କରାଯିବ ତାହା ବାସ୍ତବରେ ମାଜାଗାଓଁରେ ନିର୍ମିତ ହେବ। ଭାରତୀୟ ବାୟୁ ସେନା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌଃଶଳରେ ନିର୍ମିତ ଲଢ଼ୁଆ ବିମାନ ତେଜସ ଆଜି ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ପ୍ରମାଣିତ କରୁଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧକ୍ଷତାରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାର ସିଂହଭାଗ ଭାରତରେ ନିର୍ମିତ ହେବ। ଦେଶର ସେନା ବାହିନୀକୁ ସଶକ୍ତ କରିବାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ଯେପରି ତ୍ୱରାନ୍ୱିତ ନିଷ୍ପତ୍ତି ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ଏବଂ ଉଦାହରଣଯୋଗ୍ୟ। ଯଦି ଅତୀତରେ କେନ୍ଦ୍ର ସରକାର ଏଭଳି ତ୍ୱରିତ ନିଷ୍ପତ୍ତି ନେଇଥାନ୍ତେ ଏବଂ ଭାରତୀୟ ସେନାକୁ ଚୀନର ସମକକ୍ଷ କରିବାକୁ ଉଦ୍ୟମ କରିଥାନ୍ତେ ତେବେ ଆଜି ଭାରତୀୟ ସୀମା ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇବାକୁ ସାହସ କରିନଥାନ୍ତା। ଭାରତ ସରକାର ମାତ୍ରାଧିକ ଟିକସ ଆଦାୟ କରୁଛନ୍ତି ବୋଲି କେତେକ ଅଭିଯୋଗ କରୁଛନ୍ତି। କିନ୍ତୁ ଯଦି ଟିକସ ଆଦାୟ ନହେବ ତେବେ ଭାରତୀୟ ସେନା କିପରି ଶକ୍ତିଶାଳି ହେବ? ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ, ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର କେଉଁଠୁ ଆସିବ? ଭାରତ ନିଜସ୍ୱ ଜ୍ଞାନ କୌଃଶଳରେ ଆଜି ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ସଫଳ ହୋଇଛି। ଆଜି ଭାରତୀୟ ସେନାର କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କ୍ଷମତା ଚୀନର ରାଜଧାନୀ ବେଜିଂ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଆମେରିକାରୁ ଅତ୍ୟାଧୁନୀକ ଡ୍ରୋନ ଆସିବା ଦ୍ୱାରା ଏଲଏସିରେ ଚୀନ ସେନାର ଗତିବିଧି ଉପରେ ଏହା ନଜର ରଖିପାରିବ। ଏହା ଭାରତ ସରକାରଙ୍କ ଦୂରଦୃଷ୍ଟିକୁ ପ୍ରମାଣିତ କରୁଛି। ସୀମା ସୁରକ୍ଷିତ ରହିଲେ ଭାରତର ସାର୍ବଭୌଃମତ୍ୱ ସୁରକ୍ଷିତ ରହିବ, ଆମେ ସୁରକ୍ଷିତ ରହିପାରିବା। ଏହାକୁ ନେଇ ସଂକୀର୍ଣ୍ଣ ରାଜନୀତି ସ୍ପୃହଣୀୟ ନୁହେଁ। ପାକିସ୍ତାନ ଏଥିରେ ବିଚଳିତ ହେବାର କାରଣ ନାହିଁ। କାରଣ ଭାରତର ଏହି ସାମରିକ ପ୍ରସ୍ତୁତି କେବଳ ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ। ଭାରତ କୌଣସି ଦେଶକୁ କେବେ ଆକ୍ରମଣ କରିବ ନାହିଁ ଯେ ପର୍ଯ୍ୟନ୍ତ ଏହାର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି ହୋଇନାହିଁ। ତେଣୁ ପାକିସ୍ତାନ ଅଯଥାରେ ଅସ୍ତ୍ରଶସ୍ତ୍ର ବାବଦରେ ବିପୁଳ ଅର୍ଥ ବ୍ୟୟ କରୁଛି। ଏହା ପରିବର୍ତ୍ତେ ଆର୍‌ଥିକ ଦୃଷ୍ଟିରୁ ପାକିସ୍ତାନ ଆତ୍ମନିର୍ଭରଶୀଳ ହେବାକୁ ଉଦ୍ୟମ କରିବା ଉଚିତ। ଦେଶରେ ଘୋର ଖାଦ୍ୟାଭାବ ଦେଖାଦେଇଛି। ତେଣୁ ପାକିସ୍ତାନ ସରକାର ଖାଦ୍ୟ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେବା ଉଚିତ। ଭାରତ ସହ ଉତ୍ତମ ସମ୍ପର୍କ ରକ୍ଷା କଲେ ବରଂ ଭାରତ ଏହାକୁ ସାମରିକ ସହାୟତା ପ୍ରଦାନ କରିବ ଏବଂ ବିପଦ ବେଳେ ସହଯୋଗର ହାତ ବଢ଼ାଇବ। ସେହିପରି ଭାରତର ଅନ୍ୟତମ ପଡ଼ୋଶୀ ବାଂଲାଦେଶ ମଧ ଅଯଥା ଭାରତ ସହ କଣ୍ଟାବାଡ଼ରେ ଲୁଗା ପକାଇ କଳି କରୁଛି। ଭାରତ ସହ କୌଃଣସି ଦୃଷ୍ଟିରୁ ପାକିସ୍ତାନ ସମକକ୍ଷ ନୁହେଁ। ଭାରତ ସର୍ବଦା ବାଂଲାଦେଶକୁ ନିଜର ଏକ ବନ୍ଧୁ ରାଷ୍ଟ୍ର ବୋଲି ବିବେଚନା କରେ। ତେଣୁ ବାଂଲାଦେଶ ଭାରତକୁ ନିଜର ଶତ୍ରୁ ବା ପ୍ରତିଦ୍ୱନ୍ଦ୍ୱି ବୋଲି ବିଚାର କରିବାର ଯଥାର୍ଥତା ନାହିଁ।

# ବିକଶିତ ଓଡିଶା @୨୦୩୬-ସମୃଦ୍ଧ ସହର



## ପ୍ରଭାକର ସାହୁ

ମାନ୍ୟବର ମୁଖ୍ୟମନ୍ତ୍ରୀ ବିଧନସଭାରେ ୨୦୨୫-୨୬ ବର୍ଷ ନିମନ୍ତେ ବଜେଟ ଉପସ୍ଥାପନ କରିଛନ୍ତି। ଏହି ବଜେଟ କେବଳ କିଛି ସଂଖ୍ୟାର ଉସ୍ଥାପନା ନୁହେଁ ବରଂ ଓଡିଶାକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଦିଗରେ ଏକ ଶକ୍ତିଶାଳୀ ଓ ନିର୍ଣ୍ଣାୟକ ପଦକ୍ଷେପ। ସମୃଦ୍ଧ ଓଡିଶା ଗଠନର ଜୟଯାତ୍ରା। ରାଜ୍ୟ ସରକାର ସମୃଦ୍ଧ ଓଡିଶା @୨୦୩୬ ଗଠନର ଜୟ ଯାତ୍ରା ଆରମ୍ଭ କରିଛନ୍ତି। ଭବିଷ୍ୟତ ପାଇଁ ପ୍ରସ୍ତୁତ ସହର ନିର୍ମାଣ ପାଇଁ ସମୃଦ୍ଧ ସହର ଯୋଜନା ପାଇଁ ଓଡ଼ିଶା ସରକାର ୪୦୮ କୋଟି ବ୍ୟୟ ବରାଦ କରିଛନ୍ତି। ରାଜ୍ୟରେ ସହର ଗୁଡିକର ବିକାଶ ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାର ସମୃଦ୍ଧ ସହର ଯୋଜନା ଅଧୀନରେ ୪୦୮ କୋଟି ବ୍ୟୟ ବରାଦ କରିଛନ୍ତି, ଯାହାର ଲକ୍ଷ୍ୟ ରାଜ୍ୟ ସାରା ସ୍ପନ୍ଦନଶୀଳ, ଭବିଷ୍ୟତ ପାଇଁ ପ୍ରସ୍ତୁତ ସହରଗୁଡ଼ିକୁ ଗଠନ କରିବା। ଏହି ପଦକ୍ଷେପ ଅର୍ଥନୈତିକ କେନ୍ଦ୍ର, ସ୍ମାର୍ଟ ସହର ଯୋଜନା ଏବଂ ସାମଗ୍ରିକ ସହର ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି, ଯାହା ଅଭିବୃଦ୍ଧି, ନବସୃଜନ ଏବଂ ସମୃଦ୍ଧି ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ଅଧୀନରେ, ସରକାର ଯୋଜନା କରିଛନ୍ତି। ସହରାଞ୍ଚଳ ଭିତ୍ତିଭୂମିକୁ ବୃଦ୍ଧି କରିବା - ଉନ୍ନତ ବାସଯୋଗ୍ୟତା ପାଇଁ ରାସ୍ତା, ଡ୍ରେନେଜ୍ ବ୍ୟବସ୍ଥା ଏବଂ ସାର୍ବଜନୀନ ସ୍ଥାନଗୁଡ଼ିକୁ ଉନ୍ନତ କରିବା। ଅର୍ଥନୈତିକ କେନ୍ଦ୍ର ବିକାଶ- ନିଯୁକ୍ତି ଏବଂ ନିବେଶକୁ ବୃଦ୍ଧି କରିବା ପାଇଁ ବାଣିଜ୍ୟିକ କ୍ଷେତ୍ର ଏବଂ ଶିଳ୍ପ କ୍ଲଷ୍ଟରଗୁଡ଼ିକୁ ସୁଦୃଢ଼ କରିବା। ସ୍ମାର୍ଟ ଟାଉନ୍ ଯୋଜନା- ଦକ୍ଷ ସହର ପରିଚାଳନା ପାଇଁ ସ୍ଥାୟୀ ଏବଂ ପ୍ରଯୁକ୍ତି-ଚାଳିତ ସମାଧାନ କାର୍ଯ୍ୟକାରୀ କରିବା। ସବୁଜ ଏବଂ ସ୍ଥିର ସହର - ପରିବେଶ-ଅନୁକୂଳ ପ୍ରକଳ୍ପ ଏବଂ ଜଳବାୟୁ-ଅନୁକୂଳ ସହର ଯୋଜନାକୁ ପ୍ରୋତ୍ସାହିତ କରିବା। ସମ୍ପ୍ରଦାୟ-କେନ୍ଦ୍ରିକ ଅଭିବୃଦ୍ଧି - ଅଂଶଗ୍ରହଣକାରୀ ଶାସନ ଏବଂ ନାଗରିକ-ଚାଳିତ ସହରାଞ୍ଚଳ ପଦକ୍ଷେପକୁ ଉତ୍ସାହିତ କରିବା।

ସହରଗୁଡ଼ିକ ଅର୍ଥନୈତିକ ଅଭିବୃଦ୍ଧିର ଇଞ୍ଜିନ ହୋଇଥିବାରୁ, ସମୃଦ୍ଧ ସହର ଯୋଜନାର ଲକ୍ଷ୍ୟ ନିଯୁକ୍ତି ବୃଦ୍ଧି, ନିବେଶ ଆକର୍ଷିତ କରିବା ଏବଂ ସହରାଞ୍ଚଳ ବାସିନ୍ଦାଙ୍କ ଜୀବନର ଗୁଣବତ୍ତା ବୃଦ୍ଧି କରିବା। ଏହି ଯୋଜନା ସ୍ଥାୟୀ ସହରୀକରଣ ଏବଂ ଅନ୍ତର୍ଭୁକ୍ତିକରଣ ବିକାଶ ପାଇଁ ଓଡ଼ିଶାର ଦୀର୍ଘକାଳୀନ ଦୃଷ୍ଟିକୋଣ ସହିତ ସମନ୍ୱିତ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱାରୋପ କରି କହିଛନ୍ତି ଯେ, "ଏହି ପଦକ୍ଷେପ ଆର୍ଥିକ ସମୃଦ୍ଧି ଏବଂ ସ୍ଥାୟୀ ଜୀବନଧାରଣକୁ ସମର୍ଥନ କରୁଥିବା ଗତିଶୀଳ ସହରାଞ୍ଚଳ କେନ୍ଦ୍ର ସୃଷ୍ଟି କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସ୍ମାର୍ଟ ଯୋଜନା ଏବଂ ଦୃଢ଼ ଭିତ୍ତିଭୂମି ମାଧମରେ, ଓଡ଼ିଶା ସହରାଞ୍ଚଳ ଶାସନରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରୁଛି।" ୪୦୮ କୋଟି ନିବେଶକୁ ବହୁବିଧ ସହରରେ ରଣନୀତିକ ଭାବରେ ବ୍ୟବହାର କରାଯିବ, ଯାହା ସନ୍ତୁଳିତ ଅଭିବୃଦ୍ଧି ଏବଂ ସମାନ ବିକାଶ ସୁନିଶ୍ଚିତ କରିବ। ସରକାର ଖୁବ୍ ଶୀଘ୍ର ଯୋଜନା ଅଧୀନରେ ନିର୍ଦ୍ଦିଷ୍ଟ ପ୍ରକଳ୍ପ ବିବରଣୀ, ସମୟସୀମା ଏବଂ ଲାଭାର୍ଥୀ ସହରଗୁଡ଼ିକୁ କାର୍ଯ୍ୟକାରୀ କରିବେ। ସମୃଦ୍ଧ ସହର ଯୋଜନା ହେଉଛି ଓଡ଼ିଶାର ପ୍ରମୁଖ ସହରାଞ୍ଚଳ ବିକାଶ ପଦକ୍ଷେପ, ଯାହା ଆର୍ଥିକ ପୁନରୁଦ୍ଧାର, ଭିତ୍ତିଭୂମି ବୃଦ୍ଧି, ସ୍ମାର୍ଟ ସହରାଞ୍ଚଳ ଶାସନ ଏବଂ ଜଳବାୟୁ ସ୍ଥିରତା ଉପରେ ଧ୍ୟାନ କେନ୍ଦ୍ରିତ କରେ। ଏକ ଲୋକ-କେନ୍ଦ୍ରିକ ଆଭିମୁଖ୍ୟ ସହିତ, ଏହି ଯୋଜନା କେବଳ ଆଧୁନିକ ନୁହେଁ ବରଂ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ସମୃଦ୍ଧ ସହର ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି।

# ଟ୍ରେଡୱାର୍‌ର ଲମ୍ବା ଇତିହାସ



## ଗୋପାଳ ମହାପାତ୍ର

ଆମେରିକାର ରାଷ୍ଟ୍ରପତିଭାବେ ଡୋନାଲଡ଼ଟ୍ରମ୍ପ ଦାୟିତ୍ୱ ନେବା ପରେ ଏବେ ଟ୍ରେଡ୍‌ଓ୍ୟାର ବା ବ୍ୟାପାର ଯୁଦ୍ଧ ଆରମ୍ଭ କରିଦେଇଛନ୍ତି। ଟ୍ରମ୍ପଙ୍କ ଏଭଳି ପଦକ୍ଷେପକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଚାଲିଛି। ଟ୍ରମ୍ପ ଯେ କେବଳ ଏଭଳି ଟ୍ରେଡୱାର୍ ଏବେ ଆରମ୍ଭ କରିଛନ୍ତି ତା ନୁହେଁ ଏହାର ଇତିହାସ ମଧ ଲମ୍ବା। ବ୍ୟାପାର ଯୁଦ୍ଧ ବିଶ୍ୱସ୍ତରୀୟ ଆର୍ଥୀକ ଗତିଶୀଳତାକୁ ଏକ ମହତ୍ୱପୁର୍ଣ୍ଣ ଆକାର ଦେଇଥିଲା। ଯାହା ଇତିହାସରୁ ସ୍ପଷ୍ଟ। ଏଭଳି ବିବାଦ ସେତିକିବେଳେ ଆରମ୍ଭ ହୋଇଥାଏ ଯେତେବେଳେ ରାଷ୍ଟ୍ର ଘରୋଇ ଉଦ୍ୟୋଗର ରକ୍ଷା ପାଇଁ ଟାରିଫ, କୋଟା ବା ଅନ୍ୟ ବ୍ୟାପାର ଅବରୋଧ ଲଗାଇଥାନ୍ତି ଯାହା ପ୍ରକୃତପକ୍ଷେ ଅନ୍ୟ ରାଷ୍ଟ୍ରଙ୍କୁ ପ୍ରତିବାଦ, ପ୍ରତିରୋଧ ଏପରିକି ସମକାଳୀନ କାର୍ଯ୍ୟାନୁଷ୍ଠାନ ପାଇଁ ବାଧ କରିଥାଏ। ଟ୍ରେଡୱାର୍ ବିଶ୍ୱସ୍ତରୀୟ ବାଣିଜ୍ୟ ବ୍ୟବସାୟକୁ ବାଧିତ କରିଥାଏ, ଭୂରାଜନୈତିକ ଅସ୍ଥିରତା ସୃଷ୍ଟି କରିଥାଏ। ଦେଶ ଦେଶ ମଧ୍ୟରେ ତିକ୍ତତା ବଢ଼ିଥାଏ ଏପରିକି ଯୁଦ୍ଧ ଭଳି ପରିସ୍ଥିତି ମଧ ସୃଷ୍ଟି ହୋଇଥାଏ। ଏଣୁ ଟେଡ୍‌ଓ୍ୟାର କେବଳ ଯେ ଆନ୍ତର୍ଯ୍ତୀୟ ବାଣିଜ୍ୟ ଏବଂ ଆର୍ଥୀକ ନୀତିର ବିକଳ୍ପକୁ ପ୍ରଭାବିତ କରିଥାଏ ତା ନୁହେଁ ବରଂ ଆମଦାନୀର ରଣନୀତିକ ବିକଳ୍ପକୁ ମଧ ପ୍ରଭାବିତ କରିଥାଏ। ଆର୍ଥୀକ ଅତି ରାଷ୍ଟ୍ରବାଦ ସାରା ଦୁନିଆରେ ଦକ୍ଷିଣପନ୍ଥୀ ଲୋକ- ଲୁଭାବନବାଦର ଉଦୟ କାରଣରୁ ପ୍ରକଟିତ ହୋଇଥାଏ। ଆମେରିକାରେ ଏବେ ସେପରି ଘଟୁଛି। ଆମେରିକା ପୁଣି ନିଜ୍‌କୁ ମହାନ ଭାବେ ଉପସ୍ଥାପିତ କରିବା ପାଇଁ ଚାହୁଁଛି ଏବଂ ୟୁରୋପରେ ଅପ୍ରବାସୀ ସଂଖ୍ୟା ବୃଦ୍ଧିକୁ ନେଇ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଏହା ପଛରେ ଏକ ଆର୍ଥୀକ ଉପ-ସ୍ତର ରହିଛି ଯାହାସ୍ପଷ୍ଟ ପରିଲକ୍ଷିତ ହେଉଛି। ବ୍ୟାପାର ସଂଘର୍ଷ ଏହାର କେନ୍ଦ୍ରବିନ୍ଦୁ ପାଲଟିଛି ଓ ବୈଶ୍ୱିକ ନୀତି ପ୍ରସଙ୍ଗର ଆଲୋଚନାରେ ସର୍ବାଗ୍ରେ ରହିଛି।

ଆଜିର ପରସ୍ପର ସହ ଜଡ଼ିତ ଅର୍ଥବ୍ୟବସ୍ଥାର ଜଟିଳତାକୁ ବୁଝିବା ପାଇଁ ତାର ଐତିହାସିକ ପ୍ରଭାବ ଏବଂ ସମକାଳୀନ ନିହିତାର୍ଥକୁ ବୁଝିବାର ଆବଶ୍ୟକତା ରହିଛି। ପ୍ରାରମ୍ଭିକ ବ୍ୟାପାର ଯୁଦ୍ଧ ଇଷ୍ଟ ଇଣ୍ଡିଆ କମ୍ପାନୀ ଠାରୁ ଆରମ୍ଭ ହୋଇଥିଲା ଓ ଉପନିବେଶର ବିସ୍ତାର ହୋଇଥିଲା। ଶହଶହ ବର୍ଷ ପୁର୍ବେ ଇଷ୍ଟଇଣ୍ଡିଆ କମ୍ପାନୀ ବ୍ୟାପାର ଯୁଦ୍ଧର କେନ୍ଦ୍ରରେ ଥିଲା। ୧୬୦୦ ଶତାବ୍ଦୀରେ ସ୍ଥାପିତ ଇଷ୍ଟଇଣ୍ଡିଆ କମ୍ପାନୀ ବ୍ରିଟେନ ଏବଂ ଇଷ୍ଟ ଇଣ୍ଡିଜ୍ ମଧ୍ୟରେ ବ୍ୟାପାରକୁ ଗୁରୁତ୍ୱ ଦେଇଥିଲା। ଚାପତି, ମସଲା, ବସ୍ତ୍ର ଏବଂ ଅଫିମ ଭଳି ବସ୍ତୁକୁ ଏହି କମ୍ପାନୀ ନିୟନ୍ତ୍ରିତ କଲା। ୧୮ଶ ଶତାବ୍ଦି ପର୍ଯ୍ୟନ୍ତ ଏହା କେବଳ ବାଣିଜ୍ୟ ବ୍ୟବସାୟ କରୁଥିଲା ଓ ଭାରତରେ ବ୍ରିଟିଶ ଉପନିବେଶ ଶାସନର ମୂଳଦୁଆ ରଖିଥିଲା। କମ୍ପାନୀର ଆକ୍ରାମକ ବ୍ୟବସାୟିକ ରଣନୀତି ଭାରତୀୟ ବଜାରରେ ନିଜର ପ୍ରଭୁତ୍ୱକୁ ସୁରକ୍ଷିତ କରିବା ପାଇଁ ଏବଂ ଭାରତୀୟ ବଜାରକୁ ନିୟନ୍ତ୍ରିତ କରିବା ପାଇଁ ଡ଼ଚ ଏବଂ ପର୍ତ୍ତୁଗାଲର ବ୍ୟବସାୟୀଙ୍କ ସହ ପ୍ରତିଦ୍ୱନ୍ଦୀତା ଆରମ୍ଭ କରିଦେଇଥିଲା। ଏହି ଉପନିବେଶିକ ବ୍ୟାପାରଯୁଦ୍ଧ କାରଣରୁ ସ୍ଥାନୀୟ (ଭାରତୀୟ) ଅର୍ଥବ୍ୟବସ୍ଥାକୁ ବହୁମୂଲ୍ୟ ଦେବାକୁ ପଡିଥିଲା। କାରଣ ସାମ୍ରାଜ୍ୟବାଦୀଙ୍କ ବିନିର୍ମାଣ ବୁନିଆଦୀ ଢାଞ୍ଚାର ମୂଳଥିଲା ଉପନିବେଶ ନୀତି ଓ ଏହା ସ୍ୱଦେଶୀ ଉଦ୍ୟୋଗକୁ ଚପାଇ ଦେଇଥିଲା। ଇଷ୍ଟଇଣ୍ଡିଆ କମ୍ପାନୀର ଏଭଳି ନୀତି କାରଣରୁ ସ୍ୱଦେଶୀ ଉଦ୍ୟୋଗମାନେ ଆର୍ଥୀକ ଅବ୍ୟବସ୍ଥା ଦେଇ ଗତି କରୁଥିଲେ ଯାହା ପରବର୍ତ୍ତୀ ସମୟରେ ଇଷ୍ଟଇଣ୍ଡିଆ କମ୍ପାନୀ ଓ ବ୍ରିଟିଶ ବିରୁଦ୍ଧରେ ଅସନ୍ତୋଷ ଓ ବିଦ୍ରୋହର କାରଣ ପାଲଟିଥିଲା। ଆଙ୍ଗ୍ଲୋଂଫାଇଲ ଇତିହାସକାରମାନେ ଏହାକୁ ୧୮୫୭ ବିଦ୍ରୋହର ଅନ୍ୟତମ କାରଣ ବୋଲି ବର୍ଣ୍ଣନା କରିଛନ୍ତି।



୧୯ଶ ଶତାବ୍ଦୀର ଅଫିସ ଯୁଦ୍ଧ ଏସବୁ କଥାର ଏକ ଉଦାହରଣ ବୋଲି କୁହାଯାଇପାରେ। ଏହି ବ୍ୟାପାର ଯୁଦ୍ଧ ସୈନ୍ୟ ସଂଘର୍ଷରେ ପରିଣତ ହୋଇଥିଲା। ସେ ସମୟରେ ଚୀନର ବ୍ୟାପାର ନୀତି ଚା ଏବଂ ରେଷମ ରପ୍ତାନୀକୁ ଗୁରୁତ୍ୱ ଦେଉଥିଲା ଯଦିଓ ଆମଦାନୀ ସୀମିତ ଥିଲା। ଏହି ଅସନ୍ତୁଳନକୁ ଦୁର କରିବା ପାଇଁ ଇଷ୍ଟ ଇଣ୍ଡିଆ କମ୍ପାନୀ ଅଫିମ ଚୋରାଚାଲାଣ ଆରମ୍ଭ କରିଥିଲେ। ଭାରତରୁ ଚୀନକୁ ଅଫିମ ଚାଲାଣ କରାଗଲା। ଏହା ବ୍ୟାପକ ଆର୍ଥୀକ ଅବ୍ୟବସ୍ଥା ସୃଷ୍ଟି କରିଥିଲା। ଚୀନର କିଙ୍ଗ ରାଜବଂଶ ଏହି ଅଫିମ ବ୍ୟାପାର ଉପରେ ଅଙ୍କୁଶ ଲଗାଇବା ପାଇଁ ଉଦ୍ୟମ କରିଥିଲେ କିନ୍ତୁ ପ୍ରତିଜବାବରେ ବ୍ରିଟେନ ସେନା କାର୍ଯ୍ୟନୁଷ୍ଠାନ ଆରମ୍ଭ କରିଥିଲା। ଚୀନ ରାଜବଂଶ ବିରୁଦ୍ଧରେ ୧୮୩୯ ରୁ ୧୮୪୨ ଓ ୧୮୫୬ ରୁ ୧୮୬୦ ପର୍ଯ୍ୟନ୍ତ ଅଫିମ ଯୁଦ୍ଧ ଚାଲିଥିଲା। ଏହି ସଂଘର୍ଷ ପରେ ଚୀନ ବ୍ରିଟିଶ ବ୍ୟବସାୟୀଙ୍କୁ ଚୀନରେ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ଅନୁମତି ଦେବା ସହ ହଙ୍ଗକଙ୍ଗକୁ ବ୍ରିଟିଶ ଶାସକଙ୍କୁ ସମର୍ପଣ କରି ନିଜର ଅର୍ଥବ୍ୟବସ୍ଥା ଉପରେ ବିଦେଶୀ ପ୍ରଭାବକୁ ସ୍ୱୀକାର କରିବା ପାଇଁ ବାଧ ହୋଇଥିଲେ। ୧୯ଶ ଶତାବ୍ଦୀ ଶେଷ ଏବଂ ବିଂଶ ଶତାବ୍ଦୀ ପ୍ରାରମ୍ଭ ପର୍ଯ୍ୟନ୍ତ ବ୍ୟବସାୟିକ ସଂଘର୍ଷ ଉପନୈବେଶିକ ପ୍ରତିଦ୍ୱନ୍ଦ୍ୱୀତାରୁ ହଟିଯାଇ ଆର୍ଥୀକ ବର୍ଚ୍ଚସ୍ୱ ପାଇଁ ଔଦ୍ୟୋଗିକ ଶକ୍ତିରେ ପରିବର୍ତ୍ତିତ ହୋଇଯାଇଥିଲା। ଗିଲଡ଼େଡ଼ଏଜ (୧୮୭୦-୧୯୦୦)ରେ ସଂଯୁକ୍ତ ରାଜ୍ୟ ଆମେରିକା ତାର ଘରୋଇ ଉଦ୍ୟୋଗକୁ ୟୁରୋପୀୟ ଉଦ୍ୟୋଗଙ୍କ ଠାରୁ ବଞ୍ଚାଇବା ପାଇଁ ସଂରକ୍ଷଣବାଦୀ ନୀତିକୁ ଆପଣେଇ ନେଲା। ଆମେରିକାର ଏହି ନୀତି କାରଣରୁ ଜନ ଡି ରକଫେଲର ଏବଂ ଆଣ୍ଡ୍ରୟୁକାନେଗିଙ୍କ ଭଳି ଉଦ୍ୟୋଗପତିଙ୍କୁ ଏହାର ଲାଭ ମିଳିଥିଲା। ଆମେରିକାର ନୀତିକୁ ବିରୋଧ କରି ୟୁରୋପୀୟ ଦେଶମାନେ ପଦକ୍ଷେପ ସ୍ୱରୂପ ଯେଉଁ ଟାରିଫ ନିର୍ଦ୍ଧାରଣ କଲେତାହା ଆନ୍ତର୍ଯାତୀୟ ବ୍ୟାପାରକୁ ଧିମା କରିଦେଇଥିଲା ଓ ଆର୍ଥୀକ ଅସ୍ଥିରତା ବୃଦ୍ଧି ପାଇଥିଲା। ପରିଣାମ ସ୍ୱରୂପ ଆର୍ଥୀକ ମାନ୍ଦାବସ୍ଥା ଦେଖା ଦେଇଥିଲା ଓ ସଂରକ୍ଷଣବାଦ ଭଳି ବ୍ୟବସ୍ଥରର ସୃଷ୍ଟି ହୋଇଥିଲା ଏବଂ ଦ୍ୱୀତୀୟ ବିଶ୍ୱଯୁଦ୍ଧ ପରେ ମିଳିତ ସହଯୋଗ ମୂଳକ ବିଶ୍ୱସ୍ତରୀୟ ବ୍ୟାପାର ଢ୍ୟାଞ୍ଚାର ମାର୍ଗ ପ୍ରସସ୍ତ ହୋଇଥିଲା।

ଏକବିଂଶ ଶତାବ୍ଦୀରେ ବ୍ୟାପାର ଯୁଦ୍ଧ ଆର୍ଥୀକ କୂଟନୀତିର ଏକ ପ୍ରକ୍ରିୟା ଭାବେ ଉଭା ହୋଇଛି। ଆମେରିକା- ଚୀନ ବ୍ୟାପାର ସଂଘର୍ଷ ଏହାର ଉଦାହରଣ। ୨୦୧୮ ମସିହାରେ ଟ୍ରମ୍ପ ପ୍ରଶାସନ ଏହି ଯୁଦ୍ଧ ଆରମ୍ଭ କରିଥିଲା। ଏବେ ବ୍ୟବସାୟିକ ଅସନ୍ତୁଳନ, ବୌଦ୍ଧିକ ସମ୍ପଦର ଚୋରୀ ଏବଂ ରାଷ୍ଟ୍ରୀୟ ସୁରକ୍ଷା ଚିନ୍ତାର କଥା କହି ଆମେରିକା ଚୀନରୁ ଆମଦାନୀ ହେଉଥିବା ବସ୍ତୁ ଉପରେ ଟାରିଫ ଲଗାଇଛି। ଚୀନ ମଧ ପ୍ରତି ଜବାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଟ୍ରମ୍ପ ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଏହି ବ୍ୟାପାର ଯୁଦ୍ଧର ନୂଆ ପର୍ଯ୍ୟାୟ ଆରମ୍ଭ ହୋଇଛି ଯାହାଙ୍କୁ ଟ୍ରେଡୱାର୍-୨ କୁହାଯାଉଛି। ଏହା ଏବେ ବୈଶ୍ୱିକ ବ୍ୟାପାର ଗତିଶୀଳତାକୁ ନୂଆ ରୂପ ଦେଇଛି ଯେଉଁଥିପାଇଁ ଭାରତ ପାଇଁ ଅବସର ଏବଂ ଚାଲେଞ୍ଜ ଉଭୟ ଦେଖାଦେଇଛି। ଭାରତ-ଆମେରିକା ମତ ୨୦୨୪-୨୫ ଆର୍ଥୀକ ବର୍ଷର ଅଧିକ ବ୍ୟବସାୟ ବଢ଼ିଛି। ପରିବର୍ତ୍ତିତ ବ୍ୟାପାର ପରିଦୃଶ୍ୟରେ ଭାରତ ନିଜକୁ ଅଧିକ ସକ୍ଷମ କରିବା ସହ ସଂରଚନାତ୍ମକ ସୁଧାରକୁ ଲାଗୁ କରିବା ଆବଶ୍ୟକ।


ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪


# ଶିବଙ୍କୁ ପାଅ, ଅମର ହୁଅ-ମରଣକୁ ନାହିଁ ଭୟ

## ପ୍ରଦୀପ ସେନାପତି

*ମୃତ୍ୟୁ ପାଇଁ ଜୀବ ଜନ୍ମ ଏ ଜଗତେ*
*ବିଶ୍ୱାସ କରଇ ଯେ ପାପି ସମସ୍ତେ*
*ଜନମ ନୁହଁଇ ମୃତ୍ୟୁର କାରଣ*
*ଯେ ମଣିଷ ଅଟେ ଶିବଙ୍କ ଶରଣ*
*କୁକର୍ମରେ ଲିପ୍ତ ଯେ ଥିବ ମର୍ତ୍ତରେ*
*ଉପାସନା କର ଶିବଙ୍କ ପୀଠରେ*
*ତାଙ୍କ ଶରଣରେ ଯିଏ ବି ଆଶ୍ରିତ*
*ଚାରି ଯୁଗେ ସେହି ଅଟେ ଆଦିଅନ୍ତ*
*କଳିଯୁଗେ ନାହିଁ କୌଣସି ଠାକୁର*
*ଜଣେ ଆଦିଶକ୍ତି ସିଏ ହିଁ ଈଶ୍ୱର*
*ସେହି ଆଦିମାତା ସେହି ଆଦିପିତା*
*ଏ କଳିଯୁଗରେ ମୋ ପାଇଁ ବିଧାତା*
*ଜାତି, ଧର୍ମ ନାହିଁ ତାଙ୍କରି ବିଚାର*
*ବିଶ୍ୱ ବ୍ରହ୍ମାଣ୍ଡରେ ସମସ୍ତେ ତାଙ୍କର*
*ମୃତ୍ୟୁ ପାଇଁ ଭୟ ନଥାଏ ଟି ମୋର*
*ଶିବ ଶକ୍ତି ପାଇ ମୁଁ ହେବି ଅମର*
*ମୃତ୍ୟୁପରେ ଜୀବଦାନ କରେ ସେହି*
*ଏଭଳି କ୍ଷମତା କା ପାଖେ ନଥାଇ*
*ଶିବଙ୍କୁ ବିଶ୍ୱାସ କରେ ଯେଉଁ ଭକ୍ତ*
*ବରଦେବ ସେହି ମାଗିଲେ ସମସ୍ତ*
*ଆସନ୍ତୁ ସଭିଏଁ ଉଜାଗର ହେବା*
*ଏ ମର୍ତ୍ତ୍ୟରେ ଆମେ ଅମର ହୋଇବା*
*ଅମର ବରକୁ ଦେବାର କ୍ଷମତା*
*ଶିବକୃପା ଅଟେ ଲେଖିଛି ବିଧାତା*
*କଳିଯୁଗେ ଶିବ ନାମ ଅଟେ ସାର*
*ଶିବନାମ ହୃଦୟରେ ଜପକର*
*ଶିବଙ୍କ ବିହୁନେ ନାହିଁ ଅନ୍ୟଗତି*
*ଶିବପୂଜା କଲେ ମିଳଇ ମୁକ୍ତି*
*ମରଣ ପାଇଁ କି ବିଶ୍ୱ ଭୟଭୀତ*
*ମହାଯୋଗୀ ସଦା ଅଛନ୍ତି ଜାଗ୍ରତ*
*ଶିବଶକ୍ତି ଶିବଭକ୍ତି ଉପାସନା*
*ମୋତେ ଭୟ ନାହିଁ ମରଣ ଯନ୍ତ୍ରଣା*



ପ୍ରକୃତିର ତାଣ୍ଡବ ବନାମ ପରିବେଶ ଓ ପରମେଶ୍ୱର। ଆମେ ବୋଧହୁଏ ଏ ପର୍ଯ୍ୟନ୍ତ ବୁଝିପାରିନାହୁଁ ବା ବାସ୍ତବରେ ଏପର୍ଯ୍ୟନ୍ତ ହୃଦୟଙ୍ଗମ କରିପାରୁନାହୁଁ ଯେ, ଏ ମର୍ତ୍ତ୍ୟ ମହିମଣ୍ଡଳରେ ପ୍ରକୃତିର ତାଣ୍ଡବ, ପରିବେଶ ଓ ପରମେଶ୍ୱରଙ୍କର ଏ ମହାନ ବିଚିତ୍ର ସୃଷ୍ଟିରେ ପରସ୍ପର ମଧ୍ୟରେ ଘନିଷ୍ଠ ସମ୍ପର୍କ ଅଛି। ଏହି ବୁଝାମଣା ଅଭାବରୁ ଆମର ଅନେକ ଅଧୋଗତି ଘଟୁଛି। ପ୍ରକୃତରେ ମହାଯୋଗୀ, ମହାଶକ୍ତି, ମହାମୃତ୍ୟୁଞ୍ଜୟ, ଦେବତାମାନଙ୍କର ଦେବ ଦେବ ମହାଦେବ, ପରମେଶ୍ୱର ଶିବ ମଙ୍ଗଳମୟ। ସେ କେବଳ ସମସ୍ତଙ୍କର ହିତ ସାଧନକରନ୍ତି। ତାଙ୍କ ଉପରେ ଆମେ ଖୀର ଢାଳିଲେ ସେ ଖୁସ୍, ପାଣି ଢାଳିଲେ ବି ଖୁସ୍ ଏବଂ ନ ଢାଳିଲେ ମଧ ସେ ଆହୁରି ଖୁସ୍, ଆମେ ବରମାଗିଲେ ତତ୍‌କ୍ଷଣାତ୍ ଦିଅନ୍ତି। ନ ମାଗିଲେ ମଧ ଯାଚିକରି ଦିଅନ୍ତି। ଏଭଳି ଦେବତା ସେ ଅଟନ୍ତି। ସେ ସାଗର ମନ୍ଥନ ସମୟରେ ସର୍ବନାଶୀ ବିଷପାନ କରି ନୀଳକଣ୍ଠ ହୋଇଗଲେ ଏବଂ ଅମୃତ ବର୍ଷା କରି ଏ ସମଗ୍ର ସଂସାରକୁ ରକ୍ଷା କଲେ। ପ୍ରତୀକ ଭାବରେ ଏହା ଏକ ଆଦରଣୀୟ, ମହାନ ଆଦର୍ଶ ଦେବତା ସେ ଆମ୍ଭ ସମସ୍ତଙ୍କର।

ଆଜିର ଏହି ମହାନ ପବିତ୍ର ମହାଶିବରାତ୍ରୀ ଅବସରରେ ମୋର ଏକ ସଂକ୍ଷିପ୍ତ ଶିବକୃପାଙ୍କ କାହାଣୀ ବର୍ଣ୍ଣନା କରୁଛି। ପ୍ରକୃତପକ୍ଷେ, ଶିବ ହିଁ ଅଟନ୍ତି ଜଣେ ନିଷ୍ପାପର ଦେବତା। ନେପାଳରେ ଗଙ୍ଗୋତ୍ରୀ ନଦୀ କୂଳରେ ଥିଲା ଏକ ବିରାଟ ବଟବୃକ୍ଷ। ପାଖଦେଇ ଯାଇଥିବା ରାସ୍ତାଟି ଲମ୍ବି ଯାଇଥିଲା ବହୁ ଦୂରକୁ। ପଥିକମାନେ କ୍ଳାନ୍ତି ଅପନୋଦନ ନିମନ୍ତେ କିଛି କ୍ଷଣ ପାଇଁ ଗଛ ଛାଇରେ ବସି ବିଶ୍ରାମ ନେଉଥିଲେ। ଜଣେ ଗାଈ ଚରାଳି ବାଳକଟିଏ ଅନ୍ୟ ଦିନ ଭଳି ସେଦିନ ଗଛ ଛାଇରେ ବସିଥାଏ। ଜଣେ ସାଧୁ ଆସି ପହଞ୍ଚିଥିଲେ କୁଆଡ଼ୁ। ଗଛ ମୂଳରେ ଗଣ୍ଠିଲି ରଖି ସ୍ନାନ କଲେ। ସ୍ନାନସାରି ଗଛ ଛାଇରେ ଆସନ ବିଛାଇ ବସି ପଡ଼ିଥିଲେ। ଦୁଇ ଆଖି ଓ ନାକପୁଡ଼ାଦ୍ୱୟ ବନ୍ଦ କରି କିଛି କ୍ରିୟା ସଂପାଦନ କଲେ। ଗାଈ ଜଗୁଆଳି ବାଳକଟି ବେଶ୍ ଧ୍ୟାନ ସହକାରେ ଏହି କ୍ରିୟା ଲକ୍ଷ କରୁଥାଏ। ସନ୍ତ ସେଠାରୁ ଯିବା ପାଇଁ ବାହାରିଲା ବେଳେ କୌତୁହଳକୁ ଚାପି ରଖି ନପାରି ଏ ସଂପର୍କରେ ପଚାରିବାରୁ ସାଧୁ କହିଥିଲେ ଏହି ମୁଦ୍ରାରେ ମୁଁ ଭଗବାନ ଶିବଶଙ୍କରଙ୍କ ସଂପର୍କରେ ଆସିଥାଏ।

ସତରେ କ'ଣ ଭଗବାନଙ୍କ ସହ କଥାବାର୍ତ୍ତା ସମ୍ଭବପର ହୋଇଥାଏ? ଗାଈ ଚରାଳିର ପ୍ରଶ୍ନରେ ସାଧୁ ମୁଣ୍ଡହଲାଇ ସ୍ୱୀକୃତି ଦେଇ ଚାଲିଯାଇଥିଲେ। ଗାଈ ଚରାଳି ବାଳକ ମନେମନେ ଭାବିଲା, ସାଧୁ ଯଦି ଭଗବାନଙ୍କ ସହ ସଂପର୍କ ରକ୍ଷା କରି କଥାବାର୍ତ୍ତା ହେବାର ସକ୍ଷମ ହେଉଛନ୍ତି ତେବେ ମୁଁ କାହିଁକି ନହେବି? ଅନୁରୂପ ଭାବରେ ଦୁଇ ଆଖି ନାକ ପୁଡ଼ା ଦ୍ୱୟ ବନ୍ଦକରି ବସିପଡ଼ିଲା ସେହିଭଳି ମୁଦ୍ରାରେ। ଏହାର ଅପରିପକ୍ୱତା ଏବଂ ଅପରିଣାମ ଦର୍ଶୀ ହୋଇ ଏହା କରିବା ଦ୍ୱାରା ନିଶ୍ୱାସ ପ୍ରଶ୍ୱାସ ନେଇ ନ ପାରି ପ୍ରାଣ ଯିବା ଭଳି ସ୍ଥିତି ହୋଇଗଲା ଏବଂ ପ୍ରାଣବାୟୁ ଚାଲିଗଲା, ତା'ର ମୃତ୍ୟୁ ହୋଇଗଲା।

ନିର୍ଦ୍ଦୋଷ, ଅବୋଧ, ନିଷ୍କପଟ ଗାଈଆଳ ବାଳକ ଅକାଳ ମୃତ୍ୟୁ ମୁଖରେ ପଡ଼ିଥିବା ବେଳେ ଭଗବାନ ଶଙ୍କର ଥୟଧରି ରହିପାରି ନ ଥିଲେ। ସମ୍ମୁଖରେ ଆବିର୍ଭାବ, ଉଭାହୋଇ କହିଥିଲେ 'ବତ୍ସ ଆଖି ଖୋଲ'। ସେହିଭଳି ଚକ୍ଷୁ ମୁଦ୍ରିତ ଥିବା ଅବସ୍ଥାରେ ବାଳକ ପ୍ରଶ୍ନକଲା - ଆପଣ କିଏ ? ମୁଁ ସେହି କୈଳାସପତି ଭଗବାନ ମହେଶ୍ୱର, ଯାହାଙ୍କ ସହ କଥା ହେବା ଲାଗି ତୁ ଏହିଭଳି ଚକ୍ଷୁ ମୁଦ୍ରିତ କରି ବସି ରହିଛୁ। ଗାଈଆଳ ଆଖି ଖୋଲିଥିଲା। ପୂର୍ବରୁ କେବେ ଭଗବାନଙ୍କ ସଂପର୍କରେ କିଛି ବି ଜାଣିନଥିବା, ଠାକୁରଙ୍କ ଚିତ୍ରପଟ ଦେଖିନଥିବା ବାଳକ କିପରି ଜାଣିଥାଆନ୍ତା ଯେ ସେ ପକୃତପକ୍ଷେ ଭଗବାନ ଦେବାଧିଦେବ ମହାଦେବ?

ଏହାକୁ ସତ୍ୟ ଓ ପ୍ରମାଣ ସ୍ୱରୂପ କରିବା ପାଇଁ କହିଥିଲା- ଯଦି ସତରେ ତୁମେ ଭଗବାନ ତା'ହେଲେ ଏହିଠାରେ ରହିଥାଅ। ମୁଁ କିଛିକ୍ଷଣ ଆଗରୁ ଏଠାରେ ବିଶ୍ରାମ ନେଇଥିବା ସାଧୁଙ୍କୁ ଡାକି ଆଣିବି, ସେ ଠିକ୍ ଠିକ୍ କହିବେ। ଏହା କହି ସେହି ସାଧୁ ଯାଇଥିବା ଦିଗରେ ଦୌଡ଼ିଥିଲା। ବେଶ୍ କିଛି ବାଟ ଆଗରେ ସାଧୁଙ୍କୁ ଭେଟି ସବୁକଥା କହିଥିଲା। ସାଧୁ ଏହି ଅଲୌକିକ କଥାର ସତ୍ୟତା ପରୀକ୍ଷା ପାଇଁ କ୍ଷିପ୍ରଗତିରେ ଫେରି ଆସିଥିଲେ। ବାଳକକୁ ପ୍ରଭୁଙ୍କ ସ୍ୱରୂପ ଦେଖାଯାଉଥିଲା ବେଳେ ସାଧୁ କିଛି ଦେଖିବାକୁ ନପାଇ ତା'କୁ ମିଥ୍ୟାବାଦୀ ବୋଲି ଆରୋପ ଲଗାଇଥିଲେ। ବିଚରା ବାଳକ ମର୍ମାହତ ହୋଇ କହିଥିଲା- ଭଗବାନ ଏ କି କପଟ? ମୋତେ ମିଥ୍ୟାବାଦୀ ବୋଲି ପ୍ରମାଣିତ କରୁଛନ୍ତି କାହିଁକି ?

"ଯିଏ ଛଳ, କପଟ, ମିଥ୍ୟା, ଶଠତାର ଆଶ୍ରୟ ନେଇଥାଏ, ସେ ହଜାରେ ବର୍ଷ ତପସ୍ୟା କଲେବି ମୋତେ ଦେଖିପାରେ ନାହିଁ। କିନ୍ତୁ ଯିଏ ସଚ୍ଚା, ଶ୍ରଦ୍ଧା ଆଉ ହୃଦୟରେ ଭାବଭକ୍ତିରେ କ୍ଷଣଟିଏ ମୋତେ ଡ଼ାକେ ମୁଁ ସେହି ଭାବରେ ତା'ର ଆପଣାର ହୋଇଥାଏ। ଭଗବାନଙ୍କ ଏହି ଶୂନ୍ୟବାଣୀ ଶୁଣିବାକୁ ପାଇ ସାଧୁ ପଶ୍ଚାତ୍ତାପ କରିଥିଲେ। ତାଙ୍କର ଚକ୍ଷୁ ଯୁଗଳରୁ ଧାରଧାର ହୋଇ ଲୁହ ଝରିଆସିଥିଲା।

ମହାଶିବଙ୍କ ମଧ୍ୟରେ ସମସ୍ତ ଶକ୍ତି ଆଶ୍ରୟ ନିଅନ୍ତି। ଆଶ୍ରୟର ଦେବତା ଦେବଦେବ ମହାଦେବ ଜୀବର ଜାଗ୍ରତ ଅବସ୍ଥା, ସ୍ୱପ୍ନ ଅବସ୍ଥାକୁ ନେଇ ସ୍ୱରୂପ ପାଖରେ ପହଞ୍ଚାଇ ଦିଅନ୍ତି। କାରଣ ଶରୀରରେ ବିଶ୍ରାମର ଦେବତା ପ୍ରଭୁ ଆତ୍ମାରାମ ସୁଷୁପ୍ତି ଅବସ୍ଥାରେ ରହି ଜୀବକୁ ବିଶ୍ରାମ ପ୍ରଦାନ କରନ୍ତି। ଜୀବ, ନାମ, ରୂପ, ଗୁଣର ସମସ୍ତ ଅସ୍ତିତ୍ୱକୁ ଭୁଲିଯାଇ ସତ୍, ଚିତ୍, ଆନନ୍ଦକୁ ସ୍ୱରୂପରେ ଅନୁଭବ କରେ। ଶତ୍ରୁ ଉତ୍‌ପିଡ଼ିତ ଲୋକ ଅପେକ୍ଷା ଇନ୍ଦ୍ରିୟର ଉତ୍‌ପିଡ଼ନ ଶକ୍ତି ବହୁତ ବଳବାନ। ଇଚ୍ଛାକୁ ଇନ୍ଦ୍ରିୟ କୁହାଯାଏ। ସ୍ଥିରତାକୁ ଶକ୍ତି କୁହାଯାଏ, ଗୁଣକୁ ସଂପତି କୁହାଯାଏ, ଓମ୍ କାରକୁ ନାମ କୁହାଯାଏ। ରୂପ ଆଉ ରଙ୍ଗକୁ ରସ କୁହାଯାଏ, ତ୍ରିଗୁଣ ସାତଟି ରଙ୍ଗରୁ ନୀଳରଙ୍ଗକୁ କଣ୍ଠରେ ଧାରଣ କରି ମାନବର ମସ୍ତିଷ୍କକୁ ମୁଁ ମୋର ବୋଧରେ ପରିଚାଳିତ କରୁଥାଏ। ଏହି ନୀଳ ରଙ୍ଗ ହିଁ ବିଷ, ଏହା ହିଁ ବିଶ୍ୱ। ବିଷ ଆଉ ବିଶ୍ୱ ପରମସତାର ଦୁଇଟି ପାର୍ଶ୍ୱର, ଏକ ପାର୍ଶ୍ୱର୍ରେ ଭୋଗ ଅନ୍ୟ ପାର୍ଶ୍ୱର୍ରେ ଥାଏ ବୈରାଗ୍ୟ। ଭୋଗରେ ତୃପ୍ତି ମିଳେନା, ଧନ ଅର୍ଜନର କଥା ହେଉ, ଜୀବନକୁ ସୌକୀନଶୈଳିରେ ବିତାଇବାର ଇଚ୍ଛା ହେଉ ସଂଯୋଗ କିମ୍ବା ଭୋଜନ ତୃପ୍ତିର ଲାଳସା ହେଉ ଏହି ସବୁର ଅନ୍ତ ନଥାଏ। ପରମତୃପ୍ତ ଅବସ୍ଥା ପରମରେ ଥାଏ। ତେଣୁ ଜ୍ଞାନକୁ ଆଶ୍ରୟ କରି ତତ୍ତ୍ୱ ଦର୍ଶନ ନକଲା ପର୍ଯ୍ୟନ୍ତ ସଂଯମତା, ସ୍ଥିରତା, ଗୁଣବତ୍ତା ମିଳିବ ନାହିଁ ଏବଂ ଆଶ୍ରୟ ତତ୍ତ୍ୱରେ ବିଶ୍ରାମର ସୁଖ ମିଳିବ ନାହିଁ। ଶକ୍ତି ପ୍ରବାହିତ ହୋଇ ଯେତେବେଳେ କେନ୍ଦ୍ରୀଭୂତ ହୁଏ, ତାହା ହିଁ ପ୍ରକୃତ ଆଶ୍ରୟ, ତାହା ହିଁ ବୀଜ, ବୀଜଟି ଯେତେବେଳେ ବୃକ୍ଷର ଅବସ୍ଥାକୁ ଯାଇ ଫୁଲ ଓ ଫଳରେ ବିଶ୍ରାମ କରେ ତାହା ହିଁ ସାକାର ବ୍ରହ୍ମଙ୍କର ଶାନ୍ତ ଅବସ୍ଥା। ନାମକୁ ସ୍ୱରୂପରେ ପହଞ୍ଚାଚାଇବାର ଅବସ୍ଥା ମହାଶିବ ଶକ୍ତି କ୍ଷେତ୍ରର ଏହି ରହସ୍ୟକୁ ଯୋଗୀ ଜନ ହିଁ ଜାଣିପାରନ୍ତି। ନଥାଏ ତାଙ୍କର ସ୍ୱତନ୍ତ୍ର ରୂପ ଆଉ ଗୁଣ। କେବଳ ଆତ୍ମସ୍ୱରୂପରେ ଲିଙ୍ଗାକାର ହୋଇ ରହିଥାନ୍ତି। ଭକ୍ତର ରକ୍ଷା ପାଇଁ ଭଗବାନ ଶଙ୍କର ଆଜିର ଏଇ ଶିବରାତ୍ରିରେ ଅବତରିତ ହୁଅନ୍ତି। ତେଣୁ ମହାଦେବ ଶଙ୍କର ଆମ୍ଭର ରକ୍ଷାକବଚ ଅଟନ୍ତି।

**ଓଁ ନମଃ ଶିବାୟ, ମହାମୃତ୍ୟୁଞ୍ଜୟ ମନ୍ତ୍ର ନମଃ**


ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର-୨, ଜିଲ୍ଲା: ଖୋର୍ଦ୍ଧା
ମୋବାଇଲ୍: ୭୮୪୮୮୯୮୪୫୬

## ଜ୍ଞାନେଶ କୁମାର ନୂଆ ମୁଖ୍ୟ ନିର୍ବାଚନ କମିଶନର
### ସିଇସି ରାଜୀବ କୁମାରଙ୍କ କାର୍ଯ୍ୟକାଳ ଶେଷ

**ନୂଆଦିଲ୍ଲୀ, ୧୮।୨:** ଜ୍ଞାନେଶ କୁମାର ନୂଆ ମୁଖ୍ୟ ନିର୍ବାଚନ କମିଶନର। ତାଙ୍କୁ ନୂଆ ମୁଖ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ମିଳିଛି। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାରଙ୍କ କାର୍ଯ୍ୟକାଳ ଆଜି ଶେଷ ହେଉଛି। ଜ୍ଞାନେଶ କୁମାରଙ୍କୁ ୨୬ତମ ମୁଖ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ସେ ଏହି ପଦବୀରେ ୨୦୨୯ ମସିହା ଜାନୁଆରୀ ୨୬ ଯାଏ ଦାୟିତ୍ୱରେ ରହିବେ। ୧୯୮୮ ବ୍ୟାଚର କେରଳ କ୍ୟାଡର ଆଇଏଏସ ଅଫିସର ଜ୍ଞାନେଶ କୁମାର। ଗତ ବର୍ଷ ମାର୍ଚ୍ଚ ମାସରେ ତାଙ୍କୁ ନିର୍ବାଚନ କମିଶନର ଭାବେ ନିଯୁକ୍ତି ମିଳିଥିଲା। ପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରାଳୟର ସଚିବ ଭାବେ କାର୍ଯ୍ୟ କରିଥିଲେ। କେନ୍ଦ୍ର ସମବାୟ ମନ୍ତ୍ରାଳୟର ସଚିବ ଭାବେ ଅବସର ଗ୍ରହଣ କରିଥିଲେ। ୨୦୧୯ରେ ଯେତେବେଳେ ଜମ୍ମୁକଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଘୋଷଣା କରାଗଲା , ସେତେବେଳେ ସେ ଗୃହ ମନ୍ତ୍ରାଳୟର ଜମ୍ମୁକଶ୍ମୀର ଡେସ୍କ ଦାୟିତ୍ୱରେ ଥିଲେ। ସିଇସି ନିଯୁକ୍ତି ପାଇଁ ଗତକାଲି ଅନୁଷ୍ଠିତ ବୈଠକକୁ କଂଗ୍ରେସ ଜୋରଦାର ବିରୋଧ କରିଥିଲା। ଚୟନ ବୈଠକରେ ସାମିଲ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଧ ଏହି ପ୍ରକ୍ରିୟାକୁ ବିରୋଧ କରିଥିଲେ।


## ଚିଡ଼ିଆଖାନାରେ ଗଧକୁ ଜେବ୍ରା କରିଥିଲା ଚୀନ୍

**ନୂଆଦିଲ୍ଲୀ, ୧୮।୨:** ସୋସିଆଲ ମିଡିଆରେ ଅନେକ ସମୟରେ କିଛି ଏଭଳି ଭିଡିଓ ଭାଇରାଲ ହୁଏ ଯାହା କେବେ ହସାଏ ତ କେବେ କନ୍ଦାଏ। ଏବେ ସୋସିଆଲ ମିଡିଆରେ ଚୀନର ଏକ ଚିଡ଼ିଆଖାନାର ଭିଡିଓ ଭାଇରାଲ ହେଉଛି। ଏହାକୁ ଦେଖିବା ପରେ ଆପଣ ନିଶ୍ଚିତ ଭାବରେ ଆଶ୍ଚର୍ଯ୍ୟ ହେବେ ଏବଂ ଜୋରରେ ହସିବେ। ଚୀନର ଶାଣ୍ଡୋଙ୍ଗ ପ୍ରଦେଶର ଜିବୋ ସିଟି ଆମ୍ୟୁଜମେଣ୍ଟ ପାର୍କରେ ଏକ ଅଜବ ଘଟଣା ଘଟିଥିବା ସାମ୍ନାକୁ ଆସିଛି। ଚିଡ଼ିଆଖାନା କର୍ତ୍ତୃପକ୍ଷ ଏକ ଗଧକୁ ଜେବ୍ରା ଭଳି ଦେଖାଇବା ପାଇଁ କଳା ଏବଂ ଧଳା ରଙ୍ଗରେ ରଙ୍ଗ କରିଥିବା ଜଣାଯାଇଛି।ସୂଚନା ଅନୁଯାୟୀ, ଏହି କାର୍ଯ୍ୟର ଉଦ୍ଦେଶ୍ୟ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଥିଲା। କିନ୍ତୁ ଏହାକୁ ସୋସିଆଲ ମିଡିଆରେ କଡ଼ା ସମାଲୋଚନା କରାଯାଉଛି। ଚୀନର ଚିଡ଼ିଆଖାନା ସ୍ୱୀକାର କରିଛି ଯେ ସେମାନଙ୍କ ପାଖରେ ଜେବ୍ରା ନାହିଁ, ତେଣୁ ସେମାନେ ଏକ ଗଧକୁ ରଙ୍ଗ କରି ତାକୁ ଜେବ୍ରା ପରି ଦେଖାଇବା ପାଇଁ ସମସ୍ତ ପ୍ରକାରର ଚେଷ୍ଟା କରିଥିଲେ। ଏବେ କିଛି ଲୋକ ଏଭଳି କାମକୁ ପ୍ରଶଂସା କରୁଥିବା ବେଳେ କିଛି ବିରୋଧ କରିଛନ୍ତି। ଏହି ପ୍ରସଙ୍ଗ ଉପରେ ଚିଡ଼ିଆଖାନା ପକ୍ଷରୁ କୁହାଯାଇଛି ଯେ, ଏହା ସେମାନଙ୍କର ମାର୍କେଟିଂ ରଣନୀତି। କିଛି ସୋସିଆଲ ମିଡିଆ ବ୍ୟବହାରକାରୀ ଗଧର ଫଟୋ ସେୟାର କରିବା ପରେ ବିବାଦ ଆରମ୍ଭ ହୋଇଥିଲା, ଯେଉଁଥିରେ ଗଧର ଶରୀରରେ ଜେବ୍ରା ପରି ପଟି ଦେଖିବାକୁ ମିଳିଥିଲା। ଫଟୋ ଏବଂ ଭିଡିଓଗୁଡ଼ିକ ଭାଇରାଲ ହେବା ପରେ, ଚିଡ଼ିଆଖାନା ସ୍ୱୀକାର କରିଛି ଯେ ସେମାନେ ପ୍ରକୃତରେ ଗଧମାନଙ୍କୁ ରଙ୍ଗ କରିଥିଲେ। ସେମାନେ ଏହା ମଧ ଦାବି କରିଥିଲେ ଯେ ବ୍ୟବହୃତ ରଙ୍ଗ ବିଷାକ୍ତ ନୁହେଁ।

ଡ୍ରଇଂ ଖୋଲିଲା ଡେଥ ସସପେନ୍ସ
## ୪ବର୍ଷ ଝିଅର ଚିତ୍ରରୁ ଧରାପଡ଼ିଲା ହତ୍ୟାକାରୀ ବାପା

**ଲକ୍ଷ୍ନୌ, ୧୮।୨:** ଡ୍ରଇଂ ଖୋଲିଲା ଡେଥ ସସପେନ୍ସ। ୪ବର୍ଷ ଝିଅର ଚିତ୍ରରୁ ଧରାପଡ଼ିଲା ହତ୍ୟାକାରୀ ବାପା। ଉତ୍ତରପ୍ରଦେଶ ଝାନ୍ସିରୁ ଆସିଛି ଏପରି ଆଶ୍ଚଯ୍ୟଜନକ ଘଟଣା। ପଞ୍ଚବଟି ଶିବ ପରିବାର କଲୋନୀରେ ରହୁଥିବା ୨୭ ବର୍ଷିୟା ସୋନାଲି ବୌଧଲିୟାଙ୍କ ସନ୍ଦିଗ୍ଧ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏହାକୁ ଆତ୍ମହତ୍ୟାର ନାଁ ଦେଇଥିଲେ ସ୍ୱାମୀ ସନ୍ଦୀପ। ହେଲେ ସବୁ ସତ ପଦାରେ ପକାଇଲା ୪ ବର୍ଷର କୁନି ଝିଅ। ସୋନାଲିଙ୍କ ବାପଘର ଲୋକେ ଜ୍ୱାଇଁ ସନ୍ଦୀପ ବୌଧଲିୟା ଓ ତାଙ୍କ ପରିବାର ଉପରେ ହତ୍ୟା ଅଭିଯୋଗ ଆଣିଥିଲେ। ସୋନାଲିଙ୍କ ଶବ ସତ୍କାର ପାଇଁ ପହଞ୍ଚିବାରୁ ତାଙ୍କୁ ଘଉଡାଇଦେବା ସହ ୪ ବର୍ଷର ଝିଅ ହାତରେ ମୁଖାଗ୍ନି ଦେବା କାମ କରାଇଥିଲେ ସନ୍ଦୀପ। ଶବସତ୍କାର ପରେ ଘଟଣାର ତଦନ୍ତ କରିବାକୁ ପହଞ୍ଚିଥିଲା ପୋଲିସ। କୁନି ଝିଅକୁ ପଚାରିବାରୁ ସେ ଏକ ଡ୍ରଇଂ ବନାଇଥିଲା। ଡ୍ରଇଂରେ ଜଣେ ମହିଳା ଫାଶିରେ ଝୁଲୁଥିଲେ ଏବଂ ତା ପାଖରେ ଅନ୍ୟ ଜଣଙ୍କ ହାତ ଦେଖିବାକୁ ମିଳିଥିଲା। ଇଏ କାହା ହାତ ବୋଲି ପଚାରିଥିଲେ ପୋଲିସ। ଏଥିରେ କୁନି ଝିଅ କହିଥିଲା, 'ପାପା ମାମାକୁ ମାରିଦେଲେ'। ଏହାପରେ ରଶିରେ ଝୁଲାଇଦେଇଥିଲେ। ବାସ୍ ଏତିକିରେ ଧରାପଡିଥିଲା ସତ। ପୋଲିସ ସନ୍ଦୀପକୁ ଗିରଫ କରି ଜେରା କରୁଥିବା ଜଣାପଡିଛି।

## ଲ୍ୟାଣ୍ଡିଂ ବେଳେ ଓଲଟିଗଲା ଯାତ୍ରୀବାହୀ ବିମାନ, ୧୮ ଆହତ



**ନୂଆଦିଲ୍ଲୀ, ୧୮।୨:** ପୁଣି ଏକ ବିମାନ ଦୁର୍ଘଟଣା। ଲ୍ୟାଣ୍ଡିଂ ବେଳେ ଓଲଟିଗଲା ଯାତ୍ରୀବାହୀ ବିମାନ। କାନାଡାରେ ଡେଲଟା ଏୟାରଲାଇନସର ପ୍ଲେନ କ୍ରାସରେ ୧୮ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଟରୋଣ୍ଟୋ ଏୟାରପୋର୍ଟରେ ଡେଲଟା ଏୟାରଲାଇନସର CRJ-900 ପ୍ଲେନ ଅବତରଣ ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ମିନେପଲିସରୁ ବିମାନଟି ଆସୁଥିଲା। ଦୁର୍ଘଟଣାଗ୍ରସ୍ତ ବିମାନରେ ୮୦ ଜଣ ଯାତ୍ରୀ ଥିଲେ। ଦୁର୍ଘଟଣା ପରେ ବିମାନରେ ନିଆଁ ଲାଗି ଯାଇଥିଲା। ତୁରନ୍ତ ଯାତ୍ରୀମାନଙ୍କୁ ବାହାର କରାଯିବା ସହ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଡ୍ରାଏ ରନୱେ ଥିଲା। କ୍ରସ ୱିଣ୍ଡ ନଥିଲା ବୋଲି ଟରୋଣ୍ଟୋ ପିଏରସନ ଫାୟାର ଚିଫ କହିଛନ୍ତି। ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି। ଟରୋଣ୍ଟୋ ପିଏରସନ ଇଣ୍ଟରନ୍ୟାସନାଲ ଏୟାରପୋର୍ଟର ଟର୍ମିନାଲ-୩ରୁ ବିମାନ ଉଡ଼ାଣ ଆରମ୍ଭ ହୋଇଛି। ହେଲେ ଡେଲଟା ଏୟାରଲାଇନସ ଫ୍ଲାଇଟ ସମେତ ବିଭିନ୍ନ ବିମାନର ଉଡ଼ାଣ ବାତିଲ କିମ୍ବା ବିଳମ୍ବିତ ହୋଇଛି। ସୂଚନା ଯୋଗ୍ୟକିଛି ଦିନ ତଳେ ଆମେରିକାରେ ପୁଣି ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏରିଜୋନା ସ୍କଟସଡେଲ ଏୟାରପୋର୍ଟରେ ଦୁଇଟି ଜେଟ ବିମାନ ପରସ୍ପର ସହିତ ଧକ୍କା ହୋଇଥିଲା। ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଥିଲେ। ଦୁର୍ଘଟଣା ପରେ ବିମାନ ବନ୍ଦରର ରନୱେକୁ ବନ୍ଦ କରିଦିଆଯାଇଥିଲା। ସ୍କଟସଡେଲ ଏୟାରପୋର୍ଟର ଜଣେ ଅଧିକାରୀଙ୍କ କହିବା ମୁତାବକ, ଏକ ମଧମ ଆକାରର ବିଜନେସ ଜେଟ ନିଜ ସ୍ଥାନରେ ଠିଆ ହୋଇଥିବା ବେଳେ ଅନ୍ୟ ଏକ ବିଜନେସ ଜେଟ ଧକ୍କା ଦେଇଥିଲା।

ନୂଆଦିଲ୍ଲୀ ରେଲଷ୍ଟେସନରେ ଦଳାଚକଟା ଘଟଣା

# ୪୦ ମିନିଟ୍ ବିଳମ୍ବରେ କଲ୍ ଯୋଗୁଁ ବଢ଼ିଗଲା ମୃତ୍ୟୁସଂଖ୍ୟା: ଆର୍‌ପିଏଫ୍

**ନୂଆଦିଲ୍ଲୀ, ୧୮।୨:** ନୂଆଦିଲ୍ଲୀ ରେଲୱେ ଷ୍ଟେସନରେ ଶନିବାର ରାତିରେ ହୋଇଥିବା ଦଳାଚକଟାକୁ ନେଇ ଆରପିଏଫ ଏକ ରିପୋର୍ଟ ପ୍ରସ୍ତୁତ କରିଛି। ଏହି ରିପୋର୍ଟରେ ଘଟଣାର କାରଣ ଆରପିଏଫ କୁହାଯାଇଛି। ଆରପିଏଫ୍ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ ଅନୁଯାୟୀ, ଷ୍ଟେସନରେ ହୋଇଥିବା ଭୟଙ୍କର ଦଳାଚକଟା ପରେ ଏକ ଜରୁରୀକାଳିନ କଲ୍ ପାଇବାରେ ୪୦ ମିନିଟ୍‌ରୁ ଅଧିକ ସମୟ ଲାଗିଥିଲା। ଯେଉଁ କାରଣରୁ ଏତେ ଲୋକଙ୍କ ମୃତ୍ୟୁ ଘଟିଥିଲା। ଗତ ୧୫ ତାରିଖରେ ନୂଆଦିଲ୍ଲୀ ରେଳ ଷ୍ଟେସନରେ ହୋଇଥିବା ଭୟଙ୍କର ଦଳାଚକଟାରେ ୧୮ ଜଣଙ୍କ ଜୀବନ ଯାଇଛି।

ଆରପିଏଫର ଇନ୍ସପେକ୍ଟର ରାଙ୍କ ଅଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ରିପୋର୍ଟ ଅନୁସାରେ, ଶନିବାର ରାତିରେ ଦିଲ୍ଲୀ ଷ୍ଟେସନରେ ଦଳାଚକଟାରେ ଲୋକଙ୍କ ମୃତ୍ୟୁର କାରଣ ପ୍ରୟାଗରାଜ ମହାକୁମ୍ଭକୁ ଯାଉଥିବା ସ୍ପେଶାଲ ଟ୍ରେନ ଆସିବାର ପ୍ଲାଟଫର୍ମ ପରିବର୍ତ୍ତନ ଘୋଷଣା ପରେ ହୋଇଥିଲା। ଘଟଣାଦିନ ରାତି ୮.୪୫ ସମୟରେ ପ୍ରୟାଗରାଜକୁ ଯାଉଥିବା ମହାକୁମ୍ଭକୁ ସ୍ପେଶାଲ ଟ୍ରେନ ପ୍ଲାଟଫର୍ମ ନଂ ୧୨ରେ ଆସିବାର ଥିଲା। କିନ୍ତୁ କିଛି ସମୟରେ ଏହି ଟ୍ରେନ ୧୬ ନମ୍ବର ପ୍ଲାଟଫର୍ମରେ ଘୋଷଣା କରାଯାଇଥିଲା। ଫଳରେ ଯାତ୍ରୀଙ୍କ ମଧ୍ୟରେ ଦଳାଚକଟା ସ୍ଥିତି ଉପୁଜିଥିଲା। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି, ମଗଧ ଏକ୍ସପ୍ରେସ ୧୪ନଂ ପ୍ଲାଟଫର୍ମରେ, ଉତ୍ତର ସଂପର୍କକ୍ରାନ୍ତି ଏକ୍ସପ୍ରେସ ୧୫ରେ ରହିଥିଲା। ପ୍ରୟାଗରାଜ ଏକ୍ସପ୍ରେସରେ ଚଢ଼ିବାକୁ ଥିବା ଯାତ୍ରୀ ଭିଡ ମଧ୍ୟ ପ୍ଲାଟଫର୍ମ ୧୪ରେ ରହିଥିଲା। ତେଣୁ ଯାତ୍ରୀମାନଙ୍କ ଯିବାଆସିବାରେ ବାଧା ଉପୁଜିଥିଲା। ପ୍ଲାଟଫର୍ମ ପରିବର୍ତ୍ତନ ଘୋଷଣା ପରେ ୧୨-୧୩ ଏବଂ ୧୪-୧୫ ଫୁଟଓଭର ବ୍ରିଜ ୨ ଓ ୩ ଜରିଆରେ ଚଢ଼ିବାକୁ ଚେଷ୍ଟା କରୁଥିଲେ। ତେଣୁ ଦୁଇଟି ଏକ୍ସପ୍ରେସର ଯାତ୍ରୀ ଚଢୁଥିବା ବେଳେ ଆଉ କିଛି ଓହ୍ଲାଉଥିଲେ, ତେଣୁ ସିଡ଼ିରୁ ଖସି ପଡିବା ଯୋଗୁଁ ଲୋକ ପରସ୍ପର ଉପରେ ଚଢ଼ିଯାଇଥିଲେ। ଅଣନିଶ୍ୱାସୀ ହେବାରୁ ଏମାନଙ୍କ ଜୀବନ ଚାଲିଯାଇଥିଲା। ସେହିପରି ଘଟଣା ଦିନ ରାତି ୯.୧୫ରେ ଦଳାଚକଟା ଘଟିଥିଲା। ହେଲେ ଦିଲ୍ଲୀ ଅଗ୍ନିଶମ ସେବା କହିଛି ଯେ ଏହା ରାତି ୯.୫୫ରେ ଦିଲ୍ଲୀ ପୋଲିସ ଠାରୁ ପ୍ରଥମ କଲ୍ ପାଇଥିଲା। କିନ୍ତୁ ଆର୍‌ପିଏଫର ରିପୋର୍ଟ ଅନୁସାରେ, ରାତି ୮.୪୮ ରେ ଦଳାଚକଟା ହୋଇଥିଲା ଏବଂ ଏହି ସୂଚନା କର୍ତ୍ତବ୍ୟରତ ଷ୍ଟେସନ ଇନଚାର୍ଜଙ୍କୁ ଦିଆଯାଇଥିଲା।



## ୟୁକ୍ରେନ ବିନା କରାଯାଇଥିବା ବୁଝାମଣାକୁ ମାନିବୁ ନି: ଜେଲେନସ୍କି

**କିଵ୍, ୧୮।୨:** ଋଷ ଓ ୟୁକ୍ରେନ ମଧରେ ଗତ କିଛି ବର୍ଷ ଧରି ଚାଲିଥିବା ଯୁଦ୍ଧକୁ ବନ୍ଦ କରିବା ଏବଂ ଅସ୍ତ୍ରବିରତି ଚୁକ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ମଙ୍ଗଳବାର (ଫେବୃଆରୀ ୧୮) ସାଉଦି ଆରବର ରିୟାଦରେ ରୁଷ୍ ଏବଂ ଆମେରିକୀୟ କୂଟନୀତିଜ୍ଞମାନେ ବୈଠକ କରୁଛନ୍ତି। ରୁଷ କହିଛି ଯେ ଆବଶ୍ୟକ ପଡ଼ିଲେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ମଧ ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କୁ ଭେଟିବାକୁ ଇଚ୍ଛୁକ ଅଛନ୍ତି।କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ୟୁକ୍ରେନ ବିଷୟରେ ଏହି ଆଲୋଚନାରେ ୟୁକ୍ରେନର କୌଣସି ଅଧିକାରୀଙ୍କୁ ସାମିଲ କରାଯାଇ ନାହିଁ। ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଏପରି ବୈଠକକୁ ବିରୋଧ କରିଛନ୍ତି। ୟୁକ୍ରେନର ଅଂଶଗ୍ରହଣ ବିନା ୟୁକ୍ରେନ୍ ସମ୍ପର୍କରେ ହୋଇଥିବା କୌଣସି ଚୁକ୍ତି କିମ୍ବା ଆଲୋଚନାକୁ ୟୁକ୍ରେନ ମାନିବନି ବୋଲି ସେ କହିଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ୟୁକ୍ରେନ ବିଷୟରେ ଏହି ଆଲୋଚନାରେ ୟୁକ୍ରେନର କୌଣସି ଅଧିକାରୀଙ୍କୁ ସାମିଲ କରାଯାଇ ନାହିଁ। ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଏପରି ବୈଠକକୁ ବିରୋଧ କରିଛନ୍ତି। ୟୁକ୍ରେନର ଅଂଶଗ୍ରହଣ ବିନା ୟୁକ୍ରେନ୍ ସମ୍ପର୍କରେ ହୋଇଥିବା କୌଣସି ଚୁକ୍ତି କିମ୍ବା ଆଲୋଚନାକୁ ୟୁକ୍ରେନ ମାନିବନି ବୋଲି ସେ କହିଛନ୍ତି। ତେବେ ଜେଲେନ୍ସି ଆସନ୍ତା କାଲି ରିଆଦ ଗସ୍ତରେ ଯିବେ। କିନ୍ତୁ ଏହି ଅବସରରେ ସେ କୌଣସି ରୁଷିଆ କିମ୍ବା ଆମେରିକୀୟ ଅଧିକାରୀଙ୍କ ସହ ସାକ୍ଷାତ କରିବେ ନାହିଁ ବୋଲି ୟୁକ୍ରେନ ରାଷ୍ଟ୍ରପତିଙ୍କ ମୁଖପାତ୍ର ସେରେହି ନିକିଫରୋଭ କହିଛନ୍ତି।



## ଅଗଷ୍ଟା ୱେଷ୍ଟଲ୍ୟାଣ୍ଡ ଲାଞ୍ଚ ମାମଲା
## ମିସେଲ ଜେମ୍ସକୁ ଜାମିନ୍

**ନୂଆଦିଲ୍ଲୀ, ୧୮।୨:** ଅଗଷ୍ଟା ୱେଷ୍ଟଲ୍ୟାଣ୍ଡ ହେଲିକପ୍ଟର କ୍ରୟ ଦୁର୍ନୀତିର ଅଭିଯୁକ୍ତ ଖ୍ରୀଷ୍ଟିଆନ ମିସେଲ ଜେମ୍ସକୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ଦୁର୍ନୀତି ମାମଲାରେ କୋର୍ଟ ମିସେଲଙ୍କୁ ଜାମିନ ପ୍ରଦାନ କରିଛନ୍ତି। ୬ ବର୍ଷ ଜେଲରେ ରହିବା ଆଧାରରେ କୋର୍ଟ ମିସେଲଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ସର୍ତ୍ତମୂଳକ ଜାମିନ ପ୍ରଦାନ କରି କହିଛନ୍ତି ଯେ ମିସେଲ ପାସପୋର୍ଟ ନବୀକରଣ କରିବା ପରେ ଏହାକୁ ଆତ୍ମସମର୍ପଣ କରିବାକୁ ପଡ଼ିବ। ପୂର୍ବରୁ ସିବିଆଇ ମାମଲାରେ ଦିଲ୍ଲୀ ହାଇକୋର୍ଟ ଜାମିନ ନାମଞ୍ଜୁର କରିଥିଲେ। ଏହି ନିଷ୍ପତ୍ତି ବିରୋଧରେ ମିଶେଲ ସୁପ୍ରିମକୋର୍ଟରେ ପିଟିସନ ଦାଖଲ କରିଥିଲେ। ଏହା ପୂର୍ବରୁ ସୁପ୍ରିମକୋର୍ଟ ଖ୍ରୀଷ୍ଟିଆନ ମିସେଲ ଜେମ୍ସଙ୍କ ଜାମିନ ଆବେଦନକୁ ଖାରଜ କରି କହିଥିଲେ ଯେ ଜେମ୍ସ ତାଙ୍କର ଅଧା ଦଣ୍ଡାଦେଶ କାଟିସାରିଥିବାରୁ ତାଙ୍କୁ ଜାମିନରେ ମୁକ୍ତ କରାଯିବା ଉଚିତ ବୋଲି ଯୁକ୍ତି ଗ୍ରହଣ କରାଯାଇପାରିବ ନାହିଁ। ଜେମ୍ସ ସିଆରପିସିର ଧାରା ୪୩୬-ଏ ଅନୁଯାୟୀ ଜାମିନ ଆବେଦନ କରିଥିଲେ । ସୂଚନାଯୋଗ୍ୟ, ୩୬୦୦ କୋଟି ଟଙ୍କାର ଅଗସ୍ତା ୱେଷ୍ଟଲ୍ୟାଣ୍ଡ ହେଲିକପ୍ଟର କିଣା ଦୁର୍ନୀତି ମାମଲାରେ ଦଲାଲ ଖ୍ରୀଷ୍ଟିଆନମିସେଲଜେମ୍ସ ୬ବର୍ଷହେଲା ଜେଲରେଅଛି। ଏହି ମାମଲାର ତଦନ୍ତ ସିବିଆଇ କରୁଛି।

ଆଲ୍ଲାହାବାଦିଆଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି
## କଣ୍ଟେଷ୍ଟଙ୍କୁ ନେଇ କଲେ ତାଗିଦ୍, ସାନି ଏତଲା ଉପରେ ରୋକ୍



**ନୂଆଦିଲ୍ଲୀ, ୧୮।୨:** ରଣବୀର ଆଲ୍ଲାହାବାଦିଆଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି। ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ପ୍ରଦାନ କଲେ ସୁପ୍ରିମ କୋର୍ଟ। କୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ରଣବୀର ଏବଂ ତାଙ୍କ ସାଥୀ 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ୍' ଶୋ କରିପାରିବେ ନାହିଁ। ସୁପ୍ରିମକୋର୍ଟ କହିଛନ୍ତି 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ୍'ରେ ପ୍ରସାରିତ ଏପିସୋଡ ଆଧାରରେ ଆ ଲ୍ଲା ହା ବା ଦି ଆ ଙ୍କ ବିରୋଧରେ ଆଉ ସାନି ଏତଲା ରୁଜୁ ହୋଇପାରିବ ନାହିଁ। ରଣବୀର ନିଜ ପାସପୋର୍ଟକୁ ପୋଲିସ ପାଖରେ ଜମା କରିବେ। କୋର୍ଟଙ୍କ ବିନା ଅନୁମତିରେ ସେ ଦେଶ ବାହାରକୁ ଯାଇପାରିବେ ନାହିଁ ବୋଲି କୋର୍ଟଙ୍କ ନିର୍ଦ୍ଦେଶ ରହିଛି।

ରଣବୀର ଆଲ୍ଲାହାବାଦିଆଙ୍କ ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛନ୍ତି ସୁପ୍ରିମକୋର୍ଟ। କହିଛନ୍ତି ଆପଣ ଲୋକପ୍ରିୟ ବୋଲି କିଛି ବି କହିପାରିବେ ନାହିଁ। ଆପଣଙ୍କ ମନ୍ତବ୍ୟକୁ ନିହାତି ଲଜ୍ଜାଜନକ ବୋଲି କହିଛନ୍ତି। ଶୋରେ ଯେଉଁ ଭଳି ବିକୃତ ମାନସିକତାର ପ୍ରଦର୍ଶନ କରାଯାଇଛି ସେଥିରେ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହୋଇଛି।

କମେଡି ଶୋ' 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ରେ ଅଶ୍ଳୀଳ ବୟାନ ଦେବା ପରେ ୟୁଟ୍ୟୁବର ରଣବୀର ଆଲ୍ଲାହାବାଦିଆ, ସମୟ ରୈନା ଏବଂ ଅପୂର୍ବା ମୁଖିଜାଙ୍କୁ ପ୍ରବଳ ଟ୍ରୋଲ କରାଯାଇଥିଲା। ଶୋ'ର ଏକ ଏପିସୋଡରେ ରଣବୀର ଆଲ୍ଲାହାବାଦିଆ, ଜଣେ ଅଂଶଗ୍ରହଣକାରୀଙ୍କୁ ତାଙ୍କ ପିତାମାତାଙ୍କ ବ୍ୟକ୍ତିଗତ ସମ୍ପର୍କ ବିଷୟରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଆସାମ, ମହାରାଷ୍ଟ୍ର ଏବଂ ଜୟପୁରରେ ତାଙ୍କ ବିରୋଧରେ ହୋଇଥିବା ଏଫଆଇଆରକୁ ନେଇ ରଣବୀର ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।ସୂଚନାଯୋଗ୍ୟ, ହାସ୍ୟ ଅଭିନେତା ସମୟ ରାଇନାଙ୍କ ଦ୍ୱାରା ପରିଚାଳିତ ୟୁଟ୍ୟୁବ୍ ରିୟଲିଟି ସୋ''ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ର ଏକ ଅଧ୍ୟାୟକୁ ରଣବୀର ଅତିଥି ହୋଇ ଯାଇଥିଲେ। ରଣବୀର ସେତେବେଳେ କ'ଣ ଆପଣଙ୍କ ବାପା ମା' ଶରୀରିକ ସମ୍ପର୍କ ରଖୁଥିବାବେଳର ଦୃଶ୍ୟ ଦେଖିବାକୁ ପସନ୍ଦ କରିବେ ? କିମ୍ବା ଆପଣ ସେଥିରେ ସାମିଲ ହେବେ ଏବଂ ତାହାକୁ ରୋକିବେ ବୋଲି ଜଣେ ମହିଳା କଣ୍ଟେଷ୍ଟାଣ୍ଟଙ୍କୁ ପଚାରିଥିଲେ।

## ମଧ୍ୟପ୍ରଦେଶରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୫ ମୃତ

**ଭୋପାଳ, ୧୮।୨:** ମଧ୍ୟପ୍ରଦେଶର ଭିଣ୍ଡ ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଡମ୍ପର ଏବଂ ପିକ୍‌ଅପ ଧକ୍କାରେ ୩ ମହିଳାଙ୍କ ସହିତ ୫ ଜଣଙ୍କ ଜୀବନ ଚାଲିଯାଇଛି। ଘଟଣାରେ ୧୭ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ହସପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଘଟଣାଟି ସକାଳ ୫ଟାରେ ଜବାହରପୁରା ଗାଁ ନିକଟରେ ହୋଇଛି। ଦୁଘର୍ଟଣାର ଶିକାର ହୋଇଥିବା ଲୋକ ଏକ ବିବାହ ଉତ୍ସବରୁ ଫେରୁଥିଲେ ବୋଲି ଜଣାପଡିଛି।

ଭିଣ୍ଡର ପୋଲିସ ଅଧିକ୍ଷକଙ୍କ କହିବା ମୁତାବକ, ମଧ୍ୟପ୍ରଦେଶ ଭିଣ୍ଡରେ ବିବାହ ଉତ୍ସବ ସାରି ଫେରୁଥିବା ବେଳେ ପିକଅପ୍ ଭ୍ୟାନଟି ରାସ୍ତା କଡ଼ରେ ଛିଡାହୋଇଥିଲା। ଫଳରେ ଏଥିରୁ କିଛି ଲୋକ ବାହାରେ ରହିଥିଲେ ଆଉ କିଛି ଗାଡିରେ ବସିଥିଲେ। ଠିକ୍ ଏହି ସମୟରେ ହଠାତ୍ ଏକ ଦ୍ରୁତଗାମୀ ଡମ୍ପର ଆସି ପିକଅପ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ୩ ଜଣଙ୍କର ଜୀବନ ଚାଲିଯାଇଥିଲା, ସେହିପରି ଅନ୍ୟ ୨ ଜଣ ପରେ ଜୀବନ ହାରିଥିଲେ। ଅନ୍ୟ ଆହତଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି। ଦୁଘର୍ଟଣା ପରେ ସ୍ଥାନୀୟ ଲୋକ ରାସ୍ତା ଜାମ୍ କରିଥିଲେ। ଏମାନେ ବାହାଘରରୁ ଫେରୁଥିଲେ। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ଏହି ଘଟଣାରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିଜନଙ୍କୁ ୪-୪ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୧-୧ ଲକ୍ଷ ଟଙ୍କା ଏବଂ ସାମାନ୍ୟ ଆହତଙ୍କୁ ୫୦-୫୦ ହଜାର ଟଙ୍କା ସହାୟତା ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ବାରାବାଙ୍କିର ଲୋନି କଟରା ଥାନା ଅଞ୍ଚଳରେ ଥିବା ପୂର୍ବାଞ୍ଚଳ ଏକ୍ସପ୍ରେସ ୱେ ୨୧/୭ରେ ଏହି ଦୁର୍ଘଟଣା ଘଟିଥିଲା। ଏଠାରେ ଦ୍ରୁତ ଗତିରେ ଆସୁଥିବା ଏକ ମିନି ବସ୍ ନିୟନ୍ତ୍ରଣ ହରାଇ ଏକ ଭଙ୍ଗା ବସ୍ ସହିତ ଧକ୍କା ହୋଇଥିଲା। ମିନି ବସ୍‌ରେ ୧୮ଜଣ ଲୋକ ଥିଲେ। ସମସ୍ତେ ମହାରାଷ୍ଟ୍ରରୁ ଅଯୋଧା ଯାଉଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ୪ ଜଣଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଦୁର୍ଘଟଣାରେ ଆହତ ୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।



## ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ଚାଲିବ ମକଦ୍ଦମା

### ଗୃହ ମନ୍ତ୍ରଣାଳୟରୁ ପଠାଯାଇଥିବା ଫାଇଲରେ ରାଷ୍ଟ୍ରପତିଙ୍କ ମୋହର


**ନୂଆଦିଲ୍ଲୀ, ୧୮।୨:** ଆମ୍ ଆଦମୀ ପାର୍ଟି (ଆପ୍)ର ବରିଷ୍ଠ ନେତା ତଥା ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ମୁସ୍କିଲ ବଢ଼ି ଯାଇଛି। ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ମୋକଦ୍ଦମା ଚଲାଇବାକୁ ଦାବି କରି ପଠାଯାଇ ଥିବା ଫାଇଲରେ , ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱୀକୃତିର ମୋହର ଲଗାଇଛନ୍ତି। ୬୦ ବର୍ଷିୟ ଜୈନଙ୍କ ବିରୋଧରେ ଗୃହ ମନ୍ତ୍ରଣାଳୟ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୨୧୮ ଅନୁସାରେ, ମୋକଦ୍ଦମା ଚାଲିବା ନେଇ ମଞ୍ଜୁରୀ ଦେବାକୁ ଅନୁରୋଧ କରାଯାଇ ଥିଲା। ପିଟିଆଇ ସୂତ୍ରାନୁସାରେ କହିଥିଲା କି , ମନ୍ତ୍ରଣାଳୟ ଇଡିର ଯାଞ୍ଚ ଓ 'ପର୍ଯ୍ୟାପ୍ତ ପ୍ରମାଣ' ର ଉପସ୍ଥିତିର ଆଧାରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏହି ଅନୁରୋଧ କରିଥିଲା। କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ଉପରେ ମନି ଲଣ୍ଡରିଂର ଅଭିଯୋଗରେ ମାମଲା ରୁଜୁ କରି ଥିଲା ଏବଂ ମେ ୨୦୨୨ରେ ତାଙ୍କୁ ଗିରଫ କରାଯାଇ ଥିଲା। ଜୈନ ବର୍ତ୍ତମାନ ଜାମିନ୍‌ରେ ଜେଲ୍‌ରୁ ବାହାରିଛନ୍ତି ଏବଂ ଇଡି ତାଙ୍କ ବିରୋଧରେ ଅଭିଯୋଗ ପତ୍ର ଦାଖଲ କରିଛି। ମନି ଲଣ୍ଡରିଂର ମାମଲା ଅଗଷ୍ଟ ୨୦୧୭ରେ ସିବିଆଇ ଦ୍ୱାରା କରାଯାଇ ଥିଲା। ଏହା ଜୈନ ଓ ଅନ୍ୟ ଲୋକଙ୍କ ବିରୋଧରେ, ଆୟ ବହିର୍ଭୁତ ସଂପତ୍ତି ରଖିବା ଅଭିଯୋଗରେ ରୁଜୁ କରାଯାଇ ଥିବା ଏଫଆଇଆର ସହ ଜଡ଼ିତ। ସିବିଆଇ ଡିସେମ୍ବର ୨୦୧୮ରେ ଅଭିଯୋଗ ପତ୍ର ଦାଖଲ କରିଥିଲା ,ଯେଉଁଥିରେ କୁହାଯାଇ ଥିଲା କି ଆୟ ବହିର୍ଭୁତ ସଂପତ୍ତି ୧.୪୭ କୋଟି ଟଙ୍କା ଥିଲା,ଯାହା ୨୦୧୫-୧୭ବେଳେ ଜୈନଙ୍କ ଆୟର ଜ୍ଞାତ ସ୍ରୋତର ପାଖାପାଖି ୨୧୭ ପ୍ରତିଶତ ଅଧିକ ଥିଲା।

# ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ ଆମେରିକା ଏବଂ ରୁଷିଆ ମଧ୍ୟରେ ଆଲୋଚନା

**ରିୟାଦ, ୧୮।୨:** ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗରେ ସାଉଦି ଆରବରେ ଆମେରିକା ଏବଂ ରୁଷିଆ ଅଧିକାରୀମାନେ ସାକ୍ଷାତ କରିଛନ୍ତି। ମଙ୍ଗଳବାର ଦିନ ରିୟାଦରେ ଅନୁଷ୍ଠିତ ବୈଠକରେ ରୁଷିଆର ପ୍ରତିନିଧିତ୍ୱ ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ ଏବଂ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବୈଦେଶିକ ନୀତି ପରାମର୍ଶଦାତା ୟୁରି ଉଶାକୋଭ କରିଥିଲେ। ଆମେରିକା ପକ୍ଷରୁ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ, ଜାତୀୟ ସୁରକ୍ଷା ପରାମର୍ଶଦାତା ମାଇକ୍ ୱାଲ୍ଜ ଏବଂ ପଶ୍ଚିମ ଏସିଆ ପାଇଁ ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟକଫ୍ ବୈଠକରେ ଉପସ୍ଥିତ ଥିଲେ। ଏହି ବୈଠକକୁ ୟୁକ୍ରେନକୁ ନିମନ୍ତ୍ରଣ କରାଯାଇ ନାହିଁ, ଯାହାକୁ ନେଇ ୟୁରୋପ ପକ୍ଷରୁ ଚିନ୍ତା ପ୍ରକାଶ କରାଯାଇଛି।

ଫାର୍ଷ୍ଟପୋଷ୍ଟ ରିପୋର୍ଟ ଅନୁଯାୟୀ, ୟୁକ୍ରେନ ଉପରେ ରୁଷିଆ ଆକ୍ରମଣର ତିନି ବର୍ଷ ପରେ ସାଉଦି ଆରବରେ ଏହି ବୈଠକ ହେଉଛି। ଶାନ୍ତି ଚୁକ୍ତିନାମାରେ ଆମେରିକାର ଭୂମିକା ଯୋଗୁ ଏହାକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧରେ ସମ୍ପ୍ରତି ହୋଇଥିବା ଫୋନ୍ ବାର୍ତ୍ତାଳାପ ପରେ ଆମେରିକାର ବୈଦେଶିକ ବିଭାଗ ଏବଂ ରୁଷିଆ ଅଧିକାରୀଙ୍କ ମଧରେ ଆଲୋଚନା ହେଉଛି। ଫୋନରେ ଉଭୟ ନେତା ୟୁକ୍ରେନ ନେଇ ତୁରନ୍ତ ଶାନ୍ତି ଆଲୋଚନା ଆରମ୍ଭ କରିବାକୁ ରାଜି ହୋଇଥିଲେ। ଏହି ବୈଠକର ଦୁଇଟି ପକ୍ଷ ହେଉଛନ୍ତି ରୁଷିଆ ଏବଂ ଆମେରିକା ଏବଂ ସାଉଦି ମଧ୍ୟସ୍ଥତାର ଭୂମିକାରେ ଅଛି। ୟୁକ୍ରେନ ଏବଂ ରୁଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧର ଅନ୍ତ ଘଟାଇବା ଲକ୍ଷ୍ୟରେ ଏହି ଆଲୋଚନା ଅନୁଷ୍ଠିତ ହେଉଥିଲେ ମଧ ଏହି ଆଲୋଚନାକୁ ୟୁକ୍ରେନକୁ ନିମନ୍ତ୍ରଣ କରାଯାଇ ନାହିଁ। ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ସୋମବାର କହିଥିଲେ, ଯଦି କିଭ୍ ଅଂଶଗ୍ରହଣ ନ କରେ, ତେବେ ତାଙ୍କ ଦେଶ ବୈଠକର ଫଳାଫଳକୁ ଗ୍ରହଣ କରିବ ନାହିଁ। ୟୁରୋପୀୟ ସଂଘକୁ ମଧ ଆଲୋଚନାରେ ସାମିଲ କରାଯାଇ ନାହିଁ। ୟୁରୋପୀୟ ନେତାମାନେ ଏହାକୁ ବିରୋଧ କରିଛନ୍ତି ଏବଂ ଯେକୌଣସି ଶାନ୍ତି ଆଲୋଚନାରେ ସେମାନଙ୍କର ଅଂଶଗ୍ରହଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ୟୁରୋପୀୟ ସଂଘ କହିଛି, ଏକ ନିରପେକ୍ଷ ଏବଂ ସ୍ଥାୟୀ ଶାନ୍ତି ପାଇଁ ସେମାନଙ୍କର ଉପସ୍ଥିତି ଆବଶ୍ୟକ। ବ୍ରିଟିଶ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ତାଙ୍କ ବିବୃତିରେ କହିଛନ୍ତି ଯେ, ୟୁକ୍ରେନ ଏବଂ ରୁଷିଆ ମଧ୍ୟରେ ସ୍ଥାୟୀ ଶାନ୍ତି ପାଇଁ ଆମେରିକାର ସୁରକ୍ଷା ଗ୍ୟାରେଣ୍ଟି ଆବଶ୍ୟକ।

ଏହି ବୈଠକ ଏଥିପାଇଁ ମଧ ଗୁରୁତ୍ୱପୂର୍ଣ୍ଣ କାରଣ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବା ପରେ, ଆମେରିକାର ରୁଷିଆକୁ ଅଲଗା କରିବା ପାଇଁ ନିଜ ନୀତିରେ ପରିବର୍ତ୍ତନ ଆଣିଛି। ପୂର୍ବରୁ, ରୁଷିଆର ଆକ୍ରମଣ ପରେ ଆମେରିକା ୟୁକ୍ରେନକୁ ଅଲଗା କରିବାକୁ ଚେଷ୍ଟା କରୁଥିଲା। ଏବେ ଉଭୟ ଦେଶର ଉଚ୍ଚ ପଦାଧିକାରୀଙ୍କ ମଧରେ ସାକ୍ଷାତ୍ ହୋଇଛି। ଏହି ଆଲୋଚନା ଡୋନାଲ୍ଡ ଟ୍ରମ୍ପ ଏବଂ ଭ୍ଲାଦିମିର ପୁଟିନଙ୍କ ମଧରେ ସାକ୍ଷାତ ପାଇଁ ମଧ ପଥ ପ୍ରଶସ୍ତ କରିବ ବୋଲି କୁହାଯାଉଛି। ପୁଟିନଙ୍କ ବୈଦେଶିକ ନୀତି ପରାମର୍ଶଦାତା ଉଷାକୋଭ କହିଛନ୍ତି , ଆଲୋଚନା ସମ୍ପୂର୍ଣ୍ଣ ଦ୍ୱିପାକ୍ଷିକ ଥିଲା। ଏଥିରେ ୟୁକ୍ରେନୀୟ ଅଧିକାରୀମାନେ ଅନ୍ତର୍ଭୁକ୍ତ ନୁହଁନ୍ତି। ତଥାପି, ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନକୁ ଆଶ୍ୱାସନା ଦେଇଛନ୍ତି ଯେ, ୟୁକ୍ରେନକୁ ଆଲୋଚନାରେ ସାମିଲ କରାଯିବ। ରୁଷିଆ ଏବଂ ଆମେରିକା ଯେଉଁଭଳି ଭାବରେ ଆଲୋଚନା କରୁଛନ୍ତି ତାହା ୟୁରୋପ ଏବଂ ୟୁକ୍ରେନକୁ ଚିନ୍ତିତ କରିଛି। ୟୁରୋପୀୟ ଦେଶ ଏବଂ ୟୁକ୍ରେନର ଅସନ୍ତୋଷ ନାଟୋର ଭବିଷ୍ୟତ ଉପରେ ପ୍ରଭାବ ପକାଇବ ବୋଲି ଅନେକ ବିଶେଷଜ୍ଞ ମଧ ଆଶଙ୍କା ପ୍ରକାଶ କରିଛନ୍ତି।



# ମୁମ୍ବାଇର ପ୍ରଥମ ବିଜୟ




ଭଦୋଦରା,୧୮।୨: ଚଳିତ ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଆଜି ଖେଳାଯାଇଥିବା ସଂସ୍କରଣର ପଞ୍ଚମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୫ ୱିକେଟ୍‌ରେ ବିଜୟୀ ହୋଇଛି। ସଂସ୍କରଣରେ ଦଳ ତା'ର ଦ୍ୱିତୀୟ ମୁକାବିଲାରେ ଆଜି ଏଠାରେ ଗୁଜରାଟ ଜାଏଣ୍ଟସ୍‌କୁ ଭେଟିଥିବାବେଳେ ଏଥିରେ ହେଲି ମାଥ୍ୟୁଜ୍‌ଙ୍କ ଚମତ୍କାର ବୋଲିଂ ବଳରେ ପଏଣ୍ଟ ଖାତା ଖୋଲିଛି। ପ୍ରଥମେ ବ୍ୟାଟିଂ ପାଇଥିବା ଗୁଜରାଟ ୨୦ ଓଭର୍‌ରେ ମାତ୍ର ୧୨୦ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ମଧ୍ୟକ୍ରମ ବ୍ୟାଟ୍ସଓମ୍ୟାନ୍ ହର୍ଲିନ୍ ଦେଓଲ୍ ୪ଟି ଚୌକା ସହ ସର୍ବାଧିକ ୩୨ ରନ୍ କରିଥିବା ବେଳେ କେଶବୀ ଗୌତମ ୨ଟି ଚୌକା ଓ ଗୋଟିଏ ଛକା ସହ ୨୦ ଏବଂ ତନୁଜା କନୱର୍ ଓ ସୟାଲୀ ସାତଘରେ ୧୩ ରନ୍ ଲେଖାଏଁ କରିଥିଲେ। ଦଳର ୬ ଜଣ ବ୍ୟାଟ୍ସଓମ୍ୟାନ୍ ଦୁଇ ଅଙ୍କରେ ପହଞ୍ଚି ପାରିନପାରିବା ମୁମ୍ବାଇ ବୋଲରଙ୍କ ଦବ୍‌ଦବାକୁ ସ୍ପଷ୍ଟ କରୁଛି। ମୁମ୍ବାଇ ପକ୍ଷରୁ ମାଥ୍ୟୁଜ୍ ସର୍ବାଧିକ ୩ଟି ୱିକେଟ୍ ନେବା ସହ ତାଙ୍କ ୪ ଓଭର୍‌ରେ ମାତ୍ର ୧୬ ରନ୍ ବ୍ୟୟ କରିଥିଲେ। ଏହାଛଡ଼ା ନାଟାଲି ସ୍କିଭର୍-ବ୍ରଣ୍ଟ୍ ଓ ଆମେଲିଆ କେର୍ ୨ଟି ଲେଖାଏଁ ଏବଂ ଶବନିମ୍ ଇସମାଇଲ୍ ଓ ଅମନଜୋତ୍ କୌର୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳ ୧୬.୧ ଓଭର୍‌ରେ ୫ଟି ୱିକେଟ୍ ହରାଇ ୧୨୨ ରନ୍ କରି ସହଜ ବିଜୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ନାଟାଲି ସର୍ବାଧିକ ୫୭ ରନ୍ କରିଥିଲେ, ଯେଉଁଥିରେ ୧୧ଟି ଚୌକା ସାମିଲ୍ ରହିଥିଲା। ଏହାଛଡ଼ା ଆମେଲିଆ ଓ ଓପନର ମାଥ୍ୟୁଜ୍ ଯଥାକ୍ରମେ ୧୯ ଓ ୧୭ ରନ୍ କରିଥିଲେ। ଗୁଜରାଟ ପାଇଁ ପ୍ରିୟା ମିଶ୍ର ଓ କାଶବୀ ଦୁଇଟି ଲେଖାଏଁ ଏବଂ ତନୁଜା ଗୋଟିଏ ୱିକେଟ୍ ନେଇଥିଲେ। ମାଥ୍ୟୁଜ୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ପାରିବାରିକ କାରଣରୁ ସ୍ୱଦେଶ ଫେରିଲେ ମୋର୍କେଲ

## ଚାମ୍ପିଅନ ଟ୍ରଫି ପୂର୍ବରୁ ଭାରତକୁ ଲାଗିଲା ବଡ଼ ଝଟ୍‌କା




ଦୁବାଇ,୧୮।୨: ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ଖେଳିବାକୁ ଦୁବାଇରେ ପହଞ୍ଚି ସାରିଛି ଟିମ୍ ଇଣ୍ଡିଆ। ହେଲେ ଟୁର୍ନାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଦଳକୁ ଲାଗିଛି ବଡ଼ ଝଟ୍‌କା। ଭାରତର ବୋଲିଂ ପ୍ରଶିକ୍ଷକ ମୋର୍ନେ ମୋର୍କେଲ ହଠାତ ଦକ୍ଷିଣ ଆଫ୍ରିକା ଫେରିଯାଇଛନ୍ତି। ସେ ଶନିବାର ଭାରତୀୟ ଦଳ ସହିତ ଦୁବାଇରେ ପହଞ୍ଚିଥିଲେ। ବୁଧବାରଠାରୁ ଆରମ୍ଭ ହେଉଥିବା ଚାମ୍ପିଅନ ଟ୍ରଫି ପୂର୍ବରୁ ପ୍ରାରମ୍ଭିକ ଅଭ୍ୟାସ ଅଧିବେଶନରେ ମଧ୍ୟ ଉପସ୍ଥିତ ଥିଲେ। ହେଲେ ସୋମବାର ଦ୍ୱିତୀୟ ଅଭ୍ୟାସ ଅଧିବେଶନରେ ମୋର୍କେଲ ଦଳ ସହିତ ନ ଥିଲେ। ଜସପ୍ରିତ ବୁମ୍‌ରାଙ୍କ ଅନୁପସ୍ଥିତିରେ ଟିମ୍ ଇଣ୍ଡିଆର ବୋଲିଂକୁ ମଜବୁତ କରିବାର ଦାୟିତ୍ୱ ତାଙ୍କ କାନ୍ଧରେ ଥିଲା। ଏପରି ପରିସ୍ଥିତିରେ ପାରିବାରିକ କାରଣରୁ ତାଙ୍କର ହଠାତ୍ ସ୍ୱଦେଶକୁ ଫେରିଯିବା ଟିମ୍ ଇଣ୍ଡିଆ ପାଇଁ ଏକ ବଡ଼ ଝଟ୍‌କା ପାଲଟିଛି। ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ମୋର୍କେଲଙ୍କ ବାପାଙ୍କ ଦେହାନ୍ତ ହୋଇଯାଇଛି। ଏହି କାରଣରୁ ତାଙ୍କୁ ଶୀଘ୍ର ଦୁବାଇରୁ ଦକ୍ଷିଣ ଆଫ୍ରିକା ଫେରିବାକୁ ପଡିଛି। ଗତ ବର୍ଷ ସେପ୍ଟେମ୍ବରରେ ପୂର୍ବତନ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ମୋର୍କେଲଙ୍କୁ ଟିମ ଇଣ୍ଡିଆର ବୋଲିଂ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଥିଲା। ଗତ ଛଅ ମାସ ଧରି ସେ ଟିମ୍ ଇଣ୍ଡିଆର ଦ୍ରୁତ ବୋଲରମାନଙ୍କ ସହିତ କାମ କରୁଛନ୍ତି। ଭାରତର ପ୍ରମୁଖ ପେସର ଜସପ୍ରିତ ବୁମ୍‌ରା ଆଘାତ ଯୋଗୁ ଟୁର୍ନାମେଣ୍ଟରୁ ବାହାର ହୋଇଯାଇଛନ୍ତି। ଫଳରେ ମହମ୍ମଦ ଶାମି, ଅର୍ଶଦୀପ ସିଂହ ଏବଂ ହର୍ଷିତ ରାଣାଙ୍କ କାନ୍ଧରେ ପେସ ଆକ୍ରମଣର ଦାୟିତ୍ୱ ରହିଛି। ସେହିଭଳି ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଦଳର ଚତୁର୍ଥ ବିକଳ୍ପ ଅଟନ୍ତି।

ସୂଚନାଯୋଗ୍ୟ, ଭାରତୀୟ ଦଳ ଗ୍ରୁପ 'ଏ' ରେ ସ୍ଥାନ ପାଇଛି। ଯେଉଁଥିରେ ତାଙ୍କ ସହିତ ପାକିସ୍ତାନ, ବାଂଲାଦେଶ ଏବଂ ନ୍ୟୁଜିଲାଣ୍ଡ ଦଳ ଅଛନ୍ତି। ଭାରତକୁ ଫେବୃଆରୀ ୨୦ ତାରିଖରେ ବାଂଲାଦେଶ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବାକୁ ପଡିବ। ଦ୍ୱିତୀୟ ମ୍ୟାଚ୍ ୨୩ ଫେବୃଆରୀରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଖେଳାଯିବ। ଟିମ ଇଣ୍ଡିଆ ମାର୍ଚ୍ଚ ୨ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଶେଷ ଗ୍ରୁପ୍ ମ୍ୟାଚ୍ ଖେଳିବ।

# ଆଇସିସି ଚାମ୍ପିଅନ୍ସ ଟ୍ରଫି: ନୂଆ ପିଚ୍‌ରେ ଭାରତ-ପାକ୍ ଲଢ଼େଇ

## ଭିଆଇପି ବକ୍ସ ଟିକେଟ୍ ବିକ୍ରି କରି ଦେବାକୁ କହିଲେ ପିସିବି ଅଧ୍ୟକ୍ଷ






ଦୁବାଇ,୧୮।୨: ଆଉ ଦିନକ ପରେ ଆଇସିସି ଚାମ୍ପିଅନ୍ସ ଟ୍ରଫି। ପାକିସ୍ତାନ ଏବଂ ୟୁଏଇରେ ଖେଳାଯିବ ଏହି 'ମିନି ବିଶ୍ୱକପ୍'। ସୁରକ୍ଷା ଦୃଷ୍ଟିରୁ ଭାରତୀୟ ଦଳ ପାକିସ୍ତାନ ଗସ୍ତ କରୁନଥିବାରୁ ଦୁବାଇରେ ସବୁ ମ୍ୟାଚ୍ ଖେଳିବ। ଆସନ୍ତା ୨୦ ତାରିଖରେ ବାଂଲାଦେଶ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ପୁଣି ୨୩ ତାରିଖରେ ଟୁର୍ଣ୍ଣାମେଣ୍ଟର ସବୁଠୁ ବଡ଼ ମ୍ୟାଚ୍ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଚାମ୍ପିଅନ୍ସ ଟ୍ରଫି ପାଇଁ ନୂଆ ଦୁଇଟି ପିଚ ପ୍ରସ୍ତୁତ କରାଯାଇଛି। ଭାରତ ତା'ର ସମସ୍ତ ମ୍ୟାଚ୍ ଏହି ପିଚରେ ଖେଳିବ ବୋଲି ପିଟିଆଇ ରିପୋର୍ଟରୁ ଜଣାପଡ଼ିଛି। ଗତ କିଛି ମାସ ହେଲା ଦୁବାଇ ଷ୍ଟାଡିୟମରେ ନିୟମିତ କ୍ରିକେଟ୍ ଖେଳାଯାଇ ଆସୁଛି। ପ୍ରଥମେ ଗତ ବର୍ଷ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍, ୧୯ ବର୍ଷରୁ କମ୍ ଏସିଆ କପ୍ ଏବଂ ଇଣ୍ଟରନ୍ୟାସନାଲ ଲିଗ୍ (ଆଇଏଲ୍) ଟି-ଟ୍ୱେଣ୍ଟି-୨୦୨୫ ଏଠାରେ ଆୟୋଜିତ ହୋଇଥିଲା। ବିଶେଷ କରି ଲିଗର ୧୫ଟି ମ୍ୟାଚ୍ ଦୁବାଇ ପିଚ୍‌ରେ ଖେଳାଯାଇଥିଲା। ଷ୍ଟାଡିୟମରେ ମୋଟ୍ ୧୦ଟି ପିଚ ରହିଛି। ଲିଗରେ ସେଥିରୁ ୮ଟି ପିଚ ବ୍ୟବହାର କରାଯାଇଥିଲା। ଯେଉଁ ଦୁଇଟି ପିଚ୍ ବ୍ୟବହାର କରାଯାଇ ନଥିଲା, ତାହାକୁ ଚାମ୍ପିଅନ୍ସ ଟ୍ରଫି ପାଇଁ ପ୍ରସ୍ତୁତ କରାଯାଇଛି। ଭାରତ ୨୦ ତାରିଖରେ ବାଂଲାଦେଶ, ୨୩ରେ ପାକିସ୍ତାନକୁ ଏବଂ ମାର୍ଚ୍ଚ ୨ରେ ନ୍ୟୁଜିଲାଣ୍ଡକୁ ଏହି ନୂଆ ପିଚରେ ଭେଟିବ। କେବଳ ଗ୍ରୁପ୍ ପର୍ଯ୍ୟାୟ ନୁହେଁ, ଯଦି ଭାରତ ସେମି ଫାଇନାଲ ଏବଂ ଫାଇନାଲକୁ ଉନ୍ନୀତ ହୁଏ, ତେବେ ଏହି ମ୍ୟାଚ ଗୁଡ଼ିକ ମଧ୍ୟ ଦୁବାଇରେ ଖେଳାଯିବ।

### ୧୯୯୬ ପରେ ପାକିସ୍ତାନରେ ଆଇସିସି ଟୁର୍ଣ୍ଣାମେଣ୍ଟ

ଆତଙ୍କବାଦୀ କାର୍ଯ୍ୟକଳାପ ଏବଂ ଆର୍ଥିକ ଦୁରବସ୍ଥା ଯୋଗୁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଦୀର୍ଘ ବର୍ଷ ଧରି ଆଇସିସି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିପାରି ନାହିଁ। ଶେଷ ଥର ପାକିସ୍ତାନରେ ୧୯୯୬ ବିଶ୍ୱକପ୍ ଖେଳାଯାଇଥିଲା। ଦୀର୍ଘ ବର୍ଷ ପରେ ୨୦୨୫ ଚାମ୍ପିଅନ୍ସ ଟ୍ରଫି ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ସାମା ଟିଭିର ରିପୋର୍ଟରୁ ଜଣାପଡ଼ିଛି ଯେ, ଆସନ୍ତା ୨୩ ତାରିଖ ଭାରତ-ପାକିସ୍ତାନ ମ୍ୟାଚ୍‌ରେ ପିସିବି ଅଧ୍ୟକ୍ଷ ନକଭିଙ୍କୁ ଭିଆଇପି ବକ୍ସରେ ବସିବାକୁ ଆଇସିସି ପକ୍ଷରୁ ପ୍ରସ୍ତାବ ଦିଆଯାଇ ଥିଲା। କିନ୍ତୁ ନକଭି ବକ୍ସର ସମସ୍ତ ଟିକେଟ୍ ବିକ୍ରି କରିଦେବାକୁ କହିଥିଲେ। ଯାହାର ଅର୍ଥ ୩.୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଉଛି। ସେ ସାଧାରଣ ଏନକ୍ଲୋଜରରେ ବସି ମ୍ୟାଚ୍ ଦେଖିବେ ବୋଲି ନିଷ୍ପତ୍ତି ନେଇଛନ୍ତି। କରାଚି, ଲାହୋର ଓ ରାୱଲପିଣ୍ଡି ଷ୍ଟାଡିୟମର ପୁନରୁଦ୍ଧାର ପାଇଁ ପିସିବି ୧୮ ବିଲିୟନ ପାକ୍ ମୁଦ୍ରା ଖର୍ଚ୍ଚ କରିଛି। ଦୀର୍ଘ ବର୍ଷ ହେଲା ଷ୍ଟାଡିୟମ ଗୁଡ଼ିକ ପୁନରୁଦ୍ଧାର ନ ହୋଇ ପଡ଼ି ରହିଥିଲା। ଚାମ୍ପିଅନ୍ସ ଟ୍ରଫି ପାଇଁ ପିସିବି ଏହି ଷ୍ଟାଡିୟମ ଗୁଡ଼ିକ ନୂଆ ରୂପ ଦେଇଛି। ବିଳମ୍ବିତ କାର୍ଯ୍ୟ ପାଇଁ ମଧ୍ୟ ପିସିବିକୁ ସମାଲୋଚିତ ହେବାକୁ ପଡ଼ିଥିଲା।

### ପାକ୍ ଷ୍ଟାଡିୟମରେ ଉଡ଼ିବନି ତ୍ରିରଙ୍ଗା

ପାକିସ୍ତାନର ୩ ଷ୍ଟାଡିୟମ କରାଚି, ଲାହୋର ଏବଂ ରାୱଲପିଣ୍ଡି ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତ ହୋଇ ସାରିଛି। ୧୯ ତାରିଖରେ ଆୟୋଜକ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ କରାଚି ଷ୍ଟାଡିୟମରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ପ୍ରତ୍ୟେକ ଷ୍ଟାଡିୟମରେ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ସମସ୍ତ ଦେଶର ପତାକା ଲଗା ଯାଇଛି। କିନ୍ତୁ ଭାରତୀୟ ପତାକା ଲଗାଯାଇ ନାହିଁ। ଏନେଇ ସୋସିଆଲ ମିଡିଆରେ ପ୍ରଶଂସକ ଘୋର ନିନ୍ଦା କରିଥିଲେ। ଏହାପରେ ପିସିବି ନିରବତା ଭଙ୍ଗ କରି ଏହାର କାରଣ ଦର୍ଶାଇଛି। ପିସିବି ପକ୍ଷରୁ କୁହାଯାଇଛି ଯେ, ଭାରତୀୟ ଦଳ ପାକିସ୍ତାନ ଆସି ମ୍ୟାଚ ଖେଳିବ ନାହିଁ। ତେଣୁ ଭାରତର ପତାକାକୁ ଆମେ ଷ୍ଟାଡିୟମରେ ଲଗାଇ ନାହୁଁ।

## ଚାମ୍ପିଅନ୍ସ ଟ୍ରଫି: ବିସିସିଆଇର ୟୁ-ଟର୍ଣ୍ଣ


# କେବଳ ଗୋଟିଏ ମ୍ୟାଚରେ ପତ୍ନୀଙ୍କ ସହ ରହିପାରିବେ କ୍ରିକେଟର



ନୂଆଦିଲ୍ଲୀ, ୧୮।୨: ବର୍ଡର-ଗାଭାସ୍କର ଟ୍ରଫିରେ ଭାରତ ୧-୩ରେ ପରାଜୟ ହେବାର କିଛି ଦିନ ପରେ, ବିସିସିଆଇ ଦଳରେ ଶୃଙ୍ଖଳା ରକ୍ଷା କରିବା ପାଇଁ ୧୦-ସୂତ୍ରୀ ନିର୍ଦ୍ଦେଶ ଜାରି କରିଥିଲା, ଯେଉଁଥିରେ ଘରୋଇ କ୍ରିକେଟକୁ ବାଧ୍ୟତାମୂଳକ କରିବା ସହିତ ପରିବାର ସଦସ୍ୟଙ୍କ ରହିବା ସମୟ ସୀମିତ କରାଯାଇଥିଲା ଏବଂ ବ୍ୟକ୍ତିଗତ କର୍ମଚାରୀଙ୍କୁ ଗସ୍ତରେ ନେବାକୁ ଅନୁମତି ଦିଆଯାଇନଥିଲା। ଏହା ସହ ସିରିଜ୍ ଚାଲିଥିବା ବେଳେ ବ୍ୟକ୍ତିଗତ ବିଜ୍ଞାପନ କରିବା ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଯାଇଥିଲା। ଏବେ ଏହି ନିୟମକୁ କୋହଳ କରିଛି ବିସିସିଆଇ। ଦୁବାଇରେ ଅନୁଷ୍ଠିତ ହେବାକୁ ଥିବା ଆଇସିସି ଚାମ୍ପିଅନ୍ସ ଟ୍ରଫି ସମୟରେ ବିସିସିଆଇ କ୍ରିକେଟରମାନଙ୍କୁ ସେମାନଙ୍କ ପରିବାର ସହିତ ରହିବାକୁ ଅନୁମତି ଦେଇଥିବା ଜଣାପଡ଼ିଛି। ବିସିସିଆଇ ଖେଳାଳିମାନଙ୍କ ପତ୍ନୀ ଏବଂ ପରିବାର ସଦସ୍ୟମାନଙ୍କୁ ଦୁବାଇରେ ସେମାନଙ୍କ ସହିତ ଯିବାକୁ ଅନୁମତି ଦେଇଛି ସତ, କିନ୍ତୁ ରଖିଛି ଗୋଟାଏ ସର୍ତ୍ତ। ଖେଳାଳିମାନେ କେବଳ ଗୋଟିଏ ମ୍ୟାଚ୍ ପାଇଁ ସେମାନଙ୍କ ପରିବାର ସଦସ୍ୟଙ୍କୁ ସାଙ୍ଗରେ ନେଇପାରିବେ। ଖେଳାଳିମାନେ ନିଜ ନିଜ ମଧ୍ୟରେ ଆଲୋଚନା କରିପାରିବେ ଏବଂ ଏଥିପାଇଁ ବିସିସିଆଇକୁ ଅନୁରୋଧ କରିପାରିବେ। ତା'ପରେ ବୋର୍ଡ ବ୍ୟବସ୍ଥା କରିବ। ଚାମ୍ପିଅନ୍ସ ଟ୍ରଫିରେ ପରିବାର ସଦସ୍ୟଙ୍କୁ ନେବା ପାଇଁ ପ୍ରଥମେ ଅନୁମତି ନଥିଲା। କିନ୍ତୁ ଏବେ ବୋର୍ଡ ପ୍ରତ୍ୟେକ ଖେଳାଳିଙ୍କୁ ଗୋଟିଏ ଖେଳ ପାଇଁ ପରିବାର ସଦସ୍ୟଙ୍କ ସହ ରହିବାକୁ ଅନୁମତି ଦେଇଛି। ଖେଳାଳିମାନେ କେଉଁ ଖେଳ ପାଇଁ ବୋର୍ଡର ଅନୁମୋଦନ ନେବାକୁ ନିଷ୍ପତ୍ତି ନେଇଛନ୍ତି ତାହା ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ।

## ବିବିସି କ୍ରୀଡ଼ା ପୁରସ୍କାର

# ମନୁ ଭାକରଙ୍କୁ ବର୍ଷର ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ ସମ୍ମାନ



ନୂଆଦିଲ୍ଲୀ, ୧୮।୨: ବିବିସି ଭାରତୀୟ ମହିଳା କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ-୨୦୨୪ ନୂଆଦିଲ୍ଲୀରେ ଆୟୋଜିତ ହୋଇଯାଇଛି। ଅଲିମ୍ପିଆନ ସୁଟର ମନୁ ଭାକର ବର୍ଷର ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ ଭାବେ ପୁରସ୍କୃତ ହୋଇଛନ୍ତି। ସେମିତି ପାରା କ୍ରୀଡ଼ାରେ ଅବନୀ ଲେଖରା ଶ୍ରେଷ୍ଠ କ୍ରୀଡ଼ାବିତ ହେବାର ଗୌରବ ଲାଭ କରିଛନ୍ତି। ମନୁ ପ୍ୟାରିସ ଅଲିମ୍ପିକ୍ସରେ ଡବଲ ପଦକ ଜିତି ଦେଶ ପାଇଁ ଇତିହାସ ରଚିଥିଲେ। ଭାରତର ପ୍ରଥମ ମହିଳା ଭାବେ ଗୋଟିଏ ଅଲିମ୍ପିକ୍ସରେ ଦୁଇଟି ପଦକ ଜିତିଥିଲେ। ସେ ୨୦୨୧ରେ ଉଦୀୟମାନ କ୍ରୀଡ଼ାବିତ ପୁରସ୍କାର ଜିତିଥିଲେ। ଅବନୀ ୨୦୨୦ ପାରା ଅଲିମ୍ପିକ୍ସରେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ଏବଂ ୨୦୨୪ରେ ସ୍ୱର୍ଣ୍ଣ ଜିତିଥିଲେ। ପ୍ରଥମ ଭାରତୀୟ ପାରା ମହିଳା ସୁଟର ଭାବେ ସେ ଅଲିମ୍ପିକ୍ସରେ ୩ଟି ପଦକ ଜିତିଛନ୍ତି। ପାରା ତୀରନ୍ଦାଜ ଶୀତଲ ଦେବୀ ଉଦୀୟମାନ କ୍ରୀଡ଼ାବିତ ଏବଂ ମହିଳା କ୍ରିକେଟର ମିଥାଲୀ ରାଜ ଲାଇଫ୍ ଟାଇମ ପୁରସ୍କାର ପାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଚ୍ୟୁତ...

ସେଥିପାଇଁ ଅଚ୍ୟୁତ ଭିନ୍ନ ଏକ ଚାଲ୍ ଖେଳିବା ଆରମ୍ଭ କରିଛନ୍ତି। ଯେଉଁ ଗୁଣ୍ଡାଙ୍କୁ ଲଗାଇ ପିଲାଙ୍କୁ ବାଡ଼େଇଥିଲେ, ପୁଲିସ ଗିରଫଦାରୀ ପରେ ସେମାନଙ୍କୁ ବହିଷ୍କାର କରିଛି। ୩ ଜଣ ନିର୍ଦ୍ଦେଶକଙ୍କୁ ବି ନିଲମ୍ବିତ କରିଛି। ଆଉ ପୂରା ଘଟଣା ପାଇଁ କ୍ଷମାପ୍ରାର୍ଥନା କରିଛନ୍ତି କିଟ କୁଳପତି। ହେଲେ ଅଚ୍ୟୁତ କାହିଁକି ଛାତ୍ରଛାତ୍ରୀଙ୍କୁ ଏଯାଏଁ କ୍ଷମା ମାଗିନାହାଁନ୍ତି, ସେନେଇ ପ୍ରଶ୍ନ ଉଠିଛି। ଅଚ୍ୟୁତଙ୍କ ନିର୍ଦ୍ଦେଶରେ ଆକ୍ରମଣ ହୋଇଥିବା ବେଳେ କ୍ଷମା ମାଗୁଛନ୍ତି କୁଳପତି।

ତେବେ ସବୁଠୁ ବଡ଼ ପ୍ରଶ୍ନ ହେଲା, କିଟ ଇଣ୍ଟରନ୍ୟାସନାଲ ରିଲେସନ ଅଫିସ୍‌କୁ ମୃତ ଛାତ୍ରୀ ବାରମ୍ବାର ତାଙ୍କ ଉପରେ ହେଉଥିବା ନିର୍ଯାତନା ସମ୍ପର୍କରେ ଜଣାଇଥିଲେ। ଏହି ଅଫିସ କାହିଁକି ଚୁପ ରହିଥିଲା? ଆଉ ଏହି ଅଫିସ ଦାୟିତ୍ୱରେ ଥିବା ଉପସଭାପତି ଦ୍ୱିତୀ ବିକ୍ରମାଦିତ୍ୟ କାହିଁକି ଉତ୍ତରଦାୟୀ ହେବେନି? ତାଙ୍କ ପ୍ରତି ଅଚ୍ୟୁତ କାହିଁକି ଏତେ ମେହେରବାନ? ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନି ବୋଲି ପ୍ରଶ୍ନ ଉଠୁଛି।

ଆଖିରେ ଆଖିଏ ସ୍ୱପ୍ନ ନେଇ ନିଜ ଦେଶ ଛାଡ଼ି ଆସିଥିବା ଛାତ୍ରୀକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ପାଇଁ ଆତ୍ମହତ୍ୟା କରିବାକୁ ପଡ଼ିଥିଲା। ଭାଇରାଲ ଅଡିଓରେ ଘଟଣା ଦିନ ଗଣ୍ଡଗୋଳ ବିଷୟରେ ଫୋନରେ ବିସ୍ତୃତ ଭାବେ ନିଜ ସମ୍ପର୍କୀୟଙ୍କୁ ଜଣେ ଛାତ୍ର କହୁଛନ୍ତି। ଫୋନ୍‌ରେ ଛାତ୍ରଙ୍କ କହିବାନୁଯାୟୀ, ସକାଳୁ କ୍ୟାମ୍ପସ-୬ ଆଗରେ ଛାତ୍ରଛାତ୍ରୀ ଆନ୍ଦୋଳନ କରିଥିଲେ। ସକାଳ ୬ଟାରେ ଆସିଥିଲେ ଅଚ୍ୟୁତ ସାମନ୍ତ। ପିଲାମାନେ ତାଙ୍କୁ ଅଭିଯୋଗ କରିଥିଲେ, ରାତି ତମାମ ଆମେ ଅଭିଯୋଗ କରିଛୁ କେହି କିଛି ଶୁଣୁନାହାନ୍ତି। ଏହାର ଉତ୍ତରରେ ସାମନ୍ତ କହିଥିଲେ, ଏ ତ ସାଧାରଣ କଥା। ଏହି ସମୟରେ ଠେଲାପେଲା ମଧ୍ୟରେ ଅଚ୍ୟୁତ ତଳେ ପଡ଼ିଯାଇଥିଲେ। ଆଉ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ କହିଥିଲେ, 'ମୁଁ ତୁମକୁ ଦେଖାଉଛି, ମୁଁ କଣ କରିପାରେ'। ସେ ଯିବାର କିଛି ସମୟ ପରେ ହଷ୍ଟେଲରେ ଲାଠିଚାର୍ଜ ହେଲା। ଆଉ କିଛି ଲୋକାଲ ଗୁଣ୍ଡା ଆସି ପିଟାପିଟି ମଧ୍ୟ କରିଥିଲେ। ପରେ ହଷ୍ଟେଲ ଖାଲି କରିବାକୁ କୁହାଗଲା। ପୂର୍ବାହ୍ନ ୮ଟାରେ ୫ ମିନିଟରେ ହଷ୍ଟେଲ ଛାଡ଼ିବାକୁ ନୋଟିସ କରାଗଲା।

ଛାତ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ଏବେ ଭୟଙ୍କର ସନ୍ଦେହ ଘେରରେ କିଟ୍। କ୍ୟାମ୍ପସରେ ଏବେବି ଉତ୍ତେଜନା ଲାଗି ରହିଥିବା ବେଳେ କିଟ୍ କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ଅନେକ ଚାଞ୍ଚଲ୍ୟକର ପ୍ରଶ୍ନ ଉଠାଇଛନ୍ତି ଛାତ୍ରଛାତ୍ରୀ। ଅଭିଯୋଗ କରିଛନ୍ତି, ଲେଡିଜ୍ ହଷ୍ଟେଲ ରୁମରେ ଛାତ୍ରୀଙ୍କ ମୃତଦେହ ମିଳିବା ପରେ ପୁଲିସକୁ ପ୍ରଥମେ ଖବର ଦେଇନଥିଲେ ହଷ୍ଟେଲ କର୍ତ୍ତୃପକ୍ଷ। ମୃତଦେହକୁ ହଷ୍ଟେଲରୁ ସେଣ୍ଟ୍ରାଲ ଲାଇବ୍ରେରୀକୁ ଅଣାଯାଇଥିଲା। ଛାତ୍ରୀଙ୍କ ମୋବାଇଲ୍ ଓ ଲ୍ୟାପଟପକୁ ହଷ୍ଟେଲ କର୍ତ୍ତୃପକ୍ଷ ନେଇଯାଇଥିଲେ। ପୁଲିସ ଆସିବା ଆଗରୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ନଷ୍ଟ ଉଦ୍ୟମ କରାଯାଇଥିବା ସନ୍ଦେହ କରୁଛନ୍ତି ଛାତ୍ରଛାତ୍ରୀ। ଘଟଣା ବେଳେ ଅଧିକାଂଶ ଛାତ୍ରଛାତ୍ରୀ କିଟ୍ ଫେଷ୍ଟ୍ ପାଇଁ ଉତ୍ସବ ସ୍ଥଳରେ ଥିଲେ। ତେଣୁ ଏହାର ସୁଯୋଗ ନେଇ ଛାତ୍ରୀ ଆତ୍ମହତ୍ୟା ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରିଥିଲେ କିଟ୍ କର୍ତ୍ତୃପକ୍ଷ। କିନ୍ତୁ ଏହାର ପର୍ଦ୍ଦାଫାସ କରିଦେଇଥିଲେ ଛାତ୍ରଛାତ୍ରୀ। ମୃତଦେହ ଠାବ ପରେ କାହିଁକି ତୁରନ୍ତ ପୁଲିସକୁ ଖବର ଦିଆଯାଇନଥିଲା? ପୁଲିସ ଆସିବା ଆଗରୁ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ନଷ୍ଟ କରିଦିଆଯାଇଥିବା ସନ୍ଦେହ କରାଯାଉଛି।

### ଫୋକସରେ...

ଜଳସେଚନ ପ୍ରକଳ୍ପ ଜରିଆରେ ସବୁ ଚାଷଜମିକୁ ପାଣି ଯୋଗାଇଦେବାକୁ ଚେଷ୍ଟା କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୂର୍ବରୁ ସାଧାରଣରେ ଏକ ମାନସିକତା ଥିଲା ଯେ, ଭୂପୃଷ୍ଠରେ ପାଣିର ଅଭାବ ପଡିବନି। କିନ୍ତୁ ସମୟ ଚକ୍ରରେ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗତ କିଛି ଦଶନ୍ଧି ଧରି ପାଣି ଅସରନ୍ତି ନୁହେଁ ବୋଲି ପ୍ରମାଣିତ ହୋଇଛି। ବିଶେଷ କରି କ୍ରମାଗତ ଭାବେ ବାତ୍ୟା, ବନ୍ୟା ଓ ମରୁଡ଼ି ଦ୍ୱାରା ପ୍ରଭାବିତ ଓଡିଶାରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶା ମୁଖ୍ୟମନ୍ତ୍ରୀ କୃଷିଭିତ୍ତିକ ରାଜ୍ୟ ହୋଇଥିବା ବେଳେ ୫୦ ପ୍ରତିଶତ ଜନସଂଖ୍ୟା କୃଷି ଉପରେ ନିର୍ଭର କରୁଛନ୍ତି। ଯଦିଓ ଓଡିଶାରେ ବାର୍ଷିକ ହାରାହାରି ୧୫ଶହ ମିଲିମିଟର ବର୍ଷା ହୋଇଥାଏ। ହେଲେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବର୍ଷାରେ ଅନିୟମିତତା ଦେଖାଦେଇଛି। ତେବେ ସବୁ ପ୍ରତିକୂଳ ସ୍ଥିତି ମଧ୍ୟରେ ସ୍ୱତନ୍ତ୍ର ରାଜ୍ୟ ଗଠନର ଶହେ ବର୍ଷ ପୂର୍ତ୍ତି ଅର୍ଥାତ ୨୦୩୬ ସୁଦ୍ଧା ରାଜ୍ୟକୁ ଜଳରେ ସୁରକ୍ଷିତ କରିବାକୁ ଲକ୍ଷ୍ୟ ରଖାଯାଇଛି।

### ବିଧାନସଭାରେ...

ସେହିପରି ଅଚ୍ୟୁତଙ୍କୁ ନେଇ ପୂର୍ବର ବିଜେଡି ସରକାରଙ୍କୁ ଘେରିଛନ୍ତି ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ। ବିଧାନସଭାରେ ଶୂନ୍ୟ କାଳରେ ଏହି ପ୍ରସଙ୍ଗ ଉଠାଇ ବିଧାୟକ ଶ୍ରୀ ବାହିନୀପତି କହିଥିଲେ ଯେ ଘଟଣାର ନ୍ୟାୟିକ ତଦନ୍ତ କରାଯାଉ। ଯଦି ନ୍ୟାୟିକ ତଦନ୍ତ କରା ନ ଯିବ, ସେ ଗୃହରେ ଧାରଣା ଦେବେ। କିଟ୍ ପାଇଁ ସାରା ବିଶ୍ୱରେ ଓଡ଼ିଶା ନିନ୍ଦିତ ହେଲା। ନେପାଳ ସହ ଓଡ଼ିଶାର ସମ୍ପର୍କ ପୁରୁଣା। ଜଗନ୍ନାଥଙ୍କ କସ୍ତୁରୀ ସେଠାରୁ ଆସେ। ନେପାଳୀ ଛାତ୍ରଛାତ୍ରୀଙ୍କୁ ଯେପରି ବାଡ଼େଇଲେ ତାହା ନିନ୍ଦନୀୟ। ସେହିଭଳି ଗୃହରେ କିଟ୍ ପ୍ରସଙ୍ଗରେ ଉଦ୍‌ବେଗ ପ୍ରକାଶ କରି ବିଧାୟକ ସିଂହ କହିଥିଲେ ଯେ କିଟ୍ କର୍ତ୍ତୃପକ୍ଷଙ୍କ ପ୍ରରୋଚନାରେ ଏସବୁ କାର୍ଯ୍ୟ ହୋଇଥିବ। ତୁରନ୍ତ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଗିରଫ କରାଯାଉ।

### ଗଣେଶ୍ୱରଙ୍କ...

ଖେଳ ସପକ୍ଷରେ ବାହାରିଛନ୍ତି। ମିଳିଥିବା ସୂଚନାନୁଯାୟୀ, ବିଦ୍ୟାଳୟ ପଡ଼ିଆରେ ଫୁଟବଲ ଖେଳ ପାଇଁ ବିଧାୟକଙ୍କୁ ଅନୁମତି ମିଳିଛି। ତଦନୁଯାୟୀ ଆସନ୍ତା ୨୩ରେ ଫୁଟ୍‌ବଲ୍ ଖେଳରେ ବିଦ୍ୟାଳୟ ପରିସର କମ୍ପିବ। ଏହି ସମୟରେ ମାଟ୍ରିକ ପରୀକ୍ଷାର୍ଥୀମାନେ କିଭଳି ପରୀକ୍ଷା ଦେବେ ତାହାକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ବିଧାୟକଙ୍କ ଜିଦ୍ ଓ କିଛି ବିଜେପି ନେତାଙ୍କ ଭିତିରିଆ ପ୍ରୋତ୍ସାହନ ଆଗରେ ଜିଲ୍ଲା ପ୍ରଶାସନ ନାଚାର ହେବାକୁ ଯାଉଥିବାବେଳେ ଜିଲ୍ଲାପାଳ କି ପ୍ରକାର ପଦକ୍ଷେପ ଗ୍ରହଣ କରିବେ, ତାକୁ ସମସ୍ତେ ଚାହିଁ ବସିଛନ୍ତି। ତେବେ ମାଟ୍ରିକ ପରୀକ୍ଷା ସମୟରେ ଜିଲ୍ଲାରେ ଆରମ୍ଭ ହୋଇଥିବା ଏହି ଖେଳ ରାଜନୀତି କେବଳ ବିଜେଡିକୁ ବୁଡ଼ାଇବ ନାହିଁ, ବିଜେପି ମଧ୍ୟ ସମାନ କ୍ଷତି ସହିବ ବୋଲି କୁହାଯାଉଛି।

### ଖୋସାମତିଆଙ୍କ...

ଆଦି କାର୍ଯ୍ୟକ୍ରମର ଆଉ ପୂର୍ବଭଳି ଚମକ ନାହିଁ। କିଛି ନିର୍ଦ୍ଦିଷ୍ଟ ଲୋକଙ୍କୁ ବାରମ୍ବାର କାର୍ଯ୍ୟକ୍ରମରେ ବସାଇବା ଓ କାମ କରିବାର ସୁଯୋଗ ଦେବା ଫଳରେ ଏହାର ମାନ କମୁଥିବା ନେଇ ଆଲୋଚନା ହେଉଛି। ଅବସ୍ଥା ଏଭଳି ହୋଇଛି ଯେ ଦୂରଦର୍ଶନରେ କାମ କରିବା ପାଇଁ କିଛି ଲୋକ ସେଠାରେ ଚକ୍କର କାଟୁଛନ୍ତି। ଏହି ଦୂରଦର୍ଶନ କେନ୍ଦ୍ରରେ କିଛି କର୍ମଚାରୀ ରହିଛନ୍ତି ଯେଉଁମାନେ ଏଠାରେ ଦୀର୍ଘଦିନ ଗାଦି ମାଡ଼ି ବସିଛନ୍ତି। ଅତି ବେଶୀରେ ଓଡ଼ିଶା ଭିତରେ ଥିବା ଅନ୍ୟ କେନ୍ଦ୍ରକୁ କିଛିମାସ ପାଇଁ ବଦଳି ହୋଇ ପୁଣି ଏଠାକୁ ଫେରି ଆସୁଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ଖୋସାମତିଆଙ୍କ ଦ୍ୱାରା ପ୍ରଭାବିତ ହେଉଥିବାରୁ ଦୂରଦର୍ଶନ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମର ମାନ ତଳକୁ ତଳକୁ ଯାଉଥିବା ନେଇ ଆଲୋଚନା ହେଉଛି। କେନ୍ଦ୍ର ସୂଚନା ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାର ହୋଇଥିବାରୁ ତୁରନ୍ତ ଏହା ଉପରେ ନଜର ଦେବା ସହିତ ଖୋସାମତକାରୀଙ୍କ ପାଲରେ ପଡ଼ିଥିବା ବାବୁମାନଙ୍କୁ ଏଠାରୁ ବିଦା କରିବା ଏବଂ କାର୍ଯ୍ୟକ୍ରମ ମାନରେ ଉନ୍ନତି ଆଣିବାକୁ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

### ନେପାଳରେ....

କରାଯାଇଛି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଭାରତ ପାଇଁ ନେପାଳ ରାଷ୍ଟ୍ରଦୂତ ଶଙ୍କର ପି. ଶର୍ମା ମଧ୍ୟ ଆଲୋଚନା କରିଥିବା ଜଣାପଡ଼ିଛି। ନେପାଳ ସଂସଦରେ ବିରୋଧୀ ଦଳର ସଦସ୍ୟମାନେ ୨୦ ବର୍ଷୀୟା ପ୍ରକୃତି ଲାମସାଲଙ୍କ ଆତ୍ମହତ୍ୟା ଘଟଣାରେ କିଟ୍ କର୍ତ୍ତୃପକ୍ଷଙ୍କ ଆଚରଣକୁ କଡ଼ା ଭାଷାରେ ନିନ୍ଦା କରିବା ସହ ଏହା ନେପାଳ ପ୍ରତି ଅପମାନ ବୋଲି କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି। ଏଥିସହ ଏହି ଘଟଣାରେ ନେପାଳ ସରକାର ଭାରତ ସରକାରଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିବା ସକାଶେ ବୋଲି ମଧ୍ୟ ଜଣେ ସାଂସଦ ଦାବି କରିଛନ୍ତି।

### ବିଷ୍ଣୁପଦ...

ବସିଥିଲେ। ଶ୍ରୀ ମୁଖାର୍ଜୀଙ୍କ ସହ ଠିକାଦାର ସନ୍ତୋଷ ମହାରଣା ଓ ମଧ୍ୟସ୍ଥି ଦେବୀଦତ୍ତ ମହାପାତ୍ରଙ୍କୁ ଗିରଫ କରାଯାଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ପରେ ଆଳୁ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଏହି ଘଟଣା ସହ ଶ୍ରୀ ସେଠୀଙ୍କ ନାଁ ସାମ୍ନାକୁ ଆସିଥିଲା। ଏଥିପାଇଁ ତାଙ୍କୁ ସିବିଆଇ ପକ୍ଷରୁ ହାଜର ହେବା ସକାଶେ ନୋଟିସ୍ ଜାରି କରାଯାଇଥିଲା। ତା'ଛଡ଼ା ତାଙ୍କର ୩ ଜଣ ଡ୍ରାଇଭରଙ୍କୁ ମଧ୍ୟ ସିବିଆଇ ଜେରା କରିସାରିଛି। ଜେରା ସମୟରେ ଏହି ଘଟଣା ସହ ତାଙ୍କର କୌଣସି ସମ୍ପର୍କ ନାହିଁ ବୋଲି ଶ୍ରୀ ସେଠୀଙ୍କ ଅନ୍ୟତମ ଡ୍ରାଇଭର୍ ନୃସିଂହ ଶତପଥୀ ସ୍ପଷ୍ଟ ମନା କରିଥିଲେ। ଅନ୍ୟପକ୍ଷରେ ଏହି ଚଢ଼ାଉ ପରେ ନିଜ ପଦରୁ ଶ୍ରୀ ସେଠୀ ଇସ୍ତଫା ଦେଇଥିବା ନେଇ ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତୀୟ ଏକ ହାତଲେଖା ଚିଠି ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ସିବିଆଇ ଚଢ଼ାଉ ପ୍ରତିବାଦରେ ସେ ଇସ୍ତଫା ଦେଇଥିବା ଉକ୍ତ ଚିଠିରେ ଦର୍ଶାଯାଇଛି। କିନ୍ତୁ ଏହି ଚିଠିର ସଠିକତା ସ୍ପଷ୍ଟ ହୋଇପାରିନାହିଁ। ତା'ଛଡ଼ା ଶ୍ରୀ ସେଠୀଙ୍କ ଇସ୍ତଫା ଦେଇ ଅଦ୍ୟାବଧି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କୌଣସି ସୂଚନା ଜାରି କରାଯାଇନାହିଁ।

### ବିଜେଡି ଉପରେ...

ଆଲୋଚନା ପାଇଁ ବାଚସ୍ପତି ସବୁଜ ସଙ୍କେତ ଦେଇଥିବା ବେଳେ ବିଜେଡି କିନ୍ତୁ ଆଲୋଚନା କରିନଥିଲା। ଏହି ପ୍ରସଙ୍ଗରେ କଂଗ୍ରେସ ବିଜେଡିକୁ ସହଯୋଗ କରିବ କ'ଣ, ଓଲଟା କାହିଁକି ଆଲୋଚନା କଲନାହିଁ ବୋଲି ଗୃହ ଭିତରେ ଅକଳରେ ପକାଇ ଦେଇଥିଲା।

ଏହାପରେ ପୂର୍ବତନ ରେଳବାଇର ୱାଲଟିୟର ଡିଭିଜନ ଭାଗ ଭାଗ ପ୍ରସଙ୍ଗ ଉଠାଇଥିଲା ବିଜେଡି। ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରମାଣ ସହ ଯୁକ୍ତି ବାଢ଼ିଥିଲେ। ରାଜ ସ୍ୱାଇଁ ବି ସରକାରଙ୍କୁ ଏହି ପ୍ରସଙ୍ଗରେ ଘେରିଥିଲେ। ବିଜେଡି ରେଳବାଇ ପ୍ରସଙ୍ଗରେ ଗୃହ ମଧ୍ୟରେ ଆସି ହଟ୍ଟଗୋଳ କରିଥିଲା। ହେଲେ କଂଗ୍ରେସ ଏହି ପ୍ରସଙ୍ଗରେ ନିରବ ଦର୍ଶକ ସାଜିଥିଲା। ବିଜେଡିକୁ ସାଥ୍ ଦେବା ବଦଳରେ ନିଜ ଆସନରେ ବସି ରହିଥିଲା।

ବିଭିନ୍ନ ମୁଲତବି ଓ ଅନ୍ୟାନ୍ୟ ପ୍ରସଙ୍ଗରେ ପୂର୍ବରୁ ବିରୋଧୀଦଳ ଯେଭଳି ଭାଇ ଭାଇ ହୋଇ ଲଢୁଥିଲେ, ତାହା ଆଉ ବିଧାନସଭାରେ ନାହିଁ। ଦୁଇ ବିରୋଧୀଦଳର ମୁହଁ ଦୁଇ ଦିଗକୁ। ଏହା

ଏବେ ଶାସକ ବିଜେପିକୁ ବେଶ୍ ସୁହାଇଛି। ତେବେ ବିରୋଧୀଦଳ ମଧ୍ୟରେ ଦଳମେଳର ଏଭଳି ଅଭାବ କାହିଁକି ହେଲା, ତାହାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ନୂଆ ସଭାପତି ନିଯୁକ୍ତି ପରେ କଂଗ୍ରେସ ଏବେ 'ଏକଲା ଚଲୋ' ନୀତିରେ ଆଗକୁ ବଢ଼ିବାକୁ ସ୍ଥିର କରିଥିବା ଅନୁମାନ କରାଯାଉଛି।

# ଜିଲ୍ଲା ସ୍ତରୀୟ ଯୁବ ବିନିମୟ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭବାନୀପାଟଣା,୧୮।୨(ସଂଚାର ବ୍ୟୁରୋ): ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଓ ମାଇ ଭାରତ ଦ୍ୱାରା ଜିଲ୍ଲା ଇଟିସି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଆୟୋଜିତ ଆନ୍ତଃଜିଲ୍ଲା ଯୁବ ବିନିମୟ କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ, ମା ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଯୁବ ଅଧିକାରୀ ବି . ରମେଶ ନେହରୁ ଯୁବ କେନ୍ଦ୍ର ନବରଙ୍ଗପୁର, ଜିଲ୍ଲା ଯୁବ ଅଧିକାରୀ ନେହରୁ ଯୁବ କେନ୍ଦ୍ର କଳାହାଣ୍ଡି ପ୍ରସନ୍ନ ମେହେର, ଆକାଉଣ୍ଟାଣ୍ଟ ଦୂତୀଆ ବଞ୍ଜୋର୍ ଉପସ୍ଥିତ ଥିଲେ।ଅତିଥିମାନେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପ୍ରଦୀପ ପ୍ରଜ୍ୱଳନ ପରେ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ର ଶୁଭ ଉଦଘାଟନ କରାଯାଇଥିଲା। ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ର ଜିଲ୍ଲା ଯୁବ ଅଧିକାରୀ ସମସ୍ତ ଅତିଥିଙ୍କୁ ସ୍ମାରକୀ ପ୍ରଦାନ କରି ସ୍ୱାଗତ କରିଥିଲେ ଏବଂ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ଏଥିରେ କଟକ ଜିଲ୍ଲାରୁ ୨୭ଜଣ ଯୁବ ପ୍ରତିଭାଗି ଅଂଶଗ୍ରଣ କରିଥିଲେ।ମୁଖ୍ୟ ବକ୍ତା ନିବେଦିତା ନାଥ କଳାହାଣ୍ଡି ଓ କଟକ ଜିଲ୍ଲାର ସଂସ୍କୃତି ପରମ୍ପରା ଉପରେ ବିସ୍ତୃତ ଭାବରେ ଅଲୋକପାତ୍ କରିଥଲେ। ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ି ସେମାନଙ୍କର ପ୍ରତିଭା ଏବଂ ନେତୃତ୍ୱ ଦକ୍ଷତାକୁ ନିବିଡ଼ କରିବାର ସୁଯୋଗ ପାଆନ୍ତି। ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏବଂ ଏପରି କାର୍ଯ୍ୟକ୍ରମ ସେମାନଙ୍କୁ ନିଜ ଭିତରେ ଲୁକ୍କାୟିତ ସମ୍ଭାବନାକୁ ଚିହ୍ନିବାରେ ସାହାଯ୍ୟ କରେ ବୋଲି ଉଲ୍ଲେଖ କରିଥିଲେ। ଯୁବ ଅଧିକାରୀ ଶ୍ରୀ ମେହେର ନେହେରୁ ଯୁବ କେନ୍ଦ୍ରର କାର୍ଯ୍ୟ ପ୍ରଣାଳୀ ଉପରେ ଆଲୋକପାତ କରି ଯୁବପିଢ଼ିଙ୍କୁ ଏପରି କାର୍ଯ୍ୟକ୍ରମରେ ଉତ୍ସାହିତ ସହିତ ଅଂଶଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ ଭାବରେ ମଞ୍ଚ ପରିଚାଳନା କରିଥିଲେ ବିନୟ କୁମାର ସାହୁ। ପରିଶେଷରେ ଲେଖପାଳ ଦୂତୀଆ ବଞ୍ଜୋର୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ନେହେରୁ ଯୁବ କେନ୍ଦ୍ରର ଯୁବ ସ୍ୱେଚ୍ଛାସେବୀ ଶମ୍ଭୁ ବିଶି, ସାଗର ସାହୁ, ଚୁଲମଣି ମାଝୀ, ମନିସ କୁମାର ସାହୁ, ବନ୍ଦିନୀ ମାଝୀ, ପାଙ୍କଜିନି ମାଝୀ ପ୍ରମୁଖ ସହଯୋଗ କରିଥିଲେ।



### ଶିକ୍ଷକଙ୍କ ବଦଳିର ପ୍ରତିବାଦ

# ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରଛାତ୍ରୀ

**ରାଇଘର, ୧୮।୨ (ସଂଚାର ବ୍ୟୁରୋ) :** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ଖୁଟୁଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଘଟିଛି ଏକ ଅଭାବନୀୟ ଘଟଣା। ଗତ ସୋମବାର ଦିନ ଉକ୍ତ ବିଦ୍ୟାଳୟରେ ପଢ଼ାଉ ଥିବା ଶିକ୍ଷକ ରାଜେଶ କୁମାର ବେହେରାଙ୍କୁ ରାଇଘର ଶିକ୍ଷା ଅଧିକାରୀ ଖୁଟୁଗାଁ ଠାରୁ ଗୋନା ପଂଚାୟତର ବରାଗୁଡା ବିଦ୍ୟାଳୟକୁ ବଦଳି କରିଥିଲେ। ସୋମବାର ଦିନ ଶିକ୍ଷକ ଅନୁପସ୍ଥିତ ଥିବା ଦେଖି ଛାତ୍ରଛାତ୍ରୀମାନେ ଅନ୍ୟ ଶିକ୍ଷକଙ୍କୁ ପଚାରିବାରୁ ରାଜେଶ ସାରଙ୍କ ବଦଳି ହେଇଯାଇଛି ବୋଲି କହିବାରୁ ପିଲାମାନେ ଘରେ ଯାଇ ଅଭିଭାବକଙ୍କୁ ଜଣାଇଥିଲେ ଓ କନ୍ଦାବୋବା କରିଥିଲେ।

ଶିକ୍ଷକ ରାଜେଶ ବେହେରା ବିଦ୍ୟାଳୟରେ ଭଲ ପାଠ ପଢ଼ାଉ ଥିବାରୁ ଓ ସବୁ ପିଲାଙ୍କ ଭଲ ଯତ୍ନ ନେଉଥିଲେ ବୋଲି ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ମନରେ ଅତ୍ୟନ୍ତ ଦୁଃଖ ହୋଇଥିଲା। ଏହାଦେଖି ଆଜି ଗ୍ରାମସୀ ଓ ଛାତ୍ରଛାତ୍ରୀମାନେ ସକାଳୁ ବିଦ୍ୟାଳୟକୁ ଆସି ମୁଖ୍ୟ ଗେଟେରେ ତାଲା ମାରି ଧାରଣାରେ ବସିଥିଲେ। ବହୁ ସମୟ ଧରି ଖରାରେ ଧାରଣା ଦେବା ପରେ ରାଇଘର ବ୍ଲକ ଚେୟାରମ୍ୟାନ ଗୁପ୍ତପ୍ରସାଦ ଝାଙ୍କର ଘଟଣାସ୍ଥଳରେ ପହଂଚି ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବା ସହ ସେଠାରୁ ଶିକ୍ଷା ଅଧିକାରୀ ଇଶ୍ୱର ମାଝୀଙ୍କୁ ଫୋନ ଯୋଗେ ସବୁ କଥା କହିବା ପରେ ଶିକ୍ଷା ଅଧିକାରୀ ତୁରନ୍ତ ରାଜେଶ ବେହେରାଙ୍କ ବଦଳିକୁ ବାତିଲ କରି ଏକ ଚିଠି ସିଆରସିସି ଦିଲୀପ ବସନ୍ତିଆଙ୍କ ହାତରେ ଘଟଣାସ୍ଥଳକୁ ପଠାଇ ଥିଲେ। ବଦଳି ବାତିଲ ହୋଇଛି ଜାଣି ଗ୍ରାମବାସୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଧାରଣାରୁ ଉଠି ଥିଲେ ଓ ଶିକ୍ଷକଙ୍କୁ ଫୁଲମାଳ ପିନ୍ଧାଇ ଗେଟେ ଖୋଲି ଭିତରକୁ ସ୍ୱାଗତ କରିଥିଲେ।



### ଜବରଦଖଲକାରୀଙ୍କ କବଜାରେ ନାଉଗାଁ ବଜାର

# ବସ୍‌ଷ୍ଟାଣ୍ଡ ଏବେ ବାଇକ୍ ପାର୍କିସ୍ଥଳ

**ନାଉଗାଁ, ୧୮।୨ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକର ନାଉଗାଁ ବଜାରରେ ବସଷ୍ଟାଣ୍ଡଟିଏ ନଥିଲା। ବସ ରହିବା ଏବଂ ଯିବା ଆସିବା କରିବା ପାଇଁ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିଲେ ବସ ଡ୍ରାଇଭରଙ୍କ ସମେତ ସାଧାରଣ ଯାତ୍ରୀ। ଏହି ଅସୁବିଧାକୁ ଦେଖି ସେତେବେଳର ନାଉଗାଁ ଅଞ୍ଚଳର ପୁଅ ତଥା ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟର ଟ୍ରଷ୍ଟି ପ୍ରତାପ କୁମାର ମିଶ୍ର ନିଜର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ରୁ ୫୦ ଲକ୍ଷ ଟଙ୍କା ୨୦୧୫-୧୬ ଆର୍ଥିକ ବର୍ଷରେ ମଞ୍ଜୁର କରିଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ତତ୍କାଳୀନ ନାଉଗାଁ ତହସିଲଦାରଙ୍କ ଜରିଆରେ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇ ବସଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା।



କିନ୍ତୁ ଦୁଃଖର ବିଷୟ ଏବେ ଜବରଦଖଲକାରୀମାନେ ଏହାକୁ ମାଡ଼ିବସି ଆସ୍ତେ ଆସ୍ତେ କାୟା ବିସ୍ତାର କରିସାରିଲେଣି। ଯାହା ପାଇଁ ବସଟିଏ ସୁରୁଖୁରୁରେ ଷ୍ଟାଣ୍ଡ ଭିତରେ ପଶି ବାହାରି ପାରୁ ନାହିଁ କି ରାସ୍ତାରେ ଗାଡିଟିଏ ଯିବାଆସିବା କରିପାରୁନାହିଁ । ଦୈନିକ ଏହି ବଜାର ଦେଇ କାକଟପୁରର ମା' ମଙ୍ଗଳା, କୋଣାର୍କର ସୂର୍ଯ୍ୟ ମନ୍ଦିର, ଚନ୍ଦ୍ରଭାଗାର ସମୁଦ୍ର ବେଳାଭୂମି ସମେତ ପୁରୀକୁ ଶହ ଶହ ଗାଡି ଯାତାୟତ କରୁଛି। ଏପରି ଅବସ୍ଥା ଉପୁଜୁଛି କି ଯଦି ରୋଗୀଟିକୁ ନେଇ ଆମ୍ବୁଲାନ୍ସଟିଏ ଆସେ ତେବେ ତାକୁ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଅଟକିବାକୁ ପଡୁଛି। ସ୍ଥାନୀୟ ପ୍ରଶାସନ କି ରାଜନେତା ମାନଙ୍କର କେବେବି ଦୃଷ୍ଟି ଗୋଚର ହେଉନାହିଁ। କିଛି ଦୋକାନୀ ସରକାରୀ ଜାଗାକୁ ଜବରଦଖଲ କରି ରଖିଥିବାରୁ ଏହିପରି ସମସ୍ୟା ଉପୁଜୁଛି।

ବାରମ୍ବାର ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନଙ୍କୁ ନିବେଦନ କରାଯାଇଥିଲେ ମଧ୍ୟ ଜବରଦଖଲ ଉଚ୍ଛେଦ ହୋଇପାରୁନାହିଁ। ଦୀର୍ଘଦିନ ହେଲାଣି ସରକାରୀ ଜାଗାକୁ ନିଜ ଅକ୍ତିଆରରେ ରଖିଥିଲେ ଏବେ ପୁଣି ବସଷ୍ଟାଣ୍ଡଟିକୁ ମଧ୍ୟ ନିଜ ଅକ୍ତିଆରକୁ ନେଇ ସାଧାରଣ ଜନତାଙ୍କୁ ହଇରାଣରେ ପକାଉଛନ୍ତି। ତେବେ ଦେଖାଯାଉ କେବେ ଏହି ନାଉଗାଁ ବଜାରର ଦୁଃଖ ଦୂରହେବା ସହିତ ରାସ୍ତାରେ ଯାନବାହାନ ସୁରୁଖୁରୁରେ ଯିବାଆସିବା କରିପାରିବ।

# କାର୍ଯ୍ୟଭାର ଗ୍ରହଣ କଲେ ନୂତନ ଏସ୍‌ଡିପିଓ



**ନୟାଗଡ଼, ୧୮।୨ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ସଦର ଏସ୍‌ଡିପିଓ ଭାବେ ଆଜି ଜ୍ୟୋତି ରଞ୍ଜନ ସାମନ୍ତରାୟ ଦାୟିତ୍ୱ ଗ୍ରହଣ କରିଛନ୍ତି । ନୟାଗଡ଼ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇଙ୍କୁ କେନ୍ଦୁଝର ବଦଳି କରାଯାଇଥିବା ବେଳେ ଜଗତସିଂହପୁର ଜିଲ୍ଲାରୁ ଶ୍ରୀ ସାମନ୍ତରାୟଙ୍କୁ ନୟାଗଡ଼ ବଦଳି ହୋଇଛନ୍ତି । ପୁଲିସ ବିଭାଗର କାର୍ଯ୍ୟାଳୟର ଅନେକ କର୍ମଚାରୀ ଆଜି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ଶ୍ରୀ ସାମନ୍ତରାୟ ପୂର୍ବରୁ ନୟାଗଡ଼ ଜିଲ୍ଲାର ବିଭିନ୍ନ ଥାନାରେ କାର୍ଯ୍ୟ କରିଥିବା ସୂଚନା ମିଳିଛି । ନୟାଗଡ଼ରେ ଆଇନ ଶୃଙ୍ଖଳା ଓ ମାଫିଆ ମାନଙ୍କ ଉପରେ କଡ଼ା ନଜର ରହିବ ବୋଲି ଏସ୍‌ଡିପିଓ ଶ୍ରୀ ସାମନ୍ତରାୟ ପ୍ରକାଶ କରିଛନ୍ତି । ନୂତନ ଏସ୍‌ଡିପିଓ କାର୍ଯ୍ୟଭାର ଗ୍ରହଣ କରିବା ପରେ ଟାଉନ ଥାନା ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର ସ୍ୱାଗତ କରିଥିଲେ ଏବଂ ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ ।

# ନବରଙ୍ଗପୁରରେ ଜନ୍ମଗତ ବକ୍ରପାଦ ଅସ୍ତ୍ରୋପଚାର ଆକଳନ ଶିବିର

**ନବରଙ୍ଗପୁର, ୧୮।୨ (ସଂଚାର ବ୍ୟୁରୋ):** ଆଜି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ନବରଙ୍ଗପୁର ଜିଲ୍ଲା ଚିକିତ୍ସାଳୟ ପରିସରରେ ଅବସ୍ଥିତ ଜିଲ୍ଲା ଦିବ୍ୟାଙ୍ଗ ପୁନର୍ବାସ କେନ୍ଦ୍ର ଠାରେ ଜିଲ୍ଲାର ସମସ୍ତ ଜନ୍ମଗତ ବକ୍ରପାଦକୁ ଅସ୍ତ୍ରୋପଚାର ମା ଧ୍ୟମରେ ଚିକିତ୍ସା କରିବା ପାଇଁ ଏକ ନିରୀକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରକୁ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ପରିଦର୍ଶନ କରି ବକ୍ରପାଦ ଧାରୀ ଶିଶୁମାନଙ୍କ ଆବଶ୍ୟକ ଚିକିତ୍ସା ଉପରେ ଗୁରୁତ୍ୱ ଦେଇଥିଲେ।ଉକ୍ତ ଶିବିରରେ ଜିଲ୍ଲାର ମୋଟ ୭୦ ଜଣ ବକ୍ରପାଦ ଧାରୀ ଶିଶୁଙ୍କର ଚିକିତ୍ସା ଯୋଗ୍ୟ ପରୀକ୍ଷା କରାଯାଇଥିଲା ତନ୍ମଧ୍ୟରୁ ୬୦ ଜଣ ଶିଶୁଙ୍କୁ ଚିହ୍ନଟ କରାଯାଇ ଥିଲା। ଆଗାମୀ ମାର୍ଚ୍ଚ ମାସ ଦ୍ୱିତୀୟ ସପ୍ତାହରେ ଏହି ଶିଶୁ ମାନଙ୍କର ଅସ୍ତ୍ରୋପଚାର ଦିନ ଧାର୍ଯ୍ୟ କରାଯାଇ ତାଙ୍କର ଅଭିଭାବକ ମାନଙ୍କୁ ଜଣାଇ ଦିଆଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ଡିଡିଆର୍ ଓ କନ୍ଧମାଳ ଅକ୍ଷୟ କୁମାର ପଣ୍ଡା ଯୋଗ ଦେଇ ଶିଶୁ ମାନଙ୍କ ବକ୍ରପାଦ ଚିକିତ୍ସା ନିମନ୍ତେ ପରୀକ୍ଷାର ଆବଶ୍ୟକ ପଦକ୍ଷେପ ନେଇଥିଲେ।




# ଜାଗେଶ୍ୱରୀ କ୍ରିକେଟ କ୍ଲବ୍‌ର ବନ୍ଧୁମିଳନ

**ବାଲିଅନ୍ତା, ୧୮।୨ (ସଂଚାର ବ୍ୟୁରୋ):** ବାଲକାଟି କଲେଜ ପଡିଆରେ ଗତକାଲି ଜଗେଶ୍ୱରୀ କ୍ରିକେଟ କ୍ଲବ ପକ୍ଷରୁ ଏକ ବନ୍ଧୁ ମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବନ୍ଧୁ ମିଳନରେ, ବାଲକାଟି, ବାଲିଅନ୍ତା, ପିପିଲି, ଧଉଳି ଅଞ୍ଚଳର ଶତାଧିକ ଯୁବକ ଯୋଗ ଦେଇ ଖୁସି ମନାଇଥିଲେ । ସାନଜସେବୀ ରୁଦ୍ର ପ୍ରସାଦ ଭଞ୍ଜଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜଗମୋହନ ସେଠି, ଦିବ୍ୟସିଂହ ବେହେରା, ମନୋଜ ସେଠୀ, ଅନୁପ ଶୁଭଙ୍କର, ମଣ୍ଟୁ ସାହୁ,ପିଣ୍ଟୁ ବେହେରା,ହୃଷିକେଶ ସ୍ୱାଇଁ ପ୍ରମୁଖ କାର୍ଯ୍ୟକର୍ତା ଯୋଗ ଦେଇ ଆଗାମୀ ବର୍ଷ ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ଅଧିକ ସୁସଂଗଠିତ ଢଙ୍ଗରେ କରିବା ନେଇ ଗୁରୁତ୍ୱାରୋପ କରିଥିଲେ । ଏହି ପରିପ୍ରେକ୍ଷୀରେ କ୍ଲବ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା




# ବେଆଇନ ଇଟାଭାଟି ଭାଙ୍ଗିଲା ପ୍ରଶାସନ

**କାକଟପୁର/ଅସ୍ତରଙ୍ଗ, ୧୮।୨ (ସଂଚାର ବ୍ୟୁରୋ):** ଆଗକୁ ଆସୁଛି ଗ୍ରୀଷ୍ମଋତୁ ତେଣୁ ଇଟାଭାଟି ଗୁଡିକ ଯୋଗୁଁ ପ୍ରଦୂଷଣ ସହ ତାପମାତ୍ରା ପରିମାଣରେ ମଧ୍ୟ ବୃଦ୍ଧି ପାଇବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପ୍ରଶାସନ ନିର୍ଦ୍ଦେଶ କ୍ରମେ କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତାଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଅପରାହ୍ନରେ ପୁଲିସ ଫୋର୍ସ ଓ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ସହଯୋଗରେ ଚଢ଼ାଉ କରି ବାଉରିଆଳରେ ଶକ୍ତିପ୍ରସାଦ ସ୍ୱାଇଁଙ୍କ ବେଆଇନ ଇଟାଭାଟି ଗୁଡିକୁ ଭାଙ୍ଗି ନଷ୍ଟ କରିଥିବା ଜଣାପଡ଼ିଛି। ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଏବଂ ସରକାରୀ ନିୟମ କାନୁନକୁ ଉଲ୍ଲଂଘନ କରି ବ୍ୟବସାୟ ପାଇଁ ଇଟା ନିର୍ମାଣ ଚାଲିଛି। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ରାଜ୍ୟରେ ମାଟି ତିଆରି ଇଟା ଭାଟି ଉପରେ ନିଷେଧାଦେଶ ଜାରି କରିଛନ୍ତି। କେବଳ ଫ୍ଲାଇ ଆସରେ ଇଟା ନିର୍ମାଣକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥା ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି। ଇଟାର ଚାହିଦା ମେଣ୍ଟାଇବା ପାଇଁ ଫ୍ଲାଇ ଆସ ଇଟା ନିର୍ମାଣକୁ ସରକାର ପ୍ରୋତ୍ସାହନ ଦେବାକୁ ସବୁଜ ସଙ୍କେତ ଦେଇଛନ୍ତି। ଏହା ପୂର୍ବରୁ ଜନବସତି ଠାରୁ ୧କିଲୋମିଟର ଏବଂ ସର୍ବସାଧାରଣ ଯାତାୟାତ କରୁଥିବା ରାସ୍ତାର ୫ଶହ ମିଟର ମଧ୍ୟରେ ଇଟାଭାଟି ସ୍ଥାପନ ଉପରେ ସରକାର କଟକଣା ଜାରି କରିବା ସହିତ କେବଳ ସ୍ଥାୟୀ ଚିମିନି ଥିବା ଇଟାଭାଟି ସ୍ଥାପନ ପାଇଁ ଆଇନ ପ୍ରଣୟନ କରିଛନ୍ତି। ବେଆଇନ ଇଟାଭାଟି ବୃଦ୍ଧି ପାଉଥିବାରୁ ସରାକାରଙ୍କ ରାଜସ୍ୱ ହାନୀ ହେଉଛି। ତେଣୁ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉ ଜାରି ରହି ଅନ୍ୟ ସବୁ ବେଆଇନି ଇଟା ଭାଟି ଭଙ୍ଗାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।



### ସ୍ୱାବଲମ୍ବୀ ହେବେ ଭିନ୍ନକ୍ଷମ

# ୧୩ ଜଣ ଭିନ୍ନକ୍ଷମଙ୍କୁ ଇ-ରିକ୍ସା ବଣ୍ଟନ

**ନୟାଗଡ଼, ୧୮।୨ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ ହେବ ଏମିତି। କିଛି ନୂଆ କରିବା ଆଶା, କିଛି ନୂତନ ଚିନ୍ତାଧାରା ସୃଷ୍ଟି କରି ଲୋକଙ୍କ ପ୍ରିୟ ପାଲଟିଛନ୍ତି ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ। ନୂଆ ବର୍ଷରେ ଫୁଲ ତୋଳା ନୁହେଁ ବରଂ ଖାତା, ପେନ, ପେନସିଲ ଦେଇ ଶୁଭେଚ୍ଛା ଜଣାଇବ। ସେହି ଖାତା, ପେନ, ପେନସିଲ, ରବର ଅଭାବ ଅନଟନ ଥିବା ଛାତ୍ର ଓ ଆଶ୍ରମ ସ୍କୁଲରେ ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ସମସ୍ତ ମନଙ୍କୁ ଆନ୍ଦୋଳିତ କରିଥିଲା ଜିଲ୍ଲାପାଳଙ୍କ ଏଭଳି ନିଷ୍ପତ୍ତି। ସମ୍ବଲପୁର ଜିଲ୍ଲାରେ ଜିଲ୍ଲାପାଳ ଭାବେ ଥିବା ବେଳେ, ନୂତନ ସ୍ୱପ୍ନ ଦେଖିଥିଲେ ଏବଂ ଭିନ୍ନକ୍ଷମ ମାନଙ୍କୁ ସ୍ୱାବଲମ୍ବି କରିବାକୁ ଅଣ୍ଟା ଭିଡ଼ିଥିଲେ ଜିଲ୍ଲାପାଳ । ସେଥିପାଇଁ ଏମସିଏଲକୁ ଚିଠି କରି ସହଯୋଗ ଲୋଡ଼ିଥିଲେ ।

ତେବେ ଏମସିଏଲ ସହଯୋଗରେ ହାତ ବଢ଼ାଇ ଥିଲା ଯେଉଁଥି ପାଇଁ ଏମସିଏଲ ପାଞ୍ଚ ହଜାର ଇ-ରିକ୍ସା ସରକାରଙ୍କୁ ହସ୍ତାନ୍ତର କରିଥିଲା । ତେବେ ସେହି ଇ-ରିକ୍ସା ଆଜି ନୟାଗଡ଼ ଜିଲ୍ଲାରେ ପ୍ରଥମେ ୧୩ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବଣ୍ଟନ କରାଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୁଲ୍ୟରେ ଆଜି ୧୩ଜଣ ଦିବ୍ୟାଙ୍ଗଙ୍କୁ ଇ-ରିକ୍ସା ବଣ୍ଟନ କରାଯାଇଛି ।



ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ନେତୃତ୍ୱରେ ଅନୁଷ୍ଠିତ ବଣ୍ଟନ କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ ଯୋଗ ଦେଇଥିଲେ। ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକଙ୍କ ତତ୍ତ୍ୱାବଧାନରେ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏମ୍‌ସିଏଲ୍ ପକ୍ଷରୁ ଏହି ଇ-ରିକ୍ସା ଦିବ୍ୟାଙ୍ଗ ମାନଙ୍କୁ ପ୍ରଦାନ କରାଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଇ-ରିକ୍ସା ପାଇଲା ପରେ ଭିନ୍ନକ୍ଷମ ବ୍ୟକ୍ତି ବିଶେଷ ମାନେ ଖୁସି ବ୍ୟକ୍ତ କରିଛନ୍ତି ।

# ଦ୍ୱିତୀୟ ଦିନରେ ମା' ରାମଚଣ୍ଡୀ ମହୋତ୍ସବ




**ବ୍ରହ୍ମପୁର, ୧୮।୨ (ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ନୀଳାଦ୍ରିପୁର (କରପଡ଼ା) ଋଷିକୂଲ୍ୟା ତଟ ନିକଟ ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ବାର୍ଷିକୀ ଉତ୍ସବ ଅବସରରେ ମା'' ରାମଚଣ୍ଡୀ ମହୋତ୍ସବ ଜାରି ରହିଛି। ଦ୍ୱିତୀୟ ଦିନରେ ମହୋତ୍ସବକୁ ବରିଷ୍ଠ ବିଜେଡି ନେତା ଭୃଗୁ ବକ୍ସିପାତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ। ପୂର୍ବତନ ବିଧାୟକ ସୁବାସ ବେହେରା, ବିକ୍ରମ ପଣ୍ଡା,ପ୍ରଶାନ୍ତ କର, ସୁବାସ ମହାରଣା, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, ବୁଚି ବାବୁ, ଶଙ୍କର ଦାସ, ପ୍ରଶାନ୍ତ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ରାଜ୍ୟସଭା ସାଂସଦ ମୁଜିବୁଲା ଖାନ ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ମାଁ ରାମଚଣ୍ଡୀ ପୀଠର ଲକ୍ଷାଧିକ ଭକ୍ତ ମାନଙ୍କ ଅସୁବିଧାକୁ ଆଖିଆଗରେ ରଖି ଷ୍ଟ୍ରିଟ୍ ଲାଇଟ ପାଇଁ ରାଜ୍ୟସଭା ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ । ଏହାକୁ ଭୃଗୁ ବକ୍ସିପାତ୍ର(ସଭାପତି,ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ) ମଞ୍ଚରେ ପଠନ କରି ଶୁଣେଇଥିଲେ। ଏହା ଦ୍ୱାରା ରାମଚଣ୍ଡୀ ପୀଠର ରାସ୍ତା ଓ ପାର୍କିଂ ଅଂଚଳ ଆଲୋକିତ ହୋଇପାରିବ ବୋଲି କମିଟି କାର୍ଯ୍ୟକର୍ତ୍ତା କହିଛନ୍ତି। ଶେଷରେ ସମାଜ ସେବୀ ନରହରି ସ୍ୱାଇଁ, ଆଦିତ୍ୟ ପଟନାୟକ, ସୁଧୀର ମହାରଣାଙ୍କ ସହିତ ଓ ସ୍ୱର୍ଗତ ରଙ୍କନିଧି ବେହେରାଙ୍କ ପରିବାରକୁ ସମ୍ମାନିତ କରାଯାଇଥିଲା। କଣ୍ଠଶିଳ୍ପୀ ସୁଜ୍ଞାନୀ ମହାପାତ୍ର ଗୋଟିଏ ପରେ ଗୋଟିଏ ମନଛୁଆଁ ସଂଗୀତ ଗାନ କରି ଉପସ୍ଥିତ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସେହିପରି କୋରିଓଗ୍ରାଫର ଜୀବନ ମହାରଣା, ଅଳକା ସାହୁ ଙ୍କ ଦ୍ୱାରା ବାଘନାଚ, ରଣପା, ସମ୍ବଲପୁରୀ,ଲୋକ କଳା ନୃତ୍ୟରେ ଦୁଲୁକିଥିଲା ମଞ୍ଚ। ମହୋତ୍ସବ ଦେଖିବା ପାଇଁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ଜିଲ୍ଲା ପ୍ରଶାସନର ସହଯୋଗ ଓ ଗଞ୍ଜାମ ଆଇଆଇସି ସୁମିତ୍ରା ପାତ୍ରଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

### ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା

# ୩ଟି କେନ୍ଦ୍ରରେ ଓଡ଼ିଆ ପରୀକ୍ଷା ଦେଲେ ୩୪୮ ପରୀକ୍ଷାର୍ଥୀ

**କାକଟପୁର/ଅସ୍ତରଙ୍ଗ, ୧୮।୨ (ସଂଚାର ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ )ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ଥିଓରି ପରୀକ୍ଷା ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଜ୍ଞାନ ବିଭାଗ (ଷ୍ଟ୍ରିମ୍)ର ମାତୃଭାଷା ଓଡ଼ିଆ ପରୀକ୍ଷା ଦେଇଛନ୍ତି ପରୀକ୍ଷାର୍ଥୀ। ଅସ୍ତରଙ୍ଗ ବ୍ଲକର ୩ଟି ପରୀକ୍ଷା କେନ୍ଦ୍ରରେ ୩୪୮ପରୀକ୍ଷାର୍ଥୀ ଦେଲେ ପରୀକ୍ଷା। ଖବର ମୁତାବକ ମଙ୍ଗଳବାର ଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ପରୀକ୍ଷା। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା ପାଇଁ ୩ଟି ପରୀକ୍ଷା କେନ୍ଦ୍ରହୋଇଥିବା ବେଳେ ରତନପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୫୮ଜଣ ପରୀକ୍ଷା ଦେଇଥିବା ବେଳେ ୧୫୭ଜଣ ରେଗୁଲାର ଓ ୧ଜଣ ଏକ୍ସରେଗୁଲାର ପରୀକ୍ଷାର୍ଥୀ ଥିଲେ। ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୪୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨ଜଣ ଅନୁପସ୍ଥିତ ଥିଲେ। ସେଥିମଧ୍ୟରୁ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୧ଜଣ ପରୀକ୍ଷାର୍ଥୀ ଉପସ୍ଥିତ ଥିବାବେଳେ ଶାରଳା ଆବାସିକ ବିଦ୍ୟାଳୟର ୯୯ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୨ଜଣ ଅନୁପସ୍ଥିତ ୯୭ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହି ପରୀକ୍ଷା ଦେଇଥିଲେ। ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ବୈଷୟିକ ବିଦ୍ୟାଳୟ ରେ ୪୨ଜଣ ପରୀକ୍ଷାର୍ଥୀ ପ୍ରଥମଦିନ ମାତୃଭାଷା ପରୀକ୍ଷା ଦେଇଛନ୍ତି। ପୁରା ସିସିଟିଭି ନଜରରେ ପରୀକ୍ଷା କେନ୍ଦ୍ର ରହିଥିଲା।

# ସହରାଞ୍ଚଳର ଜାତୀୟ ଭୂ-ସ୍ଥାନିକ ସର୍ବେକ୍ଷଣ ନକ୍‌ସାର ଶୁଭାରମ୍ଭ

**ଖୋର୍ଦ୍ଧା, ୧୮।୨ (ସଂଚାର ବ୍ୟୁରୋ):** ଭାରତୀୟ ସର୍ବେକ୍ଷଣ ସଂସ୍ଥା ସର୍ଭେ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଆଜି ଠାରୁ ସହରାଞ୍ଚଳ ଜାତୀୟ ଭୂ ସ୍ଥାନିକ ସର୍ବେକ୍ଷଣ ନକ୍ସା ଶୁଭାରମ୍ଭ ହୋଇଛି। ଦେଶର ୧୫୨ଟି ସହର ଏଥିରେ ସ୍ଥାନ ପାଇଥିବା ବେଳେ ଓଡ଼ିଶାର ଚାରିଗୋଟି ସହର ଖୋର୍ଦ୍ଧା, ଜଟଣୀ, ଝାରସୁଗୁଡ଼ା ଓ ବାରିପଦା ସ୍ଥାନ ପାଇଛି। ମଧ୍ୟପ୍ରଦେଶରୁ କେନ୍ଦ୍ର କୃଷି ଓ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଏହାର ଉଦଘାଟନ କରିଥିବା ବେଳେ ଖୋର୍ଦ୍ଧା ଜୟୀ ରାଜଗୁରୁ ଭବନ ଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ଉଦଘାଟନ କରିଛନ୍ତି।

ଜିଲାପାଳ ଚଞ୍ଚଳ ରାଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ରାଜ୍ଯ ଜମି ରେକର୍ଡ ନିର୍ଦ୍ଦେଶକ ବିଜୟ କୁମାର ଖଣ୍ଡାୟତରାୟ, କେନ୍ଦ୍ର ସର୍ଭେ ଅଫ ଇଣ୍ଡିଆର ନିର୍ଦ୍ଦେଶକ ଆଶିଷ କୌଶଳ, ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ। ଅତ୍ୟାଧୁନିକ ଜ୍ଞାନ କୌଶଳ ଯଥା ସାଟେଲାଇଟ ମାଧ୍ୟମରେ ଛବି ଉତ୍ତୋଳନ, ଡ୍ରୋନ୍ ସର୍ଭେ, ଜିଆଇଏସ୍ (ଭୂସ୍ଥାନିକ ସର୍ବେକ୍ଷଣ) ଆଧାରରେ ସହରାଞ୍ଚଳର ଭୂମି ରେକର୍ଡକୁ ଆଧୁନିକୀକରଣ କରିବା ନିମନ୍ତେ ଏହା ଭାରତ ସରକାରଙ୍କର ଏକ ଅଭିନବ ପ୍ରୟାସ। ଏହାଦ୍ୱାରା ସହରାଞ୍ଚଳର ଭୂମି ସମ୍ବନ୍ଧିତ ରେକର୍ଡକୁ ସଠିକ ଭାବେ ଡିଜିଟାଲ ପୋର୍ଟାଲରେ ଉପଲବ୍ଧ କରାଯାଇପାରିବ ଏବଂ ନିୟମିତ ଭାବେ ଅପଡେଟ୍ ମଧ୍ୟ କରାଯାଇପାରିବ । ଏହି ସର୍ବେକ୍ଷଣ ଜମିଜମା ସମ୍ବନ୍ଧିତ ବିବାଦକୁ ସହଜରେ ଦୂର କରିବା ସହ ସହରାଞ୍ଚଳର ଜମିର ସଠିକ ମୂଲ୍ୟ ଆକଳନ ତଥା ସଠିକ ଭାବରେ ଭୂମି କର ଆଦାୟ କରିବାରେ ସହାୟକ ହେବ । ଖୋର୍ଦ୍ଧା ଭାରପ୍ରାପ୍ତ ତହସିଲଦାର ନିବେଦିତା ପରିଡ଼ା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବୁଦ୍ଧିଜୀବୀ, ଜନ ପ୍ରତିନିଧି ସମେତ ସାଧାରଣ ଲୋକ ଉପସ୍ଥିତ ରହିଥିଲେ।




### ନୟାଗଡରେ ମେଡିକାଲ କଲେଜ ସ୍ଥାପନା ପ୍ରସଙ୍ଗ

# ଜିଲ୍ଲାବାସୀଙ୍କୁ ଲଲିପପ ଧରେଇଲେ ଡବଲ ଇଞ୍ଜିନ ସରକାର

**ନୟାଗଡ଼, ୧୮।୨ (ସଂଚାର ବ୍ୟୁରୋ):**ରାଜ୍ୟ ବିଧାନସଭାରେ ବଜେଟ ଉପସ୍ଥାପନ ପରିପ୍ରେକ୍ଷୀରେ ମୋହନ ସରକାର ଭଦ୍ରକ ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନା ପାଇଁ ମୋହର ମାରି ପ୍ରଶାସନିକ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଭଦ୍ରକ ଜିଲ୍ଲା ଏବଂ ନୟାଗଡ ଜିଲ୍ଲା ଭୌଗୋଳିକ ଏବଂ ଜନସଂଖ୍ୟା ଦୃଷ୍ଟିରୁ ସମାନ। ଏକଦିନରେ ଜିଲ୍ଲାର ମାନ୍ୟତା ପାଇଥିଲା। ତେବେ ଉଭୟ ଜିଲ୍ଲାର ଜନସାଧାରଣ ମେଡିକାଲ କଲେଜ ପାଇଁ ବାରମ୍ବାର ଦାବୀ ଉଠାଉ ଥିଲେ । କିନ୍ତୁ ବିଜେପି ସରକାର ପାତରଅନ୍ତର ନୀତି ଆପଣାଇ ନୟାଗଡ ଜିଲ୍ଲା ବାସୀଙ୍କୁ ଭଣ୍ଡେଇ ଦେଇଛନ୍ତି ବୋଲି ନୟାଗଡ ବିଧାନସଭା କଂଗ୍ରେସ ପ୍ରାର୍ଥୀ ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ଟୁଇଟ କରି ବିଜେପି ସରକାରକୁ ଟାର୍ଗେଟ କରିଛନ୍ତି। ଯେତେବେଳେ ବିଧାନସଭାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଭଦ୍ରକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗଠନ କଥା କହୁଥିଲେ ସେତେବେଳେ ଆମ ଜିଲ୍ଲାର ଚାରିଚାରି ଜଣ ଲୋକପ୍ରତିନିଧି ନୟାଗଡ ମେଡିକାଲ କଲେଜ ଦାବୀ ଉପସ୍ଥାପନ ନକରାଇବା ଜିଲ୍ଲା ବାସୀଙ୍କୁ ବ୍ୟଥିତ କରିଛି। ନୟାଗଡ ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନା ପ୍ରସଙ୍ଗରେ ବିଜେପି ନିର୍ବାଚନ ପ୍ରତିଶୃତି ଦେଇଥିଲା କିନ୍ତୁ ଏବେ ଜିଲ୍ଲାବାସୀଙ୍କୁ ବିଜେପି ସରକାର ଅଣଦେଖା କରୁଛି ବୋଲି କଂଗ୍ରେସ ନେତା ଶ୍ରୀ ଦାଶ ଅଭିଯୋଗ କରିଛନ୍ତି।

ଭଦ୍ରକ ଜିଲ୍ଲାରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦବଦବା ଥିବାରୁ ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ସଫଳ ହୋଇଥିଲା ବେଳେ ଆମ ଜିଲ୍ଲାରେ ମାନନୀୟା ବାଚସ୍ପତି ଜିଲ୍ଲାରେ ମେଡିକାଲ କଲେଜ ପ୍ରସଙ୍ଗରେ ଫେଲ ମାରିଛନ୍ତି ଏବଂ ଉଭୟ ବିଜେପି ବିଜେଡି ସରକାର ଜିଲ୍ଲାର ସ୍ୱାସ୍ଥ୍ୟସେବା ବିକାଶ ପ୍ରକ୍ରିୟା ରେ ବାଧକ ସାଜିଛନ୍ତି ବୋଲି ଜିଲ୍ଲା କଂଗ୍ରେସ ଅଭିଯୋଗ କରିଛି । ନୟାଗଡ ଜିଲ୍ଲାବାସୀଙ୍କ ହକ ପାଇଁ ଜିଲ୍ଲାରେ ବିସ୍ତାର ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ କଂଗ୍ରେସ ଦଳ ପ୍ରାକ ପ୍ରସ୍ତୁତି କରି ପ୍ରତ୍ୟେକ ନେତା କାର୍ଯ୍ୟକର୍ତା ମାନଙ୍କ ସହଯୋଗରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ ମୁଖ୍ୟ ଡାକ୍ତରାଖାନା ଆଗରେ ଶାନ୍ତିପୂର୍ଣ୍ଣ ଗଣଧାରଣା ସହ ରାଜରାସ୍ତାରେ ଲଢେଇ କରିବ ବୋଲି ଶ୍ରୀ ଦାଶ ଗଣମାଧ୍ୟମ ପ୍ରତିନିଧି ବନ୍ଧୁ ମାନଙ୍କୁ ପ୍ରେସବାର୍ତା ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

> **ବାଚସ୍ପତି ଥାଇ ଜିଲ୍ଲାକୁ ଶୂନ**
> **ମେଡିକାଲ କଲେଜ ସ୍ଥାପନା ପ୍ରସଙ୍ଗରେ ବିଜେପି ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲା**

# ବାଲକାଟି ପଞ୍ଚୁଦୋଳ ମେଳଣ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ

**ବାଲିଅନ୍ତା, ୧୮।୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଞ୍ଚଳରେ ପ୍ରସିଦ୍ଧ ବାଲକାଟି ପଞ୍ଚୁଦୋଳ ମେଳଣ ନେଇ ଆଜି ଅପରାହ୍ନରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହା ସହିତ ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଥାନପତି ସ୍ୱପ୍ନେଶ୍ୱର ଦେବଙ୍କ ଜାଗର ଯାତ୍ରା ନେଇ ମଧ୍ୟ ବ୍ୟାପକ ଆଲୋଚନା ହୋଇଥିଲା। ରାତି ୧୦ ଘଟିକା ସମୟରେ ମହାଦୀପ ଉଠିବା ନେଇ କମିଟି ପକ୍ଷରୁ ସ୍ଥିର ହୋଇଥିଲା। ଏହି ଅବସରରେ ପ୍ରତାପ ଶାସନ ସରପଞ୍ଚ ରୀନାରାଣୀ ବେହେରା ବୈଠକରେ ଅଧ୍ୟକ୍ଷତା କରିଥିଲେ । ସମିତି ସଭ୍ୟ ଗଙ୍ଗାଧର ମାହାରି ପୂର୍ବ ବିବରିଣୀ ପଠନ କରି ମେଳଣ ବିଧି ପରମ୍ପରା ଏବଂ ଜାଗର ଯାତ୍ରା ପରିଚାଳନା ନିମନ୍ତେ ଅର୍ଥ ଯୋଗାଡ଼, ବିଭିନ୍ନ ସମସ୍ୟାର ସମାଧାନ ନେଇ ସବୁ ୱାର୍ଡବାସୀଙ୍କ ମତାମତ ଲୋଡିଥିଲେ । ମୁରବି ସମୂହ ମଧ୍ୟ ନିଜ ନିଜର ପ୍ରସ୍ତାବ ଏବଂ ମତାମତ ବୈଠକରେ ଉପସ୍ଥାପିତ କରିଥିଲେ।



# ଜାମୁଡ଼ିହାରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ସମ୍ପନ୍ନ

**ନୀଳଗିରି, ୧୮।୨ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ଜାମୁଡିହା ଖେଳପଡିଆ ଠାରେ ବୀଣାପାଣି କ୍ଲବ୍ ଆନୁକୂଲ୍ୟରେ ଗତ ୧୬ତାରିଖି ୪୭ତମ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ବାବା ପଞ୍ଚଲିଙ୍ଗେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ତ୍ରିଲୋଚନ ବାରିକ ଏବଂ ସୁରେନ୍ଦ୍ର ନାୟକ ଉଭୟ ପତାକା ଉତ୍ତୋଳନ କରିଥିଲେ। ଅପରାହ୍ନ ୪.୩୦ସମୟରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟଅତିଥି , ମୁଖ୍ୟବକ୍ତା ଭାବେ ରବିନାରାୟଣ ପରିଡା, ସମ୍ମାନିତଅତିଥି ଭାବେ ଅଧ୍ୟାପକ ତ୍ରିଲୋଚନ ବାରିକ ଏବଂ ଏମ. ଆଇ ଏସଡିଓ ନିଶାରି ଚରଣ ନାୟକ, ସ୍ଥାନୀୟ ସରପଞ୍ଚ ଏବଂ ସମିତିସଭ୍ୟ ଯୋଗଦେଇ ଉତ୍ସବର ମହିମାମଣ୍ଡନ କରିଥିଲେ। ପରେ ଉକ୍ତ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ମୁଖ୍ୟଅତିଥି ଶ୍ରୀଯୁକ୍ତ ଖଟୁଆ ୩୦ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିବା ବେଳେ ଉପବିଜେତା ଦଳକୁ ମୁଖ୍ୟବକ୍ତା ଶ୍ରୀଯୁକ୍ତ ପରିଡା ୨୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।ସମାବେଶରେ ବିଧାୟକ ଶ୍ରୀଯୁକ୍ତ ଖଟୁଆ ଉକ୍ତ ଖେଳପଡିଆର ଆନୁଷଙ୍ଗିକ ଉନ୍ନତିକରଣ କରିବା ସହିତ ଗୋଡିଶୁଳ ଠାରେ ୧୮କୋଟି ବ୍ୟୟରେ ଏକ ଷ୍ଟାଡିୟମ ନିର୍ମାଣ କରିବାର ପ୍ରତିଶ୍ରୁତି ଦେଇଥିଲେ। ଫୁଟବଲ ପ୍ରତିଯୋଗିତାର ସମସ୍ତ ମ୍ୟାଚକୁ ରତନ ସ୍ୱାଇଁ, ସନ୍ତୋଷ ଏବଂ ବାପି ପରିଚାଳନା କରିଥିବା ବେଳେ ସ୍ଥାନୀୟ ଉଦୀୟମାନଯୁବକ ଟୁନା ମହାପାତ୍ର ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। କ୍ଲବ୍ ସଦସ୍ୟ ସାମିଲ ହୋଇ ସହଯୋଗ କରିଥିଲେ।



# ଲିଙ୍ଗରାଜ ମନ୍ଦିରରେ ରାତି ୧୦ରେ ଉଠିବ ମହାଦୀପ

**ମୁତୟନ ହେବ ୪୦ ପ୍ଲାଟୁନ ଫୋର୍ସ**



**ଭୁବନେଶ୍ୱର,୧୮।୨ (ସଂଚାର ବ୍ୟୁରୋ):** ଆସନ୍ତା ୨୬ ତାରିଖରେ ମହାପ୍ରଭୁ ଲିଙ୍ଗରାଜଙ୍କ ଜାଗର ଉତ୍ସବ ପାଇଁ ରାତି ୧୦ଟାରେ ଉଠିବ ମହାଦୀପ। ସ୍ୱତନ୍ତ୍ର ପ୍ରଦକ୍ଷଣ ଭବନ ସମିଳନୀ କକ୍ଷରେ ଆୟୋଜିତ ସମନ୍ୱୟ କମିଟି ବୈଠକରେ ସର୍ବସମତି କ୍ରମେ ନିଷ୍ପତି ନିଆଯାଇଛି। ଚଟାଣରେ କାରପେଟ ବିଛା, ପୋଲିସ ପ୍ରଶାସନ ପକ୍ଷରୁ ୪୦ପ୍ଲାଟୁନ ଫୋର୍ସ ମୁତୟନ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ମନ୍ଦିର ସେବାୟତ ଏବଂ ଭିଆଇପିମାନଙ୍କ ନିମନ୍ତେ ପୃଥକ ଦ୍ୱାର ବ୍ୟବହାର କରାଯିବ। ୨୬ ତାରିଖ ଭୋର ୩ଟା ୩୦ରୁ ପୂର୍ବାହ୍ନ ୧୧ଟା ଏବଂ ସନ୍ଧ୍ୟା ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିବ। ଜୋତା ଷ୍ଟାଣ୍ଡ, ଭକ୍ତ ଶ୍ରଦ୍ଧାଳୁମାନେ ଯେପରି ବିନା ଦ୍ୱିଧାରେ ଧାଡ଼ିରେ ଯାଇ ପ୍ରଭୁଙ୍କୁ ଦର୍ଶନ କରିବେ, ଅଗ୍ନିଶମ ସେବା, ଲାଇଭ ଟେଲିକାଷ୍ଟ, ଆସ୍ଥାୟୀ ସ୍ୱାସ୍ଥ୍ୟ ସେବା, ଜରୁରୀ ସ୍ୱାସ୍ଥ୍ୟ ସେବା ଆଦି ବିଭିନ୍ନ ଅତ୍ୟାବଶ୍ୟକ ସେବା ଉପରେ ଜିଲ୍ଲାପାଳ ଓ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ସର୍ବସମତି କ୍ରମେ ନିଷ୍ପତି ନିଆଯାଇଛି। ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏକ୍ରାମ ବିଧାୟକ ବାବୁ ସିଂହ, ବିଏମସି ମେୟର ସୁଲୋଚନା ଦାସ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରାଣା, ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର ଶ୍ରୀ ରୁଦ୍ର ନାରାୟଣ ମହାନ୍ତି ଯୋଗଦେଇ ସମନ୍ୱୟ କମିଟି ସହ ପୁଙ୍ଖାନୁପୁଙ୍ଖ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

**ବାଲୁଗାଁ,୧୮।୨ (ସଂଚାର ବ୍ୟୁରୋ):** ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର। ଖୋର୍ଦ୍ଧା ବାଣପୁର ଦାମିଆ ବରବରା ଜଙ୍ଗଲ ନୀଳାଦ୍ରିପ୍ରସାଦ ପଞ୍ଚାୟତ କଦଳିବାରୀ ମୁଖ୍ୟ ରାସ୍ତାରେ ଘଟିଛି ଘଟଣା । ଔଷଧ ପାଇଁ ନୀଳାଦ୍ରିପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ବେଳେ ଆକ୍ରମଣର ଶିକାର ହୋଇଛନ୍ତି ଜୁଆଳିଆମ୍ବା ଗାଁର ସୁଦର୍ଶନ ବେହେରା । ସାଇକେଲରେ ଆସୁଥିବା ବେଳେ ହଠାତ ରାସ୍ତା ଉପରକୁ ଏକ ହାତୀ ଚାଲିଆସି କ୍ଷୁଣ୍ଣରେ ସୁଦର୍ଶନଙ୍କ ସାଇକେଲକୁ ଫୋପାଡିଦେଇ ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ହାତୀକୁ ଘଉଡ଼ାଇବା ସହ ସୁଦର୍ଶନଙ୍କୁ ଉଦ୍ଧାର କରିଥିଲେ । ପରେ ବାଲୁଗାଁ ବନବିଭାଗଗ ପହଞ୍ଚି ସୁଦର୍ଶନକୁ ଚିକିତ୍ସା ନିମନ୍ତେ ବାଣପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କାରାଯାଇଛି ।

## ମୃତଦେହ ରଖି ଥାନା ସମ୍ମୁଖରେ ବିକ୍ଷୋଭ



**ଆଠଗଡ଼,୧୮।୨(ସଂଚାର ବ୍ୟୁରୋ):** ମୃତଦେହକୁ ପାଖାପାଖି ୫ କିମି ଦୂର ପର୍ଯ୍ୟନ୍ତ କାନ୍ଧରେ ବୋହି ଆଣିବା ସହ ଥାନା ଆଗରେ ରଖି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନ୍ୟାୟ ଦାବିରେ ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ଏହି ବିକ୍ଷୋଭ କରାଯାଇଥିବା ବେଳେ ଗତ ୧୬ ତାରିଖରେ ଏକ ପାଚେରୀ ନିର୍ମାଣକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଘଟିଥିଲା। ଆଠଗଡ଼ ଗୁରୁଡ଼ିଝାଟିଆ ଅଞ୍ଚଳରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ପାଚେରୀ ନିର୍ମାଣକୁ କେତେକ ଆଦିବାସୀ ଲୋକ ବିରୋଧ କରିଥିଲେ। ଏହାକୁ ନେଇ ମାରପିଟ ହୋଇଥିଲା। ଅପର ଗୋଷ୍ଠୀ ଲୋକଙ୍କ ମାଡ଼ରେ ବିକ୍ରମ ଜେରାଇ ନାମକ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିଲା। ତା'ଛଡ଼ା ଏହି ମାରପିଟ୍ ଘଟଣାରେ ଆଉ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇ କଟକରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବି କରିବା ସକାଶେ ଆଜି ମହାସଂଘ ପକ୍ଷରୁ ଗୁରୁଡ଼ିଝାଟିଆ ଥାନା ଆଗରେ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତେବେ ଏନେଇ ପୁଲିସ୍ ସେମାନଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।

**୩ ଜିଲ୍ଲା ପୁଲିସ୍‌ର ଚଢ଼ାଉ**

## ୩୩ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ, ୫ ଗିରଫ




**କଟକ,୧୮।୨ (ସଂଚାର ବ୍ୟୁରୋ):** ବୌଦ୍ଧ, ରାୟଗଡା ଓ ଫୁଲବାଣୀ ଜିଲ୍ଲା ପୁଲିସ ଆଜି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୩ କ୍ୱିଣ୍ଟାଲ୍‌ରୁ ଊର୍ଦ୍ଧ୍ୱ ଓଜନର ଗଞ୍ଜେଇ ଜବତ କରିଛି। ଏଥିସହ ଏହି ଘଟଣାରେ ସମ୍ପୃକ୍ତ ୫ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଛି। ଗଞ୍ଜେଇ ଚୋରା ଚାଲାଣ ପାଇଁ ବ୍ୟବହୃତ ହେଉଥିବା ବାଇକ ଓ ପିକ ଅପ୍ ଭ୍ୟାନକୁ ମଧ୍ୟ ପୁଲିସ ଜବତ କରିଛି। ରାୟଗଡା ଜିଲ୍ଲା ଗୁଣୁପୁର ଥାନା, ବୌଦ୍ଧ ଜିଲ୍ଲାରେ ଗୋଛପଡ଼ା ଏବଂ ବୌଦ୍ଧ ଥାନାରେ ୨ଟି ମାମଲା ଏବଂ ଅନ୍ୟଟି ଫୁଲବାଣୀ ସଦର ଥାନାରେ ରୁଜୁ ହୋଇଛି। ବୌଦ୍ଧ ଥାନା ଅଧୀନ ନେନ୍ଦନ ଗାଁ ନିକଟସ୍ଥ ଜଙ୍ଗଲ ରାସ୍ତାରେ ଅଭିଯୁକ୍ତମାନେ ଏକ ପିକ୍‌ଅପ ଭ୍ୟାନରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ସମ୍ପର୍କରେ ଖବର ପାଇ ପୁଲିସ ଯାଞ୍ଚ କରିଥିଲା। ଘଟଣାସ୍ଥଳରୁ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିବା ବେଳେ ୧୩୨୫ କେଜି ଗଞ୍ଜେଇ ଓ ପିକଅପ ଭ୍ୟାନକୁ ପୁଲିସ ଜବତ କରିଛି। ସେହିପରି ଅନ୍ୟ ଏକ ମାମଲା ବୌଦ୍ଧ ଜିଲ୍ଲା ଗୋଛପଡା ଥାନାରେ ପଞ୍ଜିକୃତ ହୋଇଛି। କାନ୍ଦ୍ରେଙ୍ଗିଆ ପଞ୍ଚାୟତ ପାଦେବି ଗାଁ ଅଞ୍ଚଳରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ପୁଲିସ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୧୦୨୦ କେଜି ଗଞ୍ଜେଇ ସହ ଏକ ମହିନ୍ଦ୍ରା ବୋଲେରୋକୁ ଜବତ କରିଛି। ଆହୁରି ରାୟଗଡ଼ା ଜିଲ୍ଲା ଗୁଣୁପୁର ଥାନା ଆରଏମସି ଚେକ ପୋଷ୍ଟ ନିକଟରେ ପୁଲିସ ଗାଡ଼ି ଯାଞ୍ଚ କରୁଥିବା ସମୟରେ ଜୟନ୍ତ ବେହେରା ନାମକ ଜଣେ ଅଭିଯୁକ୍ତଙ୍କ ନିକଟରୁ ୬୩୦ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହାଛଡ଼ା ଅନ୍ୟ ଏକ ମାମଲା ଫୁଲବାଣୀ ସଦର ଥାନାରେ ପଞ୍ଜିକରଣ ହୋଇଛି। ତୁଡ଼ିପାଦୁ ପଞ୍ଚାୟତ କାତ୍ରିମ୍ବା ଘାଟି ନିକଟରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସଂକ୍ରାନ୍ତରେ ସୂଚନା ପାଇ ପୁଲିସ ଚଢ଼ାଉ କରି ସେଠାରୁ ଭକ୍ତି ବେହେରା, ବିନୋଦ ବେହେରା ଓ ସାରଳା ବେହେରା ନାମକ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ୧୪ଟି ଗଞ୍ଜେଇ ଭର୍ତ୍ତି ପଲିଥିନ ଜବତ କରିଛି, ଯେଉଁଥିରେ ୩୫୨.୮ କେଜି ଗଞ୍ଜେଇ ରହିଛି। ଉପରୋକ୍ତ ସମସ୍ତ ମାମଲାର ତଦନ୍ତ ଜାରି ରହିଛି ଏବଂ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

**ବିଏମ୍‌ସି-ଆଇଆଇଟି ରୁର୍କି ବୁଝାମଣା**

# ଦୂରହେବ ରାଜଧାନୀବାସୀଙ୍କ ବର୍ଷାଜଳଜନିତ ଦୁର୍ଦ୍ଦଶା

- ପ୍ରସ୍ତୁତ ହେବ ସ୍ୱତନ୍ତ୍ର ମାଷ୍ଟର୍ ପ୍ଲାନ୍
- ୮.୦୪ କୋଟି ଟଙ୍କାର ବ୍ୟୟ ଅଟକଳ
- ଜନସାଧାରଣଙ୍କ ସହଯୋଗ ଲୋଡ଼ିଲେ ମନ୍ତ୍ରୀ ଓ ମେୟର୍




**ଭୁବନେଶ୍ୱର,୧୮।୨(ସଂଚାର ବ୍ୟୁରୋ):** ମୌସୁମୀଜନିତ ବର୍ଷା ହେଉ ଅବା ଅଦିନିଆ ବର୍ଷା, ଗତ କେଇ ବର୍ଷ ହେଲା ରାଜଧାନୀବାସୀ ଯେପରି ବନ୍ୟା ଭଳି ସ୍ଥିତିର ସମ୍ମୁଖୀନ ହେଉଛନ୍ତି, ତାକୁ ଦୂର କରିବା ସକାଶେ ବିଭିନ୍ନ ସମୟରେ ଦାବି ହୋଇଆସିଛି। ଏ ଦିଗରେ ଠୋସ୍ ପଦକ୍ଷେପ ସକାଶେ ଆଜି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆଇଆଇଟି ରୁର୍କି ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ବୁଝାମଣା ଦ୍ୱାରା ରାଜ୍ୟଧାନୀରେ ହେଉଥିବା କୃତ୍ରିମ ବନ୍ୟାଜନିତ ସ୍ଥିତିର ସ୍ଥାୟୀ ସମାଧାନ ଦିଗରେ ରୁର୍କି ଆଇଆଇଟି ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତ କରିବ। ବୁଝାମଣାପତ୍ର ସ୍ୱାକ୍ଷର ସକାଶେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହାଛଡ଼ା ବିଏମ୍‌ସି ମେୟର ସୁଲୋଚନା ଦାସ, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ବିଡିଏ ଅଧ୍ୟକ୍ଷ ଏନ୍. ତିରୁମଲ୍ଲା ନାୟକ, ଓସଡମା ଦକ୍ଷତା ବିକାଶ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମଳଲୋଚନ ମିଶ୍ର, ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା, ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଆଇଆଇଟି ରୁର୍କି ନିର୍ଦ୍ଦେଶକ କେକେ ପନ୍ତ, ଡିନ୍ ପ୍ରଫେସର ଅକ୍ଷୟ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱର ରାଜ୍ୟର ଏକ ଦ୍ରୁତ ଅଭିବୃଦ୍ଧିଶୀଳ ସହର। ଏହାର ପରିସୀମା ଓ ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ସମୁଦାୟ ଭୂମି ପ୍ରାୟ ଦୁଇ ଭାଗରେ ବିଭକ୍ତ ହୋଇଛି। ପଶ୍ଚିମ ଆଡ଼କୁ ଉଚ୍ଚଭୂମି ରହିଥିବା ବେଳେ ପୂର୍ବ ଆଡ଼ ତଳଭୂମି ବା ଲୋ ଲ୍ୟାଣ୍ଡ ରହିଛି। ଏହାର ଉତ୍ତର ପଶ୍ଚିମ ଅଂଶ ପାହାଡ଼ିଆ। ପ୍ରତିବର୍ଷ ବର୍ଷା ଋତୁରେ ସହରଟି ବାତ୍ୟାଜନିତ ବର୍ଷା ଓ ସମୟ ସମୟରେ ମୂଷଳଧାରାରେ ବର୍ଷା ଯୋଗୁଁ ସହରୀ ବନ୍ୟା ଏବଂ ଜଳପ୍ଲାବନ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହୋଇଆସିଛି। ଏପରିକି ଜାତୀୟ ରାଜପଥ ୧୬ ସର୍ଭିସ ରୋଡ୍‌ର କେତେକ ସ୍ଥାନରେ ଟ୍ରାଫିକ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ଫଳରେ ଯାତ୍ରୀମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉପଯୁକ୍ତ ସହରାଞ୍ଚଳ ବନ୍ୟା ପରିଚାଳନା ବିନା କୌଣସି ସହର ଉଚ୍ଚ ଗୁଣାତ୍ମକ ବାସୋପଯୋଗୀ ସହର ହୋଇପାରିବ ନାହିଁ। ଉକ୍ତ ସମସ୍ତ ସ୍ଥିତିକୁ ଦୃଷ୍ଟିରେ ରଖି ଏହାର ଏକ ଦୀର୍ଘସ୍ଥାୟୀ ସମାଧାନ ନିମନ୍ତେ ବିଏମ୍‌ସି ସହରାଞ୍ଚଳ ବନ୍ୟା ନିୟନ୍ତ୍ରଣ ପାଇଁ ଏକ ସ୍ମାର୍ଟ ଡ୍ରେନେଜ୍ ସିଷ୍ଟମ ପାଇଁ ମାଷ୍ଟର ପ୍ଲାନ୍ ଏବଂ ଡିପିଆର୍ ପ୍ରସ୍ତୁତ ସକାଶେ ଆବଶ୍ୟକ ପ୍ରଯୁକ୍ତି ଜ୍ଞାନ ଓ ବିଶେଷଜ୍ଞତାର ଉପଯୋଗ ପାଇଁ ଆଇଆଇଟି ରୁର୍କି ସହ ବୁଝାମଣା କରିଛି। ଏହି ବୁଝାମଣା ଅନୁସାରେ, ଆଗାମୀ ବର୍ଷକ ମଧ୍ୟରେ ପ୍ରାୟ ୨୫୬ ବର୍ଗ କିମି ଅଞ୍ଚଳକୁ ନେଇ ସମଗ୍ର ସହରର ବର୍ଷାଜଳ ପରିଚାଳନା ପାଇଁ ଏକ ସମନ୍ୱିତ ସମାଧାନ ରାସ୍ତା ବାହାର କରାଯିବ। ଏଥିରେ ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ଯୋଜନା ସାମିଲ୍। ଭାରତ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ନିର୍ଦ୍ଧାରିତ ୨୦୪୦ ପାଇଁ ଆକଳନ କରାଯାଇଥିବା ଭୂମି ବ୍ୟବହାର, ଜନସଂଖ୍ୟା ଏବଂ ଜଳ ଓ ଜଳବାୟୁର ସମୀକ୍ଷା ପୂର୍ବକ ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତ ହେବ। ଛୋଟ, ମଧ୍ୟମ ଓ ମୁଖ୍ୟ ଡ୍ରେନ୍ କ୍ଷେତ୍ରଗୁଡ଼ିକର ଜଳ ବିଜ୍ଞାନ ମଡେଲିଂ ଦ୍ୱାରା ସହରରେ ଡ୍ରେନେଜ୍ ପରିଚାଳନା ଜନିତ ସମସ୍ୟାର ସ୍ୱତନ୍ତ୍ର ସମାଧାନ ହୋଇପାରିବ। ଦୀର୍ଘସ୍ଥାୟୀ ଜଳପ୍ଲାବନ ଓ ବନ୍ୟା ସମସ୍ୟା ଦୂର କରିବା ସକାଶେ ବିଏମ୍‌ସି ତୁରନ୍ତ ଯୋଜନାଗୁଡ଼ିକ ଉପରେ କାର୍ଯ୍ୟ ଆରମ୍ଭ କରିବ। ଏହା ରାଜଧାନୀ ର ନାଗରିକଙ୍କ ନିମନ୍ତେ ଉପାଦେୟ ହେବ। ଏଥିପାଇଁ ୮.୦୪ କୋଟି ଟଙ୍କାର ବ୍ୟୟବରାଦ ଆକଳନ କରାଯାଇଛି। ଏଥିସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାମ ସାରିବା ଉପରେ ବିଭାଗୀୟ ମନ୍ତ୍ରୀ ଓ ବିଏମ୍‌ସି ମେୟର ଜୋର୍ ଦେବା ସହ ଏ ଦିଗରେ ଜନସାଧାରଣଙ୍କ ସହଯୋଗ ଲୋଡ଼ିଛନ୍ତି।

ଏହି କାର୍ଯ୍ୟକ୍ରମରେ ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷ ଓ ଅଧ୍ୟକ୍ଷା, ବହୁ କର୍ପୋରେଟର, ବିଏମ୍‌ସିର ସମସ୍ତ ବରିଷ୍ଠ ଅଧିକାରୀ, ଆଇଆଇଟି ରୁର୍କିର ବରିଷ୍ଠ ଅଧ୍ୟାପକ ଓ ଅଧିକାରୀ, ଟିମ୍ ବିଏମ୍‌ସି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଂଯୋଜନା ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ କରିଥିଲେ।

**ବଢ଼ିବ ତାତି ଯନ୍ତ୍ରଣା**

## ୩ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ହେବ ପାରଦ

**ଭୁବନେଶ୍ୱର,୧୮।୨(ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟର ବିଭିନ୍ନ ସ୍ଥାନରେ ତାତି ମାତ୍ରା ତୁଳନାତ୍ମକ ଭାବେ ଅଧିକ ରହିଥିବାରୁ ଲୋକେ ତାତି ଯନ୍ତ୍ରଣା ଭୋଗୁଛନ୍ତି। ତେବେ ଆଗାମୀ ସପ୍ତାହକ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ଏଥିରୁ ତ୍ରାହି ମିଳିବ ନାହିଁ, ବରଂ ଯନ୍ତ୍ରଣା ମାତ୍ରା ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହି ପୂର୍ବାନୁମାନ ଅନୁସାରେ, ଆଗାମୀ ଦୁଇ ଦିନରେ ପାରଦ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ। ଅନ୍ୟ ପକ୍ଷରେ ରାଜ୍ୟର କେତେକ ଜିଲ୍ଲାରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ମଧ୍ୟ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ବୁଲେଟିନ୍‌ରେ ବର୍ଷା ସମୟରେ କେତେକ ସ୍ଥାନରେ ବଜ୍ରପାତ ଓ ଘଡଘଡ଼ି ହେବା ନେଇ ପୂର୍ବାନୁମାନ କରାଯାଇଛି। ଆସନ୍ତାକାଲି ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବ। ତେଣୁ ଉକ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆହୁରି ଆସନ୍ତା ୨୦ ତାରିଖରେ ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର, କେନ୍ଦ୍ରାପଡ଼ା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବାରୁ ଉକ୍ତ ଜିଲ୍ଲାଗୁଡ଼ିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା କେନ୍ଦ୍ର ପକ୍ଷରୁ କୁହାଯାଇଛି। କେନ୍ଦ୍ରର ପୂର୍ବାନୁମାନ ଅନୁସାରେ, ୨୧ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର,



କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଞ୍ଜାମ, ଗଜପତି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବ। କିନ୍ତୁ ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାରେ ବଜ୍ରପାତ ଓ ଘଡ଼ଘଡ଼ି ହେବାର ସମ୍ଭାବନା ଥିବାରୁ ଉକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତା'ଛଡ଼ା ଆସନ୍ତା ୨୨ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ଉପକୂଳ ଓଡ଼ିଶାରେ କେତେକ ଜିଲ୍ଲାରେ ମଧ୍ୟ ବର୍ଷା ହେବ। ଉକ୍ତ ଦିନ ସକାଶେ ସୁନ୍ଦରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବଜ୍ରପାତ ଓ ଘଡ଼ଘଡ଼ି ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ତେବେ ଚଳିତ ସପ୍ତାହରେ ତାପମାତ୍ରା ବଢ଼ିବାକୁ ଥିବାରୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେବାର ଆଶଙ୍କା ରହିଛି।

**ଦନ୍ତା ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ**

**ଦେବଗଡ଼,୧୮।୨(ସଂଚାର ବ୍ୟୁରୋ):** ପୁଣି ଏକ ଦନ୍ତା ହାତୀର ମୃତଦେହ ଉଦ୍ଧାର ହୋଇଛି । ଦେବଗଡ଼ ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ ଗରିଆମାଲ ଗାଁରୁ ଉଦ୍ଧାର ହୋଇଛି ହାତୀର ମୃତଦେହ । ହାତୀଟିର ବୟସ ୨୫ରୁ ୩୦ ହେବାର ଅନୁମାନ କରାଯାଉଛି । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ହାତୀଟିକୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଖାଦ୍ୟ ନାଁରେ ବିସ୍ଫୋଟକ ଖାଇ ମୃତ୍ୟୁ ଘଟିଥିବା ସନ୍ଦେହ ମଧ୍ୟ କରାଯାଉଛି।

**ଅବକାରୀ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ**

## ବେଆଇନ କାରବାର ରୋକିବା ଓ କାର୍ଯ୍ୟଦକ୍ଷତା ଉପରେ ଗୁରୁତ୍ୱ

- ଅଧିକାରୀ ଓ କର୍ମଚାରୀଙ୍କୁ ଦିଆଯିବ ନିୟମିତ ତାଲିମ
- ଆରମ୍ଭ ହେବ ଖାଲି ପଦବୀ ପୂରଣ ପ୍ରକ୍ରିୟା



**ଭୁବନେଶ୍ୱର,୧୮।୨(ସଂଚାର ବ୍ୟୁରୋ):** ପୂର୍ବରୁ ଚାଲିଆସୁଥିବା ବହୁ ବେଆଇନ ମଦ କାରବାରକୁ ରୋକିବା ଓ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସରକାର ସକ୍ଷମ ହୋଇଛନ୍ତି। ତେବେ ଏହି ଧାରା ଆଗାମୀ ଦିନରେ ଆହୁରି ଦ୍ରୁତତର ହେବା ସହ ବେଆଇନ ମାଦକ ଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ ଆଇନ ବଦଳିବ ଓ ନୂଆ ଅବକାରୀ ନୀତିରେ ତାହା ପ୍ରତିଫଳିତ ହେବ। ତେଣୁ ଅବକାରୀ ଅଧିକାରୀ ଓ କର୍ମଚାରୀମାନେ ଦକ୍ଷତାକୁ ବୃଦ୍ଧି କରି ରାଜ୍ୟର ସୁନାମ ବଢ଼ାଇବା ଦିଗରେ କାର୍ଯ୍ୟ କରିବାକୁ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆହ୍ୱାନ ଦେଇଛନ୍ତି। ଆଜି ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅବକାରୀ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିବା ସହ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭିନ୍ନ ଅବକାରୀ ଜିଲ୍ଲା ଅଧୀକ୍ଷକଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ଜିଲ୍ଲାୱାରୀ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକଳାପ, ରାଜସ୍ୱ ଆଦାୟ, ମାମଲା ସଂଖ୍ୟା, ମହୁଲ ଫୁଲ ବିକ୍ରୟ ଏବଂ ଅନ୍ୟ ଦେଶୀ ମଦ ପ୍ରସ୍ତୁତି ଓ ବିକ୍ରୟ ସ୍ଥିତି ଏବଂ ଜବତ ଗାଡ଼ିର ସ୍ଥିତି ସମ୍ପର୍କରେ ଅବଗତ ହୋଇଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ ବିଭାଗରେ ଖାଲି ଥିବା ପଦବୀ ପୂରଣ ଦିଗରେ ଖୁବ୍‌ଶୀଘ୍ର ପ୍ରକ୍ରିୟା ଆରମ୍ଭ ହେବ। ସେହିପରି କାର୍ଯ୍ୟଦକ୍ଷତା ବଢ଼ାଇବା ସକାଶେ ଅଧିକାରୀ ଓ କର୍ମଚାରୀଙ୍କୁ ନିୟମିତ ତାଲିମ୍ ପ୍ରଦାନ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏଥିସହ ବିଭିନ୍ନ ଜିଲ୍ଲାରେ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ ଓ ଡିପୋର ସ୍ଥିତି ସମ୍ପର୍କରେ ମନ୍ତ୍ରୀ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ୍ ତାପସ କୁମାର, ଅବକାରୀ କମିଶନର ନରସିଂହ ଭୋଳ, ଓଏସ୍‌ବିସି ପରିଚାଳନା ନିର୍ଦ୍ଦେଶକ ଅମ୍ବର କର ଓ ଓଏସ୍‌ବିସି ଜିଏମ୍ ସଞ୍ଜୟ କୁମାର ରାଉତଙ୍କ ସମେତ ବିଭିନ୍ନ ଜିଲ୍ଲା ଅବକାରୀ ଅଧୀକ୍ଷକ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ମାହାଙ୍ଗା ବିଧାୟକଙ୍କ ଦ୍ୱାରା ୪ ପ୍ରକଳ୍ପର ଶିଳାନ୍ୟାସ



- ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଉପକୃତ ହେବେ ୩ ପଞ୍ଚାୟତବାସୀ

**ମାହାଙ୍ଗା,୧୮।୨(ସଂଚାର ବ୍ୟୁରୋ):** ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଆଜି ମାହାଙ୍ଗା ଅଞ୍ଚଳର ବିଭିନ୍ନ ସ୍ଥାନରେ ୪ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ପ୍ରଥମେ ହଳଦିଆ ପଞ୍ଚାୟତ ଗସ୍ତ କରି ଉପସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହର ଶିଳାନ୍ୟାସ କରିଥିଲେ। ପରେ ଉକ୍ତ ପଞ୍ଚାୟତର ଲକ୍ଷ୍ମୀନାରାୟଣପୁର ଛକଠାରେ ଓଡ଼ିଶା ସରକାର ଜଳସମ୍ପଦ ବିଭାଗ ଆଠ ନମ୍ବର କେନାଲ ବାମପାର୍ଶ୍ୱ କେନାଲ ବନ୍ଧ ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏଥିସହ ବିଧାୟକ ଶ୍ରୀ ପ୍ରଧାନ ଲଳିତଗିରି ପଞ୍ଚାୟତ ଗସ୍ତ କରି ମାଣିତ୍ରୀ ଉପସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହର ଶିଳାନ୍ୟାସ କରିଥିଲେ। ଶେଷରେ ବିଧାୟକ ପାଇକରାପୁର ପଞ୍ଚାୟତରେ ପହଞ୍ଚି ପାଇକରାପୁର ଉପସ୍ୱାସ୍ଥ୍ୟ କେନ୍ଦ୍ର ନୂତନ ଗୃହର ଶିଳାନ୍ୟାସ କରିଥିଲେ। ପରିଶେଷରେ ବିଧାୟକ ପାଇକରାପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସାଧାରଣ ସଭାରେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରିବା ସହ ଉକ୍ତ ୪ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୩ଟି ପଞ୍ଚାୟତର ଜନସାଧାରଣ ଉପକୃତ ହୋଇପାରିବେ ବୋଲି ମତ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନାରୀନେତ୍ରୀ ଯାଜ୍ଞସେନୀ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷା କନକଲତା ବେହେରା, ଦେବେନ୍ଦ୍ର କୁମାର ସାହୁ, ଜିତେନ୍ଦ୍ର ଶତପଥୀ, ସମିତି ସଭ୍ୟ ଧ୍ରୁବ ଚରଣ ସାମଲ, ବାଇଧର ସାମଲ, କୈଳାସ ବେହେରା, ଭକ୍ତଚରଣ ସ୍ୱାଇଁ, ନିର୍ମଳ ରାଉତ, ମନୋରଞ୍ଜନ ନାୟକ, ହେମନ୍ତ ଦାଶ, ପ୍ରସନ୍ନ ଶତପଥୀ, ପୂର୍ବତନ ୱାର୍ଡ ସଭ୍ୟ ଦାମୋଦର ପରିଡ଼ା, ରମେଶ ସ୍ୱାଇଁ, ସବ୍ୟସାଚୀ ସିଂହ, ଦୈତାରୀ ରାଉତ, ବୈକୁଣ୍ଠ ଦାସ, ହେମନ୍ତ ପ୍ରଧାନ, ମନୋଜ ପୃଷ୍ଟି, ନିରଞ୍ଜନ ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ଯୋଗାଣ ମନ୍ତ୍ରୀଙ୍କୁ ତାରାଙ୍କ ଖୋଲା ଚ୍ୟାଲେଞ୍ଜ

**ଭୁବନେଶ୍ୱର,୧୮।୨(ସଂଚାର ବ୍ୟୁରୋ):** ଧାନକିଣା, ମଣ୍ଡି ଅବ୍ୟବସ୍ଥାକୁ ନେଇ ବିଧାନସଭା ସରଗରମ ହୋଇଛି । ପୁଣିଥରେ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ରଙ୍କୁ ଟାର୍ଗେଟ କରିଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି । ମୁଲତବୀ ପ୍ରସ୍ତାବରେ ଭାଗ ନେଇ ତାରା, ଯୋଗାଣ ମନ୍ତ୍ରୀଙ୍କ ପୋଲ ଖୋଲିଛନ୍ତି । ଏପିରିକି ଫଟୋ ସହ ପ୍ରମାଣ ଦେଖାଇ ଗୃହରେ ବର୍ଷିଛନ୍ତି ତାରା। ସିଡି ମଧ୍ୟ ଦେଖାଇ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଗୃହ କମିଟି ଗଠନ ସହ ରୁଲିଂ ଦାବି କରିଛନ୍ତି ତାରା । ସେହିଭଳି ବିଜେଡି ମଧ୍ୟ କଟନୀଛନୀର ଯେଉଁ ଅଭିଯୋଗ ଆସୁଛି ଗୃହ କମିଟି ଦ୍ୱାରା ତଦନ୍ତ କରିବାକୁ ଦାବି କରିଛି । ଆଲୋଚନା ସମୟରେ ଯୋଗାଣ ମନ୍ତ୍ରୀଙ୍କ ବ୍ୟକ୍ତିଗତ ରାଜନୈତିକ ସଚିବ ଜୀବନଜ୍ୟୋତି ଗଡନାୟକଙ୍କ ନାଁରେ ବିଧାୟକ ତାରାପ୍ରସାଦ ବାହିନୀପତି ଅଭିଯୋଗ ଆଣିଛନ୍ତି । ଜବାବରେ ମନ୍ତ୍ରୀ କହିଛନ୍ତି, ନଭେମ୍ବର ୧୧ ତାରିଖରୁ ବ୍ୟକ୍ତିଗତ ରାଜନୈତିକ ସଚିବଙ୍କୁ ବହିଷ୍କାର କରାଯାଇଛି । ମନ୍ତ୍ରୀ ଗୃହରେ କହିଛନ୍ତି, ଧାନ କିଣାରେ ଅନିୟମିତତା ଓ ଅବହେଳା ପାଇଁ ୫ ଜଣ ସମବାୟ ସମିତି କର୍ମଚାରୀ, ଜଣେ ନିୟନ୍ତ୍ରିତ ବଜାର କମିଟି ସଦସ୍ୟଙ୍କୁ ବହିଷ୍କାର କରାଯାଇଛି । ୯ ମିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି । ତାରାଙ୍କ ଅଭିଯୋଗ ପରେ ସରକାର କି ପଦକ୍ଷେପ ନେଉଛନ୍ତି ତା ଉପରେ ସମସ୍ତଙ୍କ ନଜର ରହିଛି।

- ଧାନକିଣା ଅନିୟମିତତା ପାଇଁ କାର୍ଯ୍ୟାନୁଷ୍ଠାନ
- ମନ୍ତ୍ରୀଙ୍କ ରାଜନୈତିକ ସଚିବ ବି ବହିଷ୍କୃତ



## ପୁଅର ଶାବଳ ମାଡ଼ରେ ବାପା ମୃତ

**ବାସୁଦେବପୁର,୧୮।୨(ସଂଚାର ବ୍ୟୁରୋ):** ବୁଢ଼ା ବୟସରେ ମୋତେ ଏ କି ଯନ୍ତ୍ରଣା ଦେଲ ଭଗବାନ ? ମୁଁ ତ କିଛି ଭୁଲ କରି ନଥିଲି । ପୁଅ ଜନ୍ମ କରିଥିଲି । ପୁଅ ଜନ୍ମ କରିବା କଣ ପାପ ଥିଲା କି ମୋର ? ମୋତେ କାହିଁକି ଏ ମରଣ ଦେଲ । ଭାବିଥିଲି ବୁଢ଼ା ବୟସରେ ମୋ ପୁଅ ମୋର ଯତ୍ନ ନେବ କିନ୍ତୁ ମୋ ପୁଅ ହିଁ ମୋ ଜୀବନ ନେଇଗଲା । ପିଲାବେଳେ ଏଇ କାନ୍ଧରେ ବସେଇ ତାକୁ କେତେ ବୁଲେଇଛି, ଯାହା ମାଗିଥିଲା ତାହା ଦେଇଛି । ହେଲେ ଏଇ ବୁଢା କାଳରେ କୋଉଠୁ ବା ଏତେ ଟଙ୍କା ଆଣିଥାନ୍ତି । ମୋ କଷ୍ଟକୁ ବୁଝିବ କଣ ଓଲଟି ମତେ ଏମିତି ବାଡେଇଲା ଯେ ମୋ ପିଣ୍ଡରୁ ପ୍ରାଣ ଛାଡିଗଲା। ବାପା ଥିଲେ ସବୁ ଅଛି । ଆଙ୍ଗୁଠି ଧରି ବାଟ ଚଲେଇବା ଯିଏ ଶିଖାନ୍ତି, ମୁଣ୍ଡ ଝାଳ ତୁଣ୍ଡରେ ମାରି ପିଲାଙ୍କ ପାଟିରେ ଖାଦ୍ୟ ଯିଏ ଦିଅନ୍ତି , ଆଉ ଆଖି ଲୁହକୁ ଲୁଚାଇ ସନ୍ତାନଙ୍କୁ ଯିଏ ହସିବା ଶିଖାଇଥାନ୍ତି । ସିଏ ଆଉ କେହି ନୁହନ୍ତି ସେ ହେଉଛନ୍ତି ବାପା । ସେଇ ବାପା ଆଜି ମେଡିକାଲ୍ ବେଡ୍ ରେ ଚିରନିଦ୍ରାରେ । କାନ୍ଦ ବୋବାଳିରେ ଫାଟିପଡୁଛି ପରିବେଶ। ନିମିଷକ ଭିତରେ ଘଟିଗଲା ଅଘଟଣ । ହଁ ଦର୍ଶକବନ୍ଧୁ ସଂପର୍କରେ ପଡ଼ିଲା ରକ୍ତର ଛିଟା। ପୁଅ ଶାବଳ ମାଡ଼ରେ ବାପାଙ୍କ ମୃତ୍ୟୁ । ବାସୁଦେବପୁର ବ୍ଲକ୍ ଗୋପବନ୍ଧୁନଗର ପଞ୍ଚାୟତ ଶାସମଲ ଘେରି ଗାଁରେ ଘଟିଛି ଏହି ଅଘଟଣ ।

# ନୀତି ଆୟୋଗ ଏଫ୍‌ଏଚ୍‌ଆଇରେ ଓଡ଼ିଶା ନଂ.୧

**ଭୁବନେଶ୍ୱର,୧୮।୨:** ଓଡିଶାର ଆର୍ଥିକ ସ୍ୱାସ୍ଥ୍ୟ ଅବସ୍ଥା ସାରା ଦେଶରେ ବହୁତ ଭଲ ଅଛି। ଭାରତ ସରକାରଙ୍କ ନୀତି ଆୟୋଗର ଫିସ୍‌କାଲ୍ ହେଲ୍‌ଥ ଇଣ୍ଡେକ୍ସ (ଏଫ୍‌ଏଚ୍‌ଆଇ)ରେ ଓଡିଶା ଶୀର୍ଷ ସ୍ଥାନରେ ରହିଥିବାବେଳେ ପଞ୍ଜାବ ଶେଷରେ ରହିଛି। ଓଡ଼ିଶା ସରକାରଙ୍କ ଆର୍ଥିକ ସର୍ଭେ ରିପୋର୍ଟରେ ଏଫ୍‌ଏଚ୍‌ଆଇ-୨୦୨୫ର ସ୍କୋର ଦିଆଯାଇଛି। ୨୦୨୨-୨୩ ବର୍ଷର ବିତ୍ତୀୟ ପରିଚାଳନା ବିଶେଷକରି ଆୟ, ବ୍ୟୟ, ଋଣ ପରିଚାଳନା, ରାଜସ୍ୱ ସଂଗ୍ରହ ଆଦି ଆଧାରରେ ଏହି ସ୍କୋର ପ୍ରସ୍ତୁତ ହୋଇଛି। ଏକ୍ଷେତ୍ରରେ ଓଡ଼ିଶା ୬୭.୮ ନମ୍ବର ପାଇ ଶୀର୍ଷ ସ୍ଥାନରେ ଥିବାବେଳେ ପଞ୍ଜାବ ୧୦.୭ ନମ୍ବର ସ୍କୋର କରି ସର୍ବନିମ୍ନ ସ୍ଥାନରେ ରହିଛି। ଏଫ୍‌ଏଚ୍‌ଆଇ ସ୍କୋର ତାଲିକାରେ ୫୫.୨ ନମ୍ବର ରଖିଥିବା ଛତିଶଗଡ଼ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଗୋଆ ତୃତୀୟ ଓ ଝାଡ଼ଖଣ୍ଡ ଚତୁର୍ଥ ସ୍ଥାନରେ ରହିଛି। ଦେଶର ଅନ୍ୟତମ ଆର୍ଥିକ ସମୃଦ୍ଧ ରାଜ୍ୟ ବୋଲି କୁହାଯାଉଥିବା ଗୁଜୁରାଟ ଓ ମହାରାଷ୍ଟ୍ର ଏଫ୍‌ଏଚ୍‌ଆଇ ସ୍କୋରରେ ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହିଛନ୍ତି। ଗୁଜରାଟର ସ୍କୋର ୫୦.୫ ଥିବାବେଳେ ମହାରାଷ୍ଟ୍ରର ସ୍କୋର୍ ୫୦.୩ ରହିଛି। ସେହିପରି ଉତ୍ତରପ୍ରଦେଶ ଏ କ୍ଷେତ୍ରରେ ସପ୍ତମ ସ୍ଥାନରେ ଥିବାବେଳେ ପରବର୍ତ୍ତୀ ସ୍ଥାନଗୁଡ଼ିକରେ ତେଲେଙ୍ଗାନା, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ, ରାଜସ୍ଥାନ, ବିହାର, ହରିଆନା, କେରଳ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟ ରହିଛନ୍ତି। ଏଫ୍‌ଏଚ୍‌ଆଇର ଏହି ସ୍କୋର ୨୦୨୨-୨୩ ବର୍ଷରେ ଓଡ଼ିଶାର ବିତ୍ତୀୟ ପରିଚାଳନା ପାଇଁ ବେଶ୍ ଦାମୀ ପ୍ରମାଣପତ୍ର ବୋଲି କୁହାଯାଉଛି। ଓଡ଼ିଶାର ଆର୍ଥିକ ପ୍ରସଙ୍ଗ ଘେନି ରାଜନୈତିକ ଦଳମାନେ ଯେତେ କାଦୁଅ ଫିଙ୍ଗାଫିଙ୍ଗି ହେଲେ ମଧ୍ୟ ନୀତି ଆୟୋଗର ଏହି ରିପୋର୍ଟ ଏକପ୍ରକାର ସମସ୍ତଙ୍କ ମୁହଁ ବନ୍ଦକରିଦେଇଛି। ଅନ୍ୟପକ୍ଷରେ ଓଡ଼ିଶାର ମୁଣ୍ଡପିଛା ଆୟ କ୍ଷେତ୍ରରେ ମଧ୍ୟ ଢେର ଅଭିବୃଦ୍ଧି ଘଟିଛି। ୨୦୨୪-୨୫ ବର୍ଷରେ ଜାତୀୟ ସ୍ତରରେ ମୁଣ୍ଡପିଛା ଆୟ ୨,୦୦,୧୬୨ ଟଙ୍କା ଥିବାବେଳେ ଓଡ଼ିଶାରେ ଏହା ୧,୮୨,୫୪୮ ଟଙ୍କାରେ ପହଞ୍ଚିଛି। ଏଠାରେ ଉଲ୍ଲେଖନୀୟ ଯେ ୨୦୧୫-୧୬ ବେଳକୁ ଓଡ଼ିଶାରେ ମୁଣ୍ଡପିଛା ଆୟ ପରିମାଣ ୬୪,୮୩୫ ଟଙ୍କା ଥିବାବେଳେ ଏହା କ୍ରମଶଃ ବଢ଼ି ୨୦୧୯-୨୦ରେ ୧,୦୪,୬୩୩ ଟଙ୍କାରେ ପହଞ୍ଚିଥିଲା। ପରେ ୨୦୨୨-୨୩ ବର୍ଷରେ ଏହା ୧,୪୩,୦୫୯ ଟଙ୍କା ଥିବାବେଳେ ୨୦୨୩-୨୪ ବର୍ଷରେ ଉପରମୁହାଁ ହୋଇ ୧,୬୫,୦୬୮ ଟଙ୍କାରେ ପହଞ୍ଚିଥିଲା। ମୋଟାମୋଟି ଭାବେ ଗତ ୩୦ ବର୍ଷ ମଧ୍ୟରେ ମୁଣ୍ଡପିଛା ଆୟ କ୍ଷେତ୍ରରେ ଓଡ଼ିଶାରେ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଥିବା ସରକାରୀ ରିପୋର୍ଟ କହୁଥିଲେ ମଧ୍ୟ ରାଜ୍ୟରେ ଏବେ ବି ଅନଗ୍ରସରତା ଓ ଦାରିଦ୍ର୍ୟ ଲାଗିରହିଥିବାରୁ ସଂଖ୍ୟାଧିକ ଲୋକ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଉପରେ ନିର୍ଭରଶୀଳ। ଓଡିଶାରେ ୩.୩୫ କୋଟିରୁ ଅଧିକ ଲୋକ ମାଗଣା ଚାଉଳ ନେଉଥିବାବେଳେ ପାଖପାଖି ୫୮ଲକ୍ଷ ଲୋକଙ୍କୁ ବିଭିନ୍ନ କିସମର ଭତ୍ତା ଦିଆଯାଉଛି। ଏହା ସତ୍ତ୍ୱେ ବି ବେକାରୀ ଓ ବେରୋଜଗାରୀ ସମସ୍ୟା ଲାଗି ରହିଥିବାରୁ ରାଜ୍ୟରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## କମିଲା ସୁନା ରେଟ୍

ଗତ କିଛି ଦିନ ହେଲା ହୁ ହୁ ହୋଇ ବଢ଼ି ଚାଲିଛି ସୁନା ଦର। ଏହାକୁ ନେଇ ଚିନ୍ତାରେ ଗ୍ରାହକ। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୬ ହଜାର ୯୫୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୭୯ ହଜାର ୭୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୭୯ ହଜାର ୭୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୬ ହଜାର ୯୫୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୯,୭୦୦ ଟଙ୍କା ଓ ୮୬,୯୫୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୯, ୮୫୦ ଟଙ୍କା ଓ ୮୭, ୧୧୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୯,୭୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୬, ୯୫୦ ଟଙ୍କା ଥିବା ରେକର୍ଡ ହୋଇଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୯,୭୦୦ ଟଙ୍କା ଓ ୮୬,୯୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦, ୫୦୦ ଟଙ୍କା ହୋଇଛି ।

# ଲଞ୍ଚ ହେଲା ଏପ୍ରିଲିଆ ଟ୍ୟୁନୋ ୪୫୭

**ନୂଆଦିଲ୍ଲୀ, ୧୮।୨:** ଭାରତୀୟ ବଜାରରେ ସାଧାରଣ ବାଇକ୍ ସହିତ ଶକ୍ତିଶାଳୀ ଇଞ୍ଜିନ୍ ଥିବା ସୁପର ବାଇକ୍ ମଧ ବେଶ ପସନ୍ଦ କରାଯାଉଛି। ୧୭ ଫେବୃଆରୀ ୨୦୨୫ରେ, କମ୍ପାନୀ ଦ୍ୱାରା ଏକ ନୂଆ ନେକେଡ୍ ବାଇକ୍ ଭାବରେ ଏପ୍ରିଲିଆ ଟ୍ୟୁନୋ ୪୫୭ ଲଞ୍ଚ କରାଯାଇଛି। ତେବେ ଆସନ୍ତୁ ଏହାର ଦାମ୍, ଫିଚର୍ସ ଏବଂ ଇଞ୍ଜିନ ବିଷୟରେ ଜାଣିବା। ଏପ୍ରିଲିଆ ଭାରତୀୟ ବଜାରରେ ୪୦୦ ସିସିରୁ ଅଧିକ ସେଗମେଣ୍ଟରେ ଏପ୍ରିଲିଆ ଟ୍ୟୁନୋ ୪୫୭ ଲଞ୍ଚ କରିଛି। ଏହି ବାଇକ୍‌କୁ ଆରଏସ ୪୫୭ର ନେକେଡ୍ ଭର୍ସନ୍ ଭାବରେ ଅଣାଯାଇଛି।

ବଲିଉଡ ଷ୍ଟାର ଜନ୍ ଆବ୍ରାହମ ଭାରତରେ ଏପ୍ରିଲିଆର ଏହି ନୂଆ ବାଇକ୍ ଲଞ୍ଚ କରିଛନ୍ତି। ଖାସ କଥା ହେଉଛି ଜନ୍ ଆବ୍ରାହମ୍ ଏପ୍ରିଲିଆର ବ୍ରାଣ୍ଡ ଆମ୍ବାସାଡର ମଧ। ଏପ୍ରିଲିଆ ଟ୍ୟୁନୋ ୪୫୭ ବାଇକ୍ ୪୫୭ ସିସି ପାରାଲାଲ୍ ଟ୍ୱିନ୍ ଡିଓଏଚସି ୪ଭି ଲିକ୍ୱିଡ୍ କୁଲ୍ଡ ଇଞ୍ଜିନ୍ ସହିତ ଲେସ୍ ହୋଇଛି। ଯାହା ଯୋଗୁଁ ବାଇକ୍‌ଟି ୪୭.୬ ବିଏଚପି ପାୱାର ଏବଂ ୪୩.୫ ନ୍ୟୁଟନ୍ ମିଟର ଟର୍କ ପାଏ। ବାଇକ୍‌ଟି ୟୁଏସଡି ଟେଲିସ୍କୋପିକ୍ ଫ୍ରଣ୍ଟ୍ ଫର୍କ ଏବଂ ରିୟରରେ ମନୋଶକ୍ ସସପେନସନ୍ ପାଇଛି। ଏହି ବାଇକ୍‌ରେ କମ୍ପାନୀ ପକ୍ଷରୁ ଅନେକ ଭଲ ଫିଚର୍ସ ପ୍ରଦାନ କରାଯାଇଛି। ଏଥିରେ ଫୁଲ୍ ଏଲଇଡି ଲାଇଟ୍, ଡୁଆଲ୍ ମ୍ୟାପିଂ ସହିତ ୨-ଚ୍ୟାନେଲ୍ ଏବିଏସ, ୧୭-ଇଞ୍ଚ ଆଲୟ ହ୍ୱିଲ୍, ରାଇଡ୍ ବାଏ ୱାୟର ସିଷ୍ଟମ୍, ରାଇଡିଂ ପାଇଁ ଇକୋ, ସ୍ପୋର୍ଟସ୍ ଏବଂ ରେନ୍ ଭଳି ୩ଟି ମୋଡ୍, ଟ୍ରାକ୍ସନ୍ କଣ୍ଟ୍ରୋଲ, କ୍ୱିକ୍ ସିଫ୍ଟର, ୫-ଇଞ୍ଚ ଟିଏଫଟି ଇନଷ୍ଟ୍ରୁମେଣ୍ଟ୍ କ୍ଲଷ୍ଟର ଏବଂ ଉଭୟ ହ୍ୱିଲରେ ଡିସ୍କ ବ୍ରେକ୍ ଭଳି ଫିଚର୍ସ ରହିଛି। ଏପ୍ରିଲିଆ ଟ୍ୟୁନୋ ୪୫୭ ବାଇକ୍



୩.୯୫ ଲକ୍ଷ ଟଙ୍କା ଏକ୍ସ-ଶୋରୁମ୍ ମୂଲ୍ୟରେ ଲଞ୍ଚ କରାଯାଇଛି। ବାଇକ୍ କିଣିବା ପାଇଁ, ୧୦ ହଜାର ଟଙ୍କା ଦେଇ ଅନଲାଇନରେ କିମ୍ବା ଡିଲରସିପ୍ ମାଧମରେ ବୁକିଂ କରାଯାଇପାରିବ। ଏହି ମୂଲ୍ୟ ମହାରାଷ୍ଟ୍ର ପାଇଁ। ଏହି ବାଇକ୍‌ଟି ମୋଟ ଦୁଇଟି କଲର ଅପ୍ସନରେ ଅଣାଯାଇଛି। ଯେଉଁଥିରେ ପିରାନହା ରେଡ୍ ଏବଂ ପୁମା ଗ୍ରେ ସାମିଲ ରହିଛି। କମ୍ପାନୀ ଅନୁଯାୟୀ, ବାଇକ୍‌ର ଡେଲିଭରି ମାର୍ଚ୍ଚ ୨୦୨୫ରୁ ଆରମ୍ଭ ହେବ। ଏପ୍ରିଲିଆ ୪୫୦ ସିସି ସ୍ପୋର୍ଟସ୍ ବାଇକ୍ ସେଗମେଣ୍ଟରେ ଟ୍ୟୁନୋ ୪୫୭ଲଞ୍ଚ କରିଛି। ଏହି ସେଗମେଣ୍ଟରେ, ଏପ୍ରିଲିଆ ଟ୍ୟୁନୋ ୪୫୭ ବାଇକ୍ ସିଧାସଳଖ କେଟିଏମ ଡ୍ୟୁକ ୩୯୦, ଟ୍ରିୟୁମ୍ଫ ସ୍ପିଡ ୪୦୦, ହାର୍ଲେ ଡେଭିଡସନ୍ ଏକ୍ସ୪୪୦, ହିରୋ ମାବରିକ ୪୪୦ ଭଳି ବାଇକ୍ ସହିତ ପ୍ରତିଯୋଗିତା କରିବ।



## ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ। ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୩୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଏଲ୍ଆଇସି ମାର୍କେଟ ଟେକ୍ ପ୍ଲାଟ୍‌ଫର୍ମର ଶୁଭାରମ୍ଭ



**ମୁମ୍ବାଇ,୧୮।୨:** ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ବହୁ ପ୍ରତୀକ୍ଷିତ ସେବା ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏକ କଟିଂ-ଏଜ୍ ମାର୍କେଟିଂ ଟେକ୍ନୋଲୋଜି (ମାର୍ ଟେକ୍) ପ୍ଲାଟ୍‌ଫର୍ମର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ନିଗମର ଏହି ସେବା ପ୍ରଥମ ଐତିହାସିକ ମାଇଲଷ୍ଟୋନ ହାସଲ କରିଛି। ଏଲ୍ଆଇସିର ପ୍ରକଳ୍ପ ଡାଇଭ-ଏଲ୍ଆଇସି ଅଧୀନରେ ଏହି ସେବାର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ଏଲ୍ଆଇସିର ଏମ୍‌ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି କହିଥିଲେ, ଆମେ ଆମର ନୂତନ ସେବା ତଥା ମାର୍ ଟେକ୍ ପ୍ଲାଟ୍‌ଫର୍ମର ଶୁଭାରମ୍ଭ ସମ୍ପର୍କରେ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ସେବା ଆମ ଯାତ୍ରାର ଏକ ମାଇଲଖୁଣ୍ଟ ହୋଇଥିଲାବେଳେ ଡିଜିଟାଲ ଟ୍ରାନ୍ସପରମେଶନ ଦିଗରେ ଯାତ୍ରା ଆରମ୍ଭ କରିଛୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିଭଳି ଏହି ସେବା ଉଭୟ ନିଗମ ଓ ଗ୍ରାହକଙ୍କ ଆବଶ୍ୟକତା ଓ ସମୟ ରକ୍ଷା ଦିଗରେ ବେଶ ସହାୟକ ହେବ। ଏହା ଜରିଆରେ ଗ୍ରାହକ ଏବଂ କର୍ମଚାରୀ ଗୁଣାତ୍ମକ ସେବା ଓ ସୁବିଧା ପାଇପାରିବେ ବୋଲି ମହାନ୍ତି କହିଛନ୍ତି।

## ଦୁନିଆର ସବୁଠୁ ସ୍ମାର୍ଟ ଏଆଇ ଗ୍ରୋକ-୩ ଲଞ୍ଚ୍

**ନୂଆଦିଲ୍ଲୀ,୧୮/୦୨:** ଆସିଗଲା ଦୁନିଆର ସବୁଠୁ ସ୍ମାର୍ଟ ଏଆଇ। ଚାଇନାର ଡିପସିକ୍‌କୁ ଦେବ ଟକ୍କର। ଏଲନ ମସ୍କଙ୍କ ଏଆଇ କମ୍ପାନୀ ଏକ୍ସ ଏଆଇ ତାର ନୂଆ ଚାର୍ଟବଟ୍- ଗ୍ରୋକ ୩ ଲଞ୍ଚ କରିଛି। ଚାଇନା ଡିପସେକ ଭି୩, ଏବଂ ଚାର୍ଟଜିପିଟି ୪୦କୁ ଟକ୍କର ଦେବ ଗ୍ରୋକ ୩। ଅନ୍ୟ ଚାର୍ଟବଟଠୁ ଏହା କୋଡିଙ୍ଗ ଓ ଗଣିତର ଉନ୍ନତ ହେବ। ଜାଣନ୍ତୁ କଣ ରହିଛି ବିଶେଷତ୍ୱ। ଏମାନଙ୍କୁ ମିଳିବ ଆକ୍ସେସ୍- ଗ୍ରୋକ ୩କୁ ସର୍ବପ୍ରଥମେ ଏକ୍ସର ପ୍ରିମିୟର ପ୍ଲସ୍ ସବସ୍କ୍ରିପସନ ୟୁଜର ଆକ୍ସେସ୍ କରିପାରିବେ। ଏଆଇର ଅନ୍ୟ ଫିଚର ନେଇ ୟୁଜର୍ସଙ୍କୁ ସୁପରଗ୍ରୋକ ସବସ୍କ୍ରିପସନ ନେବାକୁ ପଡିବ। ଏହାର ମାସିକ ଚାର୍ଜ ୩୦ ଡଲାର (ପାଖାପାଖି ୨୬୦୦ ଟଙ୍କା) ଏବଂ ବର୍ଷକୁ ୩୦୦ ଡଲାର (ପାଖାପାଖି ୨୬ ହଜାର) ଲାଗିବ। ସୁପରଗ୍ରୋକ ୟୁଜରଙ୍କୁ ଆଡିସନାଲ ରିଜନିଙ୍ଗ ଏବଂ ଡିପରିସର୍ଚ୍ଚ ଅନଲିମିଟେଡ ଇମେଜ ଜେନରେସନର ଅଫର କରିଥାଏ। ପ୍ରଥମେ ଫ୍ୟାକ୍ଟ ଚେକ୍- ଗ୍ରୋକ ୩ ରିଜନିଙ୍ଗ ମାମଲାରେ ତାର ଏଆଇ ୦୩-ମିନି ଏବଂ ଚୀନର ଡିପସିକ ଆର୧ରୁ ଟକ୍କକ ଦେବ। ଏ




ନେଇ କମ୍ପାନୀ ଗ୍ରୋକ ୩ରେ ଦୁଇ ପରିବର୍ତ୍ତନ କରିଛି। ଗ୍ରୋକ ୩ ରିଜନିଙ୍ଗ ଏବଂ ଗ୍ରୋକ ୩ ମିନି ରିଜନିଙ୍ଗ ପ୍ରଦାନ କରୁଛି। ଖାସ୍ କଥା ଏହା ରହିଛି କି ଗ୍ରୋକ ୩ ରିଜନିଙ୍ଗ ମଡେଲ ରେଜଲ୍ଟ ଦେବା ପୂର୍ବରୁ ପ୍ରଥମେ ଫ୍ୟାକ୍ଟ ଚେକ୍ କରିବ। ମସ୍କ କହିଲେ ଜିପିଟି-୪୦ରୁ ଉନ୍ନତ-ଏକ୍ସଏଆଇ ଦାବି କରିଛି କି ଗ୍ରୋକ ୩ ଏଆଇଏମଇ ସମେତ ଅନ୍ୟ ଅନ୍ୟ ବେଞ୍ଚମାର୍କରେ ମଧ ଜିପିଟି-୪୦କୁ ମାତ ଦେବ। ଗ୍ରୋକ ୩ର ପ୍ରଥମ ମଡେଲ ଚାର୍ଟବଟ ଏରିନାରେ ଭଲ ରେଜଲ୍ଟ ଦେଇଥିଲା। ସାଇନ୍ସ, କୋଡିଙ୍ଗ ଓ ଗଣିତରେ ଉନ୍ନତ ପ୍ରଦର୍ଶନ କରିବ।

### ମୋଦି-ମସ୍କ ବୈଠକର ବଡ଼ ପ୍ରଭାବ

## ଭାରତରେ ନିଯୁକ୍ତି ଆରମ୍ଭ କଲା ଟେସ୍‌ଲା

**ନୂଆଦିଲ୍ଲୀ:** ଆମେରିକାର ଟାରିଫ ମାଡ଼ ପରେ ଭାରତ ଏବେ ୩୦ରୁ ଅଧିକ ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କ ହ୍ରାସ କରିବାକୁ ଚିନ୍ତା କରୁଛି। ଯେଉଁଥିରେ ଆମେରିକୀୟ ଅଟୋମୋବାଇଲ୍ ସେକ୍ଟର ରହିଛି। ଶୁଳ୍କ ଛାଡ଼ କରିବା ସମ୍ଭାବନା ଥିବା ବେଳେ ଏଲନ ମସ୍କଙ୍କ କମ୍ପାନୀ ଟେସ୍‌ଲା ଇଙ୍କ୍ ଭାରତରେ ଏଣ୍ଟ୍ରି ମାରିବାକୁ ଉଦ୍ୟମ ଆରମ୍ଭ କଲାଣି। ଏଥିପାଇଁ କମ୍ପାନୀ ଭାରତରେ କିଛି କର୍ମଚାରୀ ନିଯୁକ୍ତି ଦେଇଛି। ଯାହା ସୂଚାଇ ଦେଉଛି ଯେ ଟେସଲା ଖୁବ୍ ଶୀଘ୍ର ଭାରତରେ ପ୍ରବେଶ କରିପାରେ। ଫେବୃଆରୀ ୧୭ ତାରିଖରେ, କମ୍ପାନୀ ଲିଙ୍କଡିନ୍‌ରେ ଘୋଷଣା କରିଥିଲା ଯେ ଟେସଲା ୧୩ ଜଣଙ୍କୁ ନିଯୁକ୍ତି ଦେଇଛି।



ଗ୍ରାହକ ସେବା ଏବଂ ପ୍ରଚ୍ଛଦପଟ ପରିଚାଳନା ସହିତ ଜଡ଼ିତ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଗସ୍ତ ବେଳେ ଟେସ୍‌ଲା ସିଇଓ ଏଲନ ମସ୍କଙ୍କୁ ଭେଟିଥିଲେ। ଏବେ ଟେସ୍‌ଲାର ନିଯୁକ୍ତି ପରେ ଏନେଇ ନାନା ପ୍ରଶ୍ନ ଉଠିଛି। ଲିଙ୍କଡିନ୍‌ରେ ଥିବା ନିଯୁକ୍ତି ନେଇ ଦିଆଯାଇଥିବା ସୂଚନା ଅନୁଯାୟୀ, କମ୍ପାନୀ ଗ୍ରାହକ ସେବା, ଯାନବାହାନ ରକ୍ଷଣାବେକ୍ଷଣ, ବିକ୍ରୟ, ବ୍ୟବସାୟିକ ପରିଚାଳନା ଏବଂ ମାର୍କେଟିଂ ଆଦିରେ ନିଯୁକ୍ତି ଦେଇଛି। ୧୩ଟି ପଦବୀ ମଧ୍ୟରୁ ୧୨ଟି ପୂର୍ଣ୍ଣକାଳୀନ, ଯେତେବେଳେ ଗୋଟିଏ ପାର୍ଟ ଟାଇମ। ସମସ୍ତ ଚାକିରି ପାଇଁ କର୍ମଚାରୀମାନଙ୍କୁ ସାଇଟରେ କାମ କରିବାକୁ ପଡିବ, ଅର୍ଥାତ୍ ପ୍ରାର୍ଥୀମାନଙ୍କୁ ମୁମ୍ବାଇ କିମ୍ବା ଦିଲ୍ଲୀରେ ଥିବା ଟେସଲାର ସ୍ଥାନଗୁଡ଼ିକରେ ଶାରୀରିକ ଭାବରେ ଉପସ୍ଥିତ ରହିବାକୁ ପଡିବ। ଭାରତରେ ଏଣ୍ଟ୍ରି ମାରିବାକୁ ଟେସଲା ଅନେକ ବର୍ଷ ହେବ ଚେଷ୍ଟା ଜାରି ରଖିଛି।



## ଦେଶରେ ସ୍କୁଲ୍ ନିର୍ମାଣ ପାଇଁ ୨୦୦୦ କୋଟି ଟଙ୍କା ଦାନ କରିବେ ଆଦାନୀ

**ନୂଆଦିଲ୍ଲୀ,୧୮।୨:** ଗୌତମ ଆଦାନୀଙ୍କ ନେତୃତ୍ୱାଧୀନ ଆଦାନୀ ଗ୍ରୁପ ଏବେ ସାରା ଦେଶରେ ଅତି କମ୍‌ରେ ୨୦ଟି ସ୍କୁଲ ନିର୍ମାଣ ପାଇଁ ୨୦୦୦ କୋଟି ଟଙ୍କା ଦାନ କରିବାକୁ ଘୋଷଣା କରିଛି। କିଛି ଦିନ ପୂର୍ବରୁ ତାଙ୍କ ସାନ ପୁଅ ଜିତ ଆଦାନୀ ଏବଂ ଦିବା ଶାହଙ୍କ ବିବାହ ଅବସରରେ ସେ ସାମାଜିକ କାର୍ଯ୍ୟ ପାଇଁ ୧୦,୦୦୦ କୋଟି ଟଙ୍କା ଦାନ କରିବାକୁ ଘୋଷଣା କରିଥିଲେ। ଏହି ସମୟରେ, ହସ୍ପିଟାଲ ନିର୍ମାଣ ପାଇଁ ୬୦୦୦ କୋଟି ଟଙ୍କା ଏବଂ ଦକ୍ଷତା ବିକାଶ ପାଇଁ ୨୦୦୦ କୋଟି ଟଙ୍କା ଦେବାକୁ ମଧ ଘୋଷଣା କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧକ୍ଷ ମୁକେଶ ଅମ୍ବାନୀଙ୍କ ପରେ ଗୌତମ ଆଦାନୀ ଦେଶର ଦ୍ୱିତୀୟ ସବୁଠାରୁ ଧନୀ ବ୍ୟକ୍ତି। ତାଙ୍କର ମୋଟ ସମ୍ପତ୍ତି ୫୩.୯ ବିଲିୟନ ଆମେରିକୀୟ ଡଲାର। ଆଦାନୀ ଗ୍ରୁପ ଏକ ବିବୃତ୍ତିରେ କହିଛି, ଆଦାନୀ ଫାଉଣ୍ଡେଶନ ଦେଶରେ ଶିକ୍ଷାର ଏକ ମନ୍ଦିର ପ୍ରତିଷ୍ଠା କରିବା ପାଇଁ GEMS ଶିକ୍ଷା ସହିତ ହାତ ମିଳାଇଛି। ଯିଏ ଘରୋଇ K-୧୨ ଶିକ୍ଷାରେ ବିଶ୍ୱର ଜଣେ ନେତା। ଆଦାନୀ ପରିବାର ପକ୍ଷରୁ ପ୍ରାରମ୍ଭିକ ୨୦୦୦ କୋଟି ଟଙ୍କା ଦାନ ସହିତ, ଏହି ସହଭାଗୀତା ସମାଜର ସମସ୍ତ ବର୍ଗର ଲୋକଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ଏବଂ ଶିକ୍ଷଣ ଭିତ୍ତିଭୂମି ଉପଲବ୍ଧ କରାଇବ।

# ‘ବେଦାନ୍ତ ଗୋଷ୍ଠୀଗତ ବିକାଶ ପ୍ରତି ସମର୍ପିତ’

**ରାୟଗଡ଼ା,୧୮।୨(ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲାରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାର ଉନ୍ନତି ପାଇଁ ବେଦାନ୍ତ ଆଲୁମିନିୟମର ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ପକ୍ଷରୁ ଜିଲ୍ଲା ପ୍ରଶାସନ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ବେଳେ ଏହା ମାଧ୍ୟମରେ ୧୦୦ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଅତ୍ୟାଧୁନିକ ‘ନନ୍ଦଘର’ରେ ପରିଣତ କରାଯିବ। ଏହାଦ୍ୱାରା ଅଙ୍ଗନବାଡ଼ି କେନ୍ଦ୍ରଗୁଡିକୁ ମହିଳା ଓ ଶିଶୁଙ୍କ ବିକାଶ ପାଇଁ ଅତ୍ୟାଧୁନିକ କେନ୍ଦ୍ର ଭାବେ ଉପଯୋଗ କରାଯାଇପାରିବ। ଏହି ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ରାୟଗଡ଼ା ଜିଲ୍ଲାପାଳ ପାରୁଲ ପଟୱାରୀ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିନତୀ ଦେଓ ଉପସ୍ଥିତ ଥିଲେ। ଏହି ପ୍ରୋତ୍ସାହନ ଜରିଆରେ ପ୍ରଥମ ପର୍ଯ୍ୟାୟରେ କାଶୀପୁର ବ୍ଲକର ୧୫ଟି ଅଙ୍ଗନବାଡି କେନ୍ଦ୍ରକୁ ଅତ୍ୟାଧୁନିକ ନନ୍ଦଘରରେ




ପରିଣତ କରାଯାଇ ଶିଶୁଙ୍କ ପ୍ରାକ୍ ଶୈଶବର ବିକାଶ ପାଇଁ ଉନ୍ନତ ଭିତ୍ତିଭୂମି ଯୋଗାଇ ଦିଆଯିବ। ଏହାଛଡ଼ା ରାୟଗଡା ବ୍ଲକର ଅବଶିଷ୍ଟ ୮୫ଟି କେନ୍ଦ୍ରର ବିକାଶ ମଧ୍ୟ କରାଯିବ। ଏ ସଂକ୍ରାନ୍ତରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ସୁନୀଲ ଗୁପ୍ତା କହିଛନ୍ତି ଯେ ବେଦାନ୍ତର ପ୍ରମୁଖ ସାମାଜିକ ପ୍ରଭାବ ପ୍ରକଳ୍ପ ନନ୍ଦ ଘର କାର୍ଯ୍ୟକ୍ରମ ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ପ୍ରାରମ୍ଭିକ ଶୈଶବ ଶିକ୍ଷାର ମୂଳଦୁଆକୁ ମଧ୍ୟ ଏହା ମଜବୁତ କରିଆସିଛି। ରାୟଗଡ଼ାର ଜିଲ୍ଲା କର୍ତ୍ତୃପକ୍ଷଙ୍କ ସହ ଭାଗିଦାରୀ ଦ୍ୱାରା ରାୟଗଡ଼ା ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆସିପାରିବ ବୋଲି ଶ୍ରୀ ଗୁପ୍ତା ଆଶା ପ୍ରକାଶ କରିଛନ୍ତି। ସେହିପରି ବେଦାନ୍ତ ଉଦ୍ୟମକୁ ପ୍ରଶଂସା କରି ଶ୍ରୀମତୀ ଦେଓ କହିଛନ୍ତି ଯେ ଜିଲ୍ଲାର ଅଙ୍ଗନବାଡି କେନ୍ଦ୍ରଗୁଡ଼ିକର ରୂପାନ୍ତରଣରେ କମ୍ପାନୀର ସହଯୋଗ ସ୍ୱାଗତଯୋଗ୍ୟ। ନନ୍ଦଘର ପଦକ୍ଷେପ ଶିକ୍ଷା ବ୍ୟତୀତ ଶିଶୁ ଓ ମହିଳାଙ୍କ ସାମଗ୍ରିକ କଲ୍ୟାଣ ଦିଗରେ ନିରାପଦ ସ୍ଥାନ ସୃଷ୍ଟି କରିଆସିଛି।

## ଆଣବିକ ଶକ୍ତି ସମ୍ପ୍ରସାରଣରେ ନିବେଶ କରିବ ଏନ୍‌ଟିପିସି

**ନୂଆଦିଲ୍ଲୀ,୧୮।୨:** ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ କମ୍ପାନୀ ତଥା ନ୍ୟାଶନାଲ ଥର୍ମାଲ ପାଓ୍ୱାର କର୍ପୋରେଶନ (ଏନ୍‌ଟିପିସି ଲିମିଟେଡ) ଆଣବିକ ଶକ୍ତି ସମ୍ପ୍ରସାରଣ କ୍ଷେତ୍ରରେ ନିବେଶ କରିବ ବୋଲି ଘୋଷଣା କରିଛି। ଏପରିକି କମ୍ପାନୀ ଆଗାମୀ ୨୦ ବର୍ଷ ବା ୨ ଦଶନ୍ଧି ମଧରେ ୩୦ ଗିଗାଓ୍ୱାଟ (ଜିଡବ୍ଲ୍ୟୁ) ଆଣବିକ ଶକ୍ତି ଉତ୍ପାଦନ କ୍ଷମତା ବୃଦ୍ଧି ସହ ପ୍ରାୟ ୬୨ ବିଲିଅନ ଡଲାର ନିବେଶ କରିବ ବୋଲି ଏନ୍‌ଟିପିସି ପକ୍ଷରୁ ଆକଳନ କରାଯାଇଛି। ସେହିଭଳି ଦେଶର ପ୍ରମୁଖ ଶକ୍ତି ଉତ୍ପାଦକ, ଯାହା ମୁଖ୍ୟତଃ କୋଇଲା ଆଧାରିତ ପ୍ଲାଣ୍ଟ ଚଳାଉଛି, ଏପରି ଏକ ଦେଶରେ ନିଜର ମହତ୍ତ୍ୱାକାଂକ୍ଷୀ ଯୋଜନା ପାଇଁ ଜମି ଖୋଜୁଛି ଯେଉଁଠାରେ ଏପରି ପ୍ରକଳ୍ପ ପ୍ରତି ସ୍ଥାନୀୟ ବିରୋଧ ଅଧିକ ଏହି ବିଷୟ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଥିବା ସୂତ୍ରଗୁଡ଼ିକ କହିଛନ୍ତି। ସୂତ୍ର ଅନୁଯାୟୀ, ଏନ୍‌ଟିପିସି ୧୦ ଜିଡବ୍ଲ୍ୟୁ ଆଣବିକ କ୍ଷମତା ବୃଦ୍ଧି ଲକ୍ଷ୍ୟ ରଖିଥିଲା। କିନ୍ତୁ ଚଳିତ ମାସରେ ସରକାର ଏହି କ୍ଷେତ୍ରକୁ ବିଦେଶୀ ଏବଂ ଘରୋଇ ନିବେଶ ପାଇଁ ଖୋଲିବାର ଯୋଜନା ଘୋଷଣା କରିବା ପରେ କମ୍ପାନୀ ଏହି ଲକ୍ଷ୍ୟକୁ ୩ ଗୁଣ ବୃଦ୍ଧି କରିଛି। ଏନ୍‌ଟିପିସି ଭାରତର ଆଣବିକ ଶକ୍ତି ଯୋଜନାକୁ ଠିକ୍ କରୁଛି। ସେହିପରି ନେତୃତ୍ୱ ନେବାକୁ ଯୋଜନା କରୁଛି ଯେପରି ଏହା ତାପଜ କ୍ଷେତ୍ରରେ କରିଥିଲା। ଅପରପକ୍ଷରେ ଭାରତ ୨୦୩୦ ସୁଦ୍ଧା ୫୦୦ ଜିଡବ୍ଲ୍ୟୁ ଅଣ-ଜୀବାଶ୍ମ ଇନ୍ଧନ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ସ୍ଥାପନ କରିବାକୁ ପ୍ରତିବଦ୍ଧ ଏବଂ ୨୦୪୭ ସୁଦ୍ଧା ଅତି କମ୍‌ରେ ୧୦୦ ଜିଡବ୍ଲ୍ୟୁ ଆଣବିକ କ୍ଷମତା ହାସଲ କରିବାକୁ ଚାହୁଁଛି। ରାଷ୍ଟ୍ରାୟତ୍ତ ନ୍ୟୁକ୍ଲିୟର ପାୱାର କର୍ପୋରେସନ ଅଫ୍ ଇଣ୍ଡିଆ ବର୍ତ୍ତମାନ ଦେଶର ପ୍ରାୟ ୮ ଜିଡବ୍ଲ୍ୟୁ କ୍ଷମତାର ଏକମାତ୍ର ଅପରେଟର ହୋଇଥିଲାବେଳେ ୨୦୩୨ ସୁଦ୍ଧା ଏହାକୁ ୨୦ ଜିଡବ୍ଲ୍ୟୁକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏପରିକି ଏନ୍‌ଟିପିସି ପୂର୍ବରୁ ଦୁଇଟି ୨.୬ ଜିଡବ୍ଲ୍ୟୁ ଆଣବିକ ଶକ୍ତି କେନ୍ଦ୍ର ନିର୍ମାଣ କରୁଛି, ଗୋଟିଏ ମଧ୍ୟପ୍ରଦେଶରେ ଏବଂ ଅନ୍ୟ ଗୋଟିଏ ରାଜସ୍ଥାନରେ ରହିଛି।

# ଖୁବଶୀଘ୍ର ବଜାରକୁ ଆସିବ ମାରୁତିର ୭ ସିଟର୍ ଗ୍ରାଣ୍ଡ ଭିଟାର

**ନୂଆଦିଲ୍ଲୀ, ୧୮।୨:** ଭାରତରେ ୭ ସିଟର୍ ଏସୟୁଭି ସେଗମେଣ୍ଟ ବହୁତ ଲୋକପ୍ରିୟ। ଏହାକୁ ଦୃଷ୍ଟିରେ ରଖି, ଅନେକ ଯାନବାହନ ନିର୍ମାତା ବଜାରରେ ଅନେକ ଅପ୍ସନ ଉପଲବ୍ଧ କରାଇଛନ୍ତି। ମିଡିଆ ରିପୋର୍ଟ ଅନୁସାରେ, ମାରୁତି ଏହି ସେଗମେଣ୍ଟରେ ଏକ ନୂଆ ଏସୟୁଭି ଆଣିବାକୁ ପ୍ରସ୍ତୁତ ହେଉଛି। କମ୍ପାନୀ ଗ୍ରାଣ୍ଡ ଭିଟାରାର ୭ ସିଟ୍ ଭର୍ସନ ଲଞ୍ଚ ହେବା ପୂର୍ବରୁ ଟେଷ୍ଟିଙ୍ଗ ସମୟରେ ସ୍ପଟ ହୋଇଛି। ତେବେ ଆସନ୍ତୁ ଏହି କାର ବିଷୟରେ ଜାଣିବା। ମିଡିଆ ରିପୋର୍ଟ ଅନୁସାରେ, ମାରୁତି ୭ ସିଟର ଗ୍ରାଣ୍ଡ ଭିଟାରା ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। ତଥାପି, ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସରକାରୀ ସୂଚନା ସାର୍ବଜନୀନ କରାଯାଇ ନାହିଁ। ରିପୋର୍ଟ ଅନୁସାରେ, ମାରୁତିର ୭-ସିଟର୍ ଗ୍ରାଣ୍ଡ ଭିଟାରା ଏସୟୁଭି ଟେଷ୍ଟିଙ୍ଗ ସମୟରେ ଦେଖାଯାଇଛି। ଏହି ଏସୟୁଭି କମ୍ପାନୀର ପ୍ଲାଣ୍ଟ ବାହାରେ ନଜର ଆସିଥିଲା। ଯେଉଁ ୟୁନିଟ୍ ଦେଖାଯାଇଥିଲା ତାହା ନିୟମିତ ଗ୍ରାଣ୍ଡ ଭିଟାରା ଅପେକ୍ଷା ଭିନ୍ନ ଆକାରର ଥିଲା, ଯାହା ଏହାକୁ ସହଜରେ ଚିହ୍ନଟ କରିପାରିଥିଲା। ଏପରି ପରିସ୍ଥିତିରେ, ଏହା ପୂର୍ବରୁ ଥିବା ୫ ସିଟ୍



ବିଶିଷ୍ଟ ଏସୟୁଭି ଅପେକ୍ଷା ଲମ୍ବା ହେବ। କିନ୍ତୁ ଏହାର ହ୍ୱିଲବେସ୍ ପ୍ରାୟ ୨୬୦୦ଏମଏମ ରହିପାରିବ। କମ୍ପାନୀ ୭ ସିଟ୍ ବିଶିଷ୍ଟ ଏସୟୁଭିର ଇଞ୍ଜିନରେ କୌଣସି ପରିବର୍ତ୍ତନ କରିବ ନାହିଁ। ବର୍ତ୍ତମାନର ୟୁନିଟ୍ ପରି, ଏଥିରେ ୧.୫-ଲିଟର ନ୍ୟାଚୁରାଲ ଆସ୍ପିରେଟେଡ୍ ମାଇଲଡ୍ ହାଇବ୍ରିଡ୍ ଇଞ୍ଜିନ୍ ରହିବ ଯାହା ଏହାକୁ ୧୦୩ ପିଏସର ପାୱାର ଏବଂ ୧୩୬.୮ ନ୍ୟୁଟନ୍ ମିଟରର ଟର୍କ ଦେବ। ଏହା ବ୍ୟତୀତ ଏଥିରେ ଶକ୍ତିଶାଳୀ ହାଇବ୍ରିଡ୍ ଇଞ୍ଜିନର ଅପ୍ସନ ମଧ ଦିଆଯିବ ଯାହା ୧୧୫ ପିଏସ ପାୱାର ଏବଂ ୧୪୧ ନ୍ୟୁଟନ୍ ମିଟର ଟର୍କ ପ୍ରଦାନ କରେ। ଏହି ଏସୟୁଭି ୭-ସିଟ୍ ଏବଂ ୬-ସିଟ୍ ଅପ୍ସନ ସହିତ ଉପଲବ୍ଧ ହୋଇପାରିବ। ଏହା ବ୍ୟତୀତ ଏଥିରେ ଅପଡେଟେଡ୍ ଇଣ୍ଟେରିୟର, ବଡ଼ ଏବଂ ଭଲ ଇନଫୋଟେନମେଣ୍ଟ ସିଷ୍ଟମ ଯୋଗାଇ ଦିଆଯାଇପାରିବ। ମାରୁତି ଏହି ଏସୟୁଭିର ୭ ସିଟର ଭର୍ସନ ବିଷୟରେ କୌଣସି ସୂଚନା ଦେଇନାହିଁ। କିନ୍ତୁ ରିପୋର୍ଟ ଅନୁସାରେ, ଏହି ଯାନକୁ ୱାଇ୧୭ କୋଡନେମ ସହିତ ଟେଷ୍ଟିଙ୍ଗ କରାଯାଉଛି। ଏପରି ପରିସ୍ଥିତିରେ, ଆଶା କରାଯାଉଛି ଯେ ଏହି ଏସୟୁଭି ଚଳିତ ବର୍ଷ ଶେଷ କିମ୍ବା ଆସନ୍ତା ବର୍ଷ ଆରମ୍ଭରେ ଉପସ୍ଥାପନ କରାଯାଇପାରେ। ଏହି ଏସୟୁଭିକୁ ମାରୁତି ୭-ସିଟ୍ ଅପ୍ସନ ସହିତ ଲଞ୍ଚ କରିବ। ବଜାରରେ ଏହା ମହିନ୍ଦ୍ରା ସ୍କର୍ପିଓ୍ୟୋ, ଏମଜି ହେକ୍ଟର, ଟାଟା ସଫାରି, ହୁଣ୍ଡାଇ ଆଲକାଜାର୍ ଭଳି ଏସୟୁଭି ସହିତ ସିଧାସଳଖ ପ୍ରତିଯୋଗିତା କରିବ।

# ଜୋର୍ ଧରିଲା ନୀଳଗିରିକୁ ଜିଲ୍ଲା ଗଠନ ଦାବି

ନୀଳଗିରି,୧୮।୨ (ସଂଚାର ବ୍ୟୁରୋ): ନୀଳଗିରିକୁ ସ୍ୱତନ୍ତ୍ର ଜିଲ୍ଲା ଗଠନ ଏବଂ ଘୋଷଣା ଦାବିକୁନେଇ ବାରମ୍ବାର ଦାବି ହେଉଥିବା ବେଳେ ମଙ୍ଗଳବାର ଅପରାହ୍ନ ୪ଟା ସମୟରେ ନୀଳଗିରି ଡାକବଙ୍ଗଳା ପରିସରରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଏକ



ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠୀ, ଶ୍ରମିକନେତା ସୁରେଶ ଚନ୍ଦ୍ର ବେହେରା, ଆଇନଜୀବୀ କିଶୋର ଦାସ, ଦେବାନନ୍ଦ ଦାସ, ନିହାର ପରିଡା, ସମାଜସେବୀ ଅନାଦି ବେହେରା, ପରମାନନ୍ଦ ପାତ୍ର, ରେଖା ହେମ୍ବ୍ରମ, ଅବସରପ୍ରାପ୍ତ ବନଅଧିକାରୀ ଗିରିଧାରୀ ବେହେରା, ରାଜସ୍ୱ ସୁପରଭାଇଜର ପ୍ରମୁଖ ଉପସ୍ଥିତ ରହି ଭାରତବର୍ଷର ପ୍ରଥମ ଗଡ଼ଜାତ ରାଜ୍ୟ ନୀଳଗିରି ସ୍ୱାଧୀନ ଭାରତରେ ସମ୍ମିଶ୍ରଣ ପରେ ନୀଳଗିରିକୁ ସ୍ୱତନ୍ତ୍ର ଅଧିକାର ପ୍ରଦାନ ପାଇଁ ଆଇନ ରହିଥିବା ବେଳେ ନୀଳଗିରିକୁ ଜିଲ୍ଲାମାନ୍ୟତା ଆମର ନାର୍ଯ୍ୟ ଅଧିକାର ବୋଲି ମତ ରଖିଥିଲେ।

ଏନେଇ ବାରମ୍ବାର ଦାବି ହୋଇଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନନେବା ନୀଳଗିରିବାସୀଙ୍କ ପାଇଁ ଉପହାସ ସଦୃଶ। ତେଣୁ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବାକୁ ନୀଳଗିରିବାସୀଙ୍କୁ ଆହ୍ୱାନ ଦେବା ସହିତ ଖୁବଶୀଘ୍ର ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥହୋଇ ପକ୍ଷ ରଖିବାକୁ କାର୍ଯ୍ୟକାରୀକମିଟି ତରଫରୁ ସୂଚନା ଦିଆଯାଇଛି। ଏଥିସହିତ ଆଗାମୀ ମାର୍ଚ୍ଚ ୨୧ତାରିଖ ସାଧାରଣ ପରିଷଦ ବୈଠକ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

# ଅଭାବୀ ବିକ୍ରିର ଶିକାର ଟମାଟୋ ଚାଷୀ

## ଦର ୨ ଟଙ୍କାରୁ ବି କମ୍

## କାମରେ ଲାଗୁନି ୧୫ ଲକ୍ଷର ଶୀତଳ ଭଣ୍ଡାର

ହିଞ୍ଜିଳିକାଟୁ,୧୮।୨ (ସଂଚାର ବ୍ୟୁରୋ): ଟମାଟର ଅଭାବି ବିକ୍ରିକୁ ନେଇ ଚିନ୍ତାରେ ହିଞ୍ଜିଳି ବ୍ଲକର ଚାଷୀ। ଚାଷ ପାଇଁ ଯେତେ ଟଙ୍କା ଖର୍ଚ୍ଚ କରିଥିଲେ, ସେତିକି ପାଇବା ମୁସ୍କିଲ ହୋଇପଡିଲାଣି । ଧାର କରଜ କରି ଚାଷ କରିଥିଲା ଚାଷୀ । ହେଲେ ଅମଳ ବେଳେ ଅଭାବି ବିକ୍ରି ଚାଷୀଙ୍କ ପାଇଁ କାଳ ସାଜିଛି । ଯେତିକି ଟଙ୍କା ଖର୍ଚ୍ଚ କରି ଚାଷୀ ଚାଷ କରିଥିଲେ ତାର ମୂଲ୍ୟ ମିଳୁନଥିବାରୁ ଚାଷୀଙ୍କ ସମସ୍ୟା ବଢ଼ିଯାଇଛି । ପରିସ୍ଥିତି ଏପରି ହୋଇଛି କିଲୋପିଛା ୩-୪ ଟଙ୍କାରେ ଟମାଟୋ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି ହିଞ୍ଜିଳି ବ୍ଲକର ଚାଷୀ ।

ସୂଚନା ପ୍ରକାରେ, ହିଞ୍ଜିଳି ବ୍ଲକ ଅନ୍ତର୍ଗତ ବୁରୁପଡା, ଖଣ୍ଡରା, ଶିକିରି, ଖଣ୍ଡରା, ଚାନ୍ଦୁଲି, ରାଳବ ଆଦି ପଞ୍ଚାୟତର ଅଧିକାଂଶ ଚାଷୀ ଟମାଟୋ ଚାଷ ଉପରେ






ନିର୍ଭରଶୀଳ କରୁଛନ୍ତି । ଚଳିତ ବର୍ଷ ଏକର ଏକର ବିଲରେ ଟମାଟୋ ମଧ୍ୟ ଭଲ ଫଳିଥିଲା । କିନ୍ତୁ କିଛି ଦିନ ତଳେ ଟମାଟୋ କିଲୋ ପ୍ରତି ୨୦ ରୁ ୨୫ ଟଙ୍କାରେ ବିକ୍ରି ହେଉଥିଲା । ହଠାତ୍ ଦର ୧୦ ଟଙ୍କାକୁ ଖସିଯାଇଛି। ତେବେ ଏକର ପିଛା ୨୦ରୁ ୩୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ସମୟରେ ୫ ହଜାର ଟଙ୍କା ମଧ୍ୟ ମିଳିନଥିବା ଦୁଃଖର ସହ କହିଛନ୍ତି ଚାଷୀ । ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳୁ ନଥିବାରୁ ଚାଷୀ ଜମିରୁ ଟମାଟୋ ତୋଳୁନାହାନ୍ତି। ଫଳରେ ଏକର ଏକର ଟମାଟୋ ଜମିରେ ପଚିଗଲାଣି ।

ଅନ୍ୟପକ୍ଷରେ ୨୦୧୯ ବର୍ଷ ନିୟନ୍ତ୍ରିତ ବଜାର ପରିସରରେ ୧୫ ଲକ୍ଷ ଟଙ୍କା ବ୍ୟୟରେ ୩୦ ମେଟ୍ରିକ ଟନ୍ ବିଶିଷ୍ଟ ଶୀତଳ ଭଣ୍ଡାର ପାଇଁ କୋଠା ତିଆରି ହୋଇଥିଲା କିନ୍ତୁ ବର୍ତ୍ତମାନ ଯାଏଁ ଏହା କାର୍ଯ୍ୟକ୍ଷମ ହୋଇପାରୁନି । କୋଠା ନିର୍ମାଣ ପାଇଁ ଆସିଥିବା ୧୫ଲକ୍ଷ ଟଙ୍କା ଅର୍ଥଶ୍ରାଦ୍ଧ ଭଳି ମନେ ହେଉଛି । ବହୁ ଚାଷୀମାନେ ଶୀତଳଭଣ୍ଡାର ସୁବିଧା ନ ଥିବାରୁ ଚାଷ କାମରୁ ମୁହଁ ଫେରାଉଛନ୍ତି । ପ୍ରତିଥର ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି । ସରକାରଙ୍କ ପାଖରେ ଖବର ବି ପହଞ୍ଚୁଛି । କିନ୍ତୁ ସରକାର ତାଙ୍କ କୁମ୍ଭକର୍ଣ୍ଣ ନିଦରୁ ଉଠୁନାହାନ୍ତି। ତେବେ ତୁରନ୍ତ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ଚାଷୀ ଓ ଚାଷୀ ସଂଗଠନ ମାନେ ଦାବି କରିଛନ୍ତି।

# ସଙ୍କଟାପନ୍ନ ଅବସ୍ଥାରେ ବୃଦ୍ଧା



କଳାହାଣ୍ଡି,୧୮।୨ (ସଂଚାର ବ୍ୟୁରୋ): ଏମିତି ଏକ ଘଟଣା ଦେଖିବାକୁ ମିଳୁଛି କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ ପାଇକ କେଣ୍ଡୁମୁଣ୍ଡି ପଞ୍ଚାୟତରେ। ସେହି ଗ୍ରାମରେ ଜଣେ ବୃଦ୍ଧା ମହିଳା ସଙ୍କଟାପନ୍ନ ଅବସ୍ଥାରେ ଆର୍ତ୍ତ ଚିତ୍କାର କରୁଛି। ତାଙ୍କର କେହି ମଧ୍ୟ ନାହାନ୍ତି, ଯାହା ଫଳରେ ସେ ରୋଗାଗ୍ରସ୍ତ ହୋଇ ଘରେ ପଡି ରହିଛନ୍ତି। ତାଙ୍କ ଦୁଃଖ ବୁଝିବାକୁ କେହି ନଥିବାରୁ ବର୍ତ୍ତମାନ ତାଙ୍କୁ ଚିକିତ୍ସାର ନିତାନ୍ତ ଆବଶ୍ୟକତା ରହିଛି। ଏହି ବୃଦ୍ଧ ମହିଳା କଥା ହେବାର ମଧ୍ୟ ସାମର୍ଥ୍ୟ ହେଇପାରୁ ନାହାଁନ୍ତି। ବୃଦ୍ଧ ମହିଳାର ଦୁଃଖ ପ୍ରଶାସନ କେବେ ବୁଝିବେ ତାହା ଦେଖିବାକୁ ବାକି ରହିଲା।

## ମହିଳା ନିଖୋଜ



ଯାଜପୁର ରୋଡ଼,୧୮।୨ (ସଂଚାର ବ୍ୟୁରୋ): କୋରେଇ ବ୍ଲକ ଅନ୍ତର୍ଗତ ତାହାରପୁର ଗ୍ରାମପଂଚାୟତର ତାହାରପୁର ଗ୍ରାମର ଜୈନିକ ଧର୍ମପରାୟଣ ମହିଳା ବିଗତ ତା ୧୦ ରିଖଦିନ ଅପରାହ୍ନରେ କେଉଁ ଆଡେ ଚାଲି ଯାଇଛନ୍ତି। ତାଙ୍କ ପରିଚୟ ସେ ନାରାୟଣ ସାହୁ'ଙ୍କ ଧର୍ମପତ୍ନୀ ଅନ୍ନପୂର୍ଣ୍ଣା ସାହୁ(୪୭), ଡାକନାମ (କୁନ୍ତ) ହୋଇଥିବା ବେଳେ ଘରୁ ନିଖୋଜ ହେବାଦିନ ସେ ପିଆଜି ଏବଂ ଗୋଲାପି ରଙ୍ଗର ଶାଢ଼ୀ ପିନ୍ଧିଥିଲେ। ପରିବାରର ଲୋକେ ତାଙ୍କୁ ବହୁ ଖୋଜା ଖୋଜି କରିବା ପରେ ନିରାଶ ହୋଇ ଭାଙ୍ଗି ପଡିଛନ୍ତି। ତେଣୁ କୌଣସି ସହୃଦୟ ବ୍ୟକ୍ତି ଯଦି ଏହି ଖବରପାଇ ଉକ୍ତ ଧର୍ମପରାୟଣ ମହିଳାଙ୍କୁ ଦେଖିବାକୁ ପାଆନ୍ତି ତେବେ (୮୨୪୯୫୫୪୪୧୭) (୮୮୯୫୭୯୩୭୦୧) ଏହି ଫୋନ ନମ୍ବରରେ ଯୋଗାଯୋଗ କରିବା ଲାଗି ତାଙ୍କ ପରିବାର ତରଫରୁ ନିବେଦନ କରାଯାଇଅଛି।

# କତରକେଲାରେ ଓଭରବ୍ରିଜ ନିର୍ମାଣ ଦାବି

କଳାହାଣ୍ଡି,୧୮।୨ (ସଂଚାର ବ୍ୟୁରୋ): କେସିଙ୍ଗା ସିଟିଜେନ ଫୋରମ ପକ୍ଷରୁ ରବିବାର ଅନୁଷ୍ଠିତ ବୈଠକରେ ନିମନ୍ତ୍ରିତ ଅତିଥି ଭାବେ ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନଙ୍କୁ ୩ ଦଫା ଦାବିପତ୍ର ରବିବାର ପ୍ରଦାନ କରାଯାଇଛି। କେସିଙ୍ଗା ସହରସ୍ଥିତ ସରକାରୀ ହାଇସ୍କୁଲ ପରିସରରେ ସିଟିଜେନ ଫୋରମର ସଭାପତି ଡ. ହେମସାଗର ସାହାଙ୍କ ନେତୃତ୍ୱରେ ବୈଠକ କରାଯାଇଥିଲା। ଲିଖିତ ସମସ୍ୟା ଉପରେ ଦୃଷ୍ଟିଦେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। କେସିଙ୍ଗା -ଟିଟିଲାଗଡ଼ ରାସ୍ତା ସହିତ ଜଡିତ କେତେ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ତା'ର ସମାଧାନ ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେଲନଦୀ ଉପରେ ବ୍ରିଜ ନିର୍ମାଣ ଫଳରେ କେସିଙ୍ଗା-ଟିଟିଲାଗଡ ରାସ୍ତାର ଗୁରୁତ୍ୱ ବଢ଼ିଛି। ଖୁବ କମ ସମୟରେ କେସିଙ୍ଗା ଓ ଟିଟିଲାଗଡକୁ ଯାତାୟାତ ପାଇଁ ଏହି ରାସ୍ତା ବିଶେଷ ସହାୟକ




ହୋଇପାରିଛି। କିନ୍ତୁ ରାସ୍ତାର କେତେକ ସ୍ଥାନରେ ସଂକୀର୍ଣ୍ଣତା ଓ ଅତ୍ୟଧିକ ବୁଲାଣୀ ତଥା କତରକେଲା ଥିବା ରେଲ ଫାଟକ ସମସ୍ତ ଯାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ତେଣୁ କତରକେଲାଠାରେ ଓଭରବ୍ରିଜ ନିର୍ମାଣ ପାଇଁ ଦାବି କରାଯାଇଛି।

କେସିଙ୍ଗା-ଟିଟିଲାଗଡ ରାସ୍ତା ଦୁଇ ସହରର ଦୂରତା ହ୍ରାସ କରିଛି। କିନ୍ତୁ ଏବେ କତରକେଲାରେ ଥିବା ରେଲଫାଟକ ଲୋକଙ୍କ ପାଇଁ ବଡ ସମସ୍ୟା ହୋଇଛି। ଅଧିକ ଟ୍ରେନ ଚଳାଚଳ ହେଉଥିବାରୁ ଅନେକ ସମୟରେ ଫାଟକ ବନ୍ଦ ରହୁଛି। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଓଭରବ୍ରିଜ ନିର୍ମାଣ ଲାଗି ସଙ୍ଗଠନର ସଭାପତି ଡ. ହେମ ସାଗର ସାହା କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତେଣୁ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

# ଅସାମାଜିକଙ୍କ ଆକ୍ରମଣରେ ଢାବା କର୍ମଚାରୀ ଗୁରୁତର

ବୈଶିଙ୍ଗା,୧୮।୨ (ସଂଚାର ବ୍ୟୁରୋ): ବୈଶିଙ୍ଗା ଅଞ୍ଚଳରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟ କଳାପ ବୃଦ୍ଧି ପାଉଥିବାର ଲକ୍ଷ୍ୟ କରାଯାଉଛି। ବୈଶିଙ୍ଗା ଥାନା ଅର୍ନ୍ତଗତ ୧୮ନଂ ଜାତୀୟ ରାଜପଥର ଗଡଦେଉଳିଆଠାରେ ଥିବା ଏକ ଢ଼ାବା କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ସୂଚନା ମୁତାବକ ରବିବାର ରାତି ଏଗାରଟା ସମୟରେ ଏଠାରେ ଥିବା "ମ୍ୟାନେଜର ସିଂ" ନାମକ ଏକ ଫ୍ୟାମିଲି ଢ଼ାବାର କର୍ମଚାରୀ ଏହି ଥାନା ଅଧିନ ଜାନିକାଦେଇପୁର ଗ୍ରାମର କମଳାକାନ୍ତ ସେନାପତି ଶୌଚ ହେବାପାଇଁ ଢ଼ାବା ପଛପଟକୁ ଯାଇଥିବା ବେଳେ ସେଠାରେ ଅନ୍ଧାରରେ ଲୁଚି ରହିଥିବା କୌଣସି ଦୁର୍ବୃତ୍ତ ହଠାତ୍ ଏକ ମାରଣାସ୍ତ୍ର ଦ୍ୱାରା କମଳାକାନ୍ତଙ୍କୁ ବାରମ୍ବାର ହାଣି ଚାଲିଥିଲେ। କମଳାକାନ୍ତଙ୍କ ଚିତ୍କାର ଶୁଣି ଢ଼ାବାରେ ଥିବା ଲୋକମାନେ ଦୌଡି ଯାଇଥିଲେ। ହେଲେ ସେତେବେଳକୁ ଦୁର୍ବୃତ୍ତ ଅନ୍ଧାରରେ ଫେରାର ହୋଇଯାଇଥିଲା ଏବଂ କମଳାକାନ୍ତ ରକ୍ତ ଜୁଡୁ ବୁଡୁ ଅବସ୍ଥାରେ ତଳେ ପଡିଥିଲେ। ତାଙ୍କୁ ତୁରନ୍ତ ବୈଶିଙ୍ଗା ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଅବସ୍ଥା ସଙ୍କଟାପନ୍ନ ଥିବା ଯୋଗୁଁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବାର ଜଣା ଯାଇଛି । ଘଟଣା ସଂପର୍କରେ ଖବର ପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଏହି ଘଟଣା ପାଇଁ ସାଧାରଣରେ ଆତଙ୍କ ଖେଳିଯାଇଛି ।

# ଲେଫ୍ରିପଡ଼ାରେ ଜନ ଅଭିଯୋଗ ଶୁଣାଣି



ସୁନ୍ଦରଗଡ଼,୧୮।୨ (ସଂଚାର ବ୍ୟୁରୋ): ଲେଫ୍ରିପଡା ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଅଛି। ଏଥିରେ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୭୪ ଗୋଟି ଅଭିଯୋଗ ଆସିଥିଲା, ସେଥି ମଧ୍ୟରୁ ୨୯ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୫୧ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୨୭ ଗୋଟି ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୮ ଗୋଟି ଆବେଦନ ରହିଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ଲେଫ୍ରୀପଡା ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

# ଶବଦାହ ଗୃହ ନିର୍ମାଣ ଦାବି

ସୋନପୁର,୧୮।୨ (ସଂଚାର ବ୍ୟୁରୋ): ସୋନପୁର ବ୍ଲକ ମଲ୍ଲିକମୁଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦେଉଳି ଗ୍ରାମରେ ଥିବା ଶ୍ମଶାନରେ ଶବଦାହ ଗୃହ ନିର୍ମାଣ ନିମନ୍ତେ ଦାବି ହେଉଛି। ଦେଉଳି ଗ୍ରାମ ନିକଟରେ ବୋହି ଯାଉଥିବା ନାଳ ଠାରେ ଶ୍ମଶାନ ରହିଛି। ତେବେ ଶ୍ମଶାନରେ ଶବ ସତ୍କାର ପାଇଁ ଶବଦାହ ଗୃହ ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇପାରିନାହିଁ। ଯାହାଫଳରେ ବର୍ଷା ଦିନରେ କାହାରି ମୃତ୍ୟୁ ଘଟିଲେ ଦାହ କାର୍ଯ୍ୟ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀ ବହୁବାର ଶବଦାହ ଗୃହ ନିର୍ମାଣ ପାଇଁ ଗ୍ରାମ ସଭା ଠାରୁ ଆରମ୍ଭ କରି ପଞ୍ଚାୟତ ଏବଂ ବ୍ଲକ ଅଫିସରେ ମଧ୍ୟ ଦାବି କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶବଦାହ ଗୃହ ନଥିବା ଯୋଗୁଁ ବହୁ ସମୟରେ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ତେଣୁ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଶ୍ମଶାନ ଘାଟରେ ଶବଦାହ ଗୃହ ଏବଂ ବିଶ୍ରାମ ଗୃହ ନିର୍ମାଣ, ସୋଲାର ଲାଇଟ୍ ବ୍ୟବସ୍ଥା ସହ ପାନୀୟ ଜଳ ବ୍ୟବସ୍ଥା ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୫୦କେଜି ଗଞ୍ଜେଇ ଓ ଅଟୋ ଜବତ, ୨ ଗିରଫ

ସୁବର୍ଣ୍ଣପୁର,୧୮।୨ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ରକ୍ସା ଛକ ପାଖରୁ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଦୁଇ ଜଣ ଚୋରା ଚାଲାଣ କରୁଥିବା ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅବକାରୀ ବିଭାଗ କୌଣସି ସୁତ୍ରରୁ ଖବର ପାଇ ସୋନପୁର - ସମ୍ବଲପୁର ରାସ୍ତାରେ ଯାଞ୍ଚ କରୁଥିବା ବେଳେ ବୌଦ୍ଧ ପଟରୁ ଆସୁଥିବା ଏକ ବଜାଜ ଅଟୋ ରିକ୍ସା ନଂ ୟୁପି୫୫ଟି୬୩୫୬କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୨ଟି ଜରି ଅଖାରେ ଭର୍ତ୍ତି ଥିବା ୫୦ କେଜି ଗଞ୍ଜେଇ ଜବତ କରିବା ସହ ଗାଡିରେ ଥିବା ୨ ଜଣ ବେପାରୀ ବିହାରର ବୁକ୍ସାସରା ଜିଲ୍ଲା ଖତିବା ନିବାସୀ ଚନ୍ଦନ କୁମାର ଗୋଡ଼,(୨୭) ବିଜୟ ରାଜବର (୨୬) ଗିରଫ କରିଛି ଅବକାରୀ ବିଭାଗ। ତେବେ ଅଭିଯୁକ୍ତ ମାନଙ୍କୁ ବୁଧବାର କୋର୍ଟ ଚଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।



# ଯାଜପୁର ରୋଡ-ଧାମରା ରେଳପଥ ପାଇଁ ଆଲୋଚନା

ଦଶରଥପୁର,୧୮।୨ (ସଂଚାର ବ୍ୟୁରୋ): ଧାମରା ଯାଜପୁର ରୋଡ଼ ରେଳ ଲାଇନ ପ୍ରତିଷ୍ଠା ପାଇଁ ଦୀର୍ଘ ଦିନ ଧରି ଯାଜପୁର ରେଳ ବିକାଶ ମଞ୍ଚ ସଂଗ୍ରାମ ଜାରିରହିଥିବା ବେଳେ ଆଜି ଯାଜପୁର ସାଂସଦ ରବିନାରାୟଣ ବେହେରା ଓ ଯାଜପୁର ଜିଲ୍ଲାର ପୂର୍ବତନ ଜିଲ୍ଲା ବିଜେପି ସଭାପତି ଗୌତମ ରାୟ ଇଷ୍ଟ କୋଷ୍ଟ ରେଲୱେର ଜେନେରାଲ ମ୍ୟାନେଜରଙ୍କୁ ସାକ୍ଷାତ କରି ଯାଜପୁର କେନ୍ଦୁଝର ରୋଡ ଓ ଧାମରା ବିରଜା କ୍ଷେତ୍ର ଦେଇ ରେଳପଥ ପ୍ରୋଜେକ୍ଟ ମଞ୍ଜୁରୀ କରିବା ସହ ଅନ୍ୟାନ୍ୟ ରେଳ ସମସ୍ୟା ଯଥା ଯାଜପୁର ରୋଡ ଷ୍ଟେସନର ଉନ୍ନତିକରଣ, ବଇରୀ



ଷ୍ଟେସନରେ ଗାନ୍ଧୀ ସ୍ମୃତି ସ୍ଥାପନ, ବାଲିଚନ୍ଦ୍ରପୁର ଷ୍ଟେସନ ପ୍ରତିଷ୍ଠା, ଯାଜପୁର ରୋଡ ଷ୍ଟେସନରୁ ପର୍ସେଲ ସେଣ୍ଟର ନ ହଟେଇବା ଏବଂ ଅନ୍ୟାନ୍ୟ ଓଭର୍ ବ୍ରିଜ ବିଷୟରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯାଜପୁର ରୋଡ଼ ଧାମରା ରେଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଏଥିରେ ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲ୍ଲାର ଲୋକ ମାନେ ଉପକୃତ ହୋଇପାରିବେ।

# ଦାନଗଦୀ-ବଙ୍ଗୋରୋକୋଟା ରାସ୍ତା ମରଣଜନ୍ତା

କଳିଙ୍ଗନଗର,୧୮।୨ (ସଂଚାର ବ୍ୟୁରୋ): ଦାନଗଦୀରୁ ବଙ୍ଗୋରୋକୋଟାକୁ ଯାତାୟାତ ପାଇଁ ହୋଇଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉପରେ ଦୈନିକ ହଜାର ହଜାର ଲୋକ ବ୍ଲକ ଓ ବଜାର, ଶିଳ୍ପାଞ୍ଚଳକୁ ଯାତାୟାତ କରିବା ପାଇଁ ନିର୍ଭର କରିଥାନ୍ତି। କିନ୍ତୁ ଦୁଃଖ ଦୁର୍ଭାଗ୍ୟର କଥା ସମସ୍ତଙ୍କ ଲାଇଫ ଲାଇନ ହୋଇଥିବା ଏହି ରାସ୍ତାଟି ଆଜି କିଛି ଦୁର୍ନୀତିଖୋର ଅଫିସର ଓ ଠିକାଦାର, ନେତାଙ୍କ ପାଇଁ ମରଣଯନ୍ତାରେ ପରିଣତ ହୋଇଛି। ଦାନଗଦିରେ ନିର୍ମାଣ ବିଭାଗ ପକ୍ଷରୁ ହେଉଥିବା ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଦେଖିବାକୁ ମିଳୁଛି।

ସରକାରଙ୍କ ତରଫରୁ ବିପର୍ଯ୍ୟସ୍ତ ରାସ୍ତାର ଉନ୍ନତୀକରଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। କେଉଁଠି କଂକ୍ରିଟ୍ ତ ଅନ୍ୟ କେଉଁଠି ପିଚୁ



**ନିମ୍ନମାନର କାମ ଅଭିଯୋଗ**

ରାସ୍ତା କରାଯାଉଛି । ହେଲେ କାମ ସମ୍ପୂର୍ଣ୍ଣ ହେବାର ଦିନ କେଇଟାରେ ରାସ୍ତା ଫାଟି ଆଁ କରୁଛି। ଖବର ମୁତାବକ, ୧୬ ନମ୍ବର ଜାତୀୟ ରାଜପଥର ଦାନଗଦି ଛକ ଠାରୁ ବଙ୍ଗୋରକୋଟା ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଗତ ୪ବର୍ଷ ତଳୁ ଶେଷହୋଇଛି। ନିମ୍ନମାନର କାମ ଯୋଗୁଁ ପିଚୁ ରାସ୍ତା ନିର୍ମାଣର ଦିନ କେଇଟାରେ ରାସ୍ତା ବିଭିନ୍ନ ସ୍ଥାନରେ ଫାଟି ଆ କରିଛି। ଏହି ରାସ୍ତାର ଚିତ୍ରୀ ପଞ୍ଚାୟତ ର ନୂଆଗାଁ ଠାରୁ ରଣାଗୁଣ୍ଡି ମଧ୍ୟରେ ରାସ୍ତା ଫାଟି ୨ଶହ ମିଟର ଫାଟ ସୃଷ୍ଟି ହୋଇଛି। ରାସ୍ତାରେ ପିଚୁ ଉଠିଗଲାଣି, ସାଇକଲରେ ଯାଉଥିବା ଲୋକେ, ମଟର ସାଇକେଲ ଓ ସ୍କୁଲ୍ ଛାତ୍ରଛାତ୍ରୀ ଏହି ଫାଟ ଗୁଡ଼ିକ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋଟିକୋଟି ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରାଯାଉଥିବା ଏହି ରାସ୍ତାଗୁଡ଼ିକ ମାତ୍ର କେଇଟା ବର୍ଷରେ କାହିଁକି ନଷ୍ଟ ହୋଇଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଆବାସ ଗୃହ ସର୍ଭେ ପାଇଁ ବାଧକ ସାଜୁଛି ନେଟୱାର୍କ

ଭବାନୀପାଟଣା,୧୮।୨ (ସଂଚାର ବ୍ୟୁରୋ): ସରକାରଙ୍କ ନିର୍ଦ୍ଦେଶ ରହିଛି ପଞ୍ଚାୟତର ପ୍ରତ୍ୟକ ଗାଁକୁ ଯାଇ ଅନଲାଇନ ସର୍ଭେ କରି ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ତାଲିକା ଅନ୍ତର୍ଭୁକ୍ତ କରିବା ପାଇଁ। ଏହି ସର୍ଭେ କରିବା ପାଇଁ ପ୍ରତ୍ୟକ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ ସମେତ ଜିଓ ଟେକରଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ଗାଁକୁ ଯାଇ ଘରକୁ ଘର ବୁଲି ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଅନଲାଇନ ସର୍ଭେ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଲିକା ଅନ୍ତର୍ଭୁକ୍ତ କରୁଛନ୍ତି । ହେଲେ ପରିତାପର ବିଷୟ ଡିଜିଟାଲ ଭାରତରେ ମଧ୍ୟ ଏବେ ଯାଏଁ ଲୋକେ ନେଟୱାର୍କ ପାଇଁ ଅନେକ ସମସ୍ୟା ଭୋଗୁଛନ୍ତି। ପଞ୍ଚାୟତରେ ଅନେକ ଗୁଡ଼ାଏ ନିର୍ଦ୍ଦିଷ୍ଟ କମ୍ପାନୀର ନେଟୱାର୍କ ସ୍ଥାପନ ହୋଇଛି ସତ କିନ୍ତୁ ଫୋନ୍ କଲ ବ୍ୟତୀତ କୌଣସି ନେଟୱର୍କର ସୁବିଧା ପାଇପାରୁ ନାହାନ୍ତି। ଯାହାଫଳରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ଅନଲାଇନ ସର୍ଭେ ପାଇ ଲୋକେ ପାହାଡ ଚଢୁଥିବାର ଚିତ୍ର ଦେଖିବାକୁ ମିଳୁଛି।

ଏହିଭଳି ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଆଦିବାସୀ ଅଧ୍ୟୁଷିତ ପାହାଡ ପଦର ପଞ୍ଚାୟତରେ। ଏହି ପଞ୍ଚାୟତରେ ମୋଟ ୧୫ଟି ଗାଁ ରହିଥିବା ବେଳେ କେବଳ କାଞ୍ଚନମୁଖି ଗାଁର ଏକ



**ଅନଲାଇନ ସର୍ଭେ ପାଇଁ ପାହାଡ଼ ଉପରେ ଭିଡ଼**

ପାହାଡ଼ରେ ଅଳ୍ପଟିକେ ନେଟ ଚାଲୁଥିବାରୁ ସେହି ପାହାଡ଼ରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ଅନଲାଇନ ପାଇଁ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଉକ୍ତ ପଞ୍ଚାୟତରେ ଅନେକ ସ୍ଥାନରେ ନେଟୱର୍କ ସ୍ଥାପନ ହୋଇଛି ସତ ହେଲେ ଏବେ ଯାଏଁ ଠିକ ଭାବରେ ଫୋନ୍ କଲ ବ୍ୟତୀତ କୌଣସି ନେଟୱର୍କରେ ନେଟ ଚଳାଇବାର ବ୍ୟବସ୍ଥା ହୋଇନାହିଁ। ସେହିପରି ବିଜେପୁର, ମାଳିଯୁବାଙ୍ଗ, ତ୍ରିଲୋଚନ ପୁର, ବେଡାଗାଁ ପଞ୍ଚାୟତରେ ମଧ୍ୟ ନେଟୱର୍କ ସମସ୍ୟା ରହିଛି। ତେବେ ଏହି ଅଞ୍ଚଳରେ ବର୍ତ୍ତମାନ ନେଟୱାର୍କ ସମସ୍ୟା ରହିଥିବାରୁ ଚିନ୍ତାରେ ହିତାଧିକାରୀ ଓ ସର୍ଭେ କରୁଥିବା କର୍ମଚାରୀମାନେ। ତେଣୁ ଏହି ଅଞ୍ଚଳର ନେଟୱାର୍କ ସମସ୍ୟାକୁ ଯଥା ସମ୍ଭବ ଜିଲ୍ଲା ଓ ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ ଓ ଅଷ୍ଟମ ପ୍ରହରୀ ନାମଯଜ୍ଞ

ବେତନଟୀ,୧୮।୨ (ସଂଚାର ବ୍ୟୁରୋ): ବେତନଟୀ ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଧୋବଣିଶୋଳ ଠାରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ ଓ ଅଷ୍ଟମ ପ୍ରହରୀ ନାମଯଜ୍ଞ ଶନିବାର ଦିନ ଆରମ୍ଭ ହୋଇ ସୋମବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଏହି ପ୍ରଥମ ବାର୍ଷିକ ଉତ୍ସବ ଓ ଅଷ୍ଟମ ପ୍ରହରୀ ନାମଯଜ୍ଞରେ ମୁଖ୍ୟ କର୍ତ୍ତା ଭାବରେ ମହେଶ୍ୱର ମହାନ୍ତ ଏବଂ ଭବାନୀ ଶଙ୍କର ମହାନ୍ତ ଦାୟିତ୍ୱ ସମ୍ପାଦନ କରିଥିଲେ । ସଭାନେତ୍ରୀ ସୁବର୍ଣ୍ଣମଇ ମହାନ୍ତ, ସମ୍ପାଦକ ବୁଧୁ ସିଂ, କୋଷାଧ୍ୟକ୍ଷା କବିତା ମହାନ୍ତ, ସହସମ୍ପାଦକ ତ୍ରିଲୋଚନ ମହାନ୍ତ, ସସ୍ମିତା ମହାନ୍ତ, ଜ୍ୟୋସ୍ନା ସିଂ, ସଂଯୁକ୍ତା ମହାନ୍ତ, ଲକ୍ଷ୍ମୀପ୍ରିୟା ମହାନ୍ତ, ରତ୍ନମଣି ମହାନ୍ତ, ନିନି ସିଂ, ଫୁଲ ସିଂ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ ।



# ଯୁଗ୍ମ ଜନଅଭିଯୋଗ ଶୁଣାଣି



ଜଗତସିଂହପୁର,୧୮।୨ (ସଂଚାର ବ୍ୟୁରୋ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଜେ. ସୋନାଲ (ଭା.ପ୍ର.ସେ) ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୯୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୮୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୪ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୦୬ ଟି, ଆବାସ ଯୋଜନା ସମ୍ପର୍କୀୟ ୦୩ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୩୨ ଟି, ଭତ୍ତା ପାଇବା ପାଇଁ ୦୭ ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ସହାୟତା ନିମନ୍ତେ ୦୧ ଟି, ପୋଲିସ ସହାୟତା ପାଇବା ପାଇଁ ୦୬ଟି ଏବଂ ଅନ୍ୟାନ୍ୟ ୨୨ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୦୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଓ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।